- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-355 ♦TUESDAY ♦23 JUNE 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୫୫ ♦ମଙ୍ଗଳବାର ♦୨୩ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ସେପ୍ଟେମ୍ବର ୧୮ରେ 'ଦାୟରା'

▶ପୃଷ୍ଠା ୧୧ ଦେଖନ୍ତୁ...

# ୧୨୬ ବର୍ଷର ଇତିହାସରେ ଦ୍ୱିତୀୟ ଥର ସବୁଠାରୁ ଶୁଖିଲା ଜୁନ୍

■ ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ଭାରତ ଚଳିତ ବର୍ଷ ତା'ର ୧୨୬ ବର୍ଷର ମୌସୁମୀ ଇତିହାସରେ ଦ୍ୱିତୀୟ ସବୁଠାରୁ ଶୁଖିଲା ଜୁନ୍ ମାସର ସମ୍ମୁଖୀନ ହେଉଛି। ଜୁନ୍ ୨୧ ତାରିଖ ସୁଦ୍ଧା ଦେଶରେ ସ୍ୱାଭାବିକ ଠାରୁ ପ୍ରାୟ ୪୨.୨ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି। ଏଭଳି ସ୍ଥିତିରେ ଦେଶର କେତେକ ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅନ୍ୟ କେତେକ ସ୍ଥାନରେ କୁଆପଥର ବର୍ଷା ଏବଂ ପ୍ରବଳ ବର୍ଷା ଯୋଗୁଁ ପାଣିପାଗରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି।

ଚଳିତ ମାସରେ ଦେଶରେ ମାତ୍ର ୫୭.୪ ମିଲିମିଟର ବର୍ଷା ହୋଇଛି। ଏହାପୂର୍ବରୁ ୨୦୦୯ ମସିହାରେ ସବୁଠାରୁ ଶୁଖିଲା ଜୁନ୍ ମାସ ରେକର୍ଡ କରାଯାଇଥିଲା,ଯେଉଁଠାରେ ବର୍ଷାର ପରିମାଣ ୪୯ ପ୍ରତିଶତ କମ୍ ଥିଲା। ତେବେ ଦୁଇ ସପ୍ତାହର ବିରତି ପରେ ବଙ୍ଗୋପସାଗରରେ ଏକ ନୂତନ ପାଣିପାଗ ପ୍ରଣାଳୀ ସକ୍ରିୟ ହେଉଥିବାରୁ ମୌସୁମୀ ବାୟୁ ପୁଣି ଆଗକୁ ବଢ଼ିବା ନେଇ ଆଶା ସୃଷ୍ଟି ହୋଇଛି। ଉପଗ୍ରହ

## ଜୁନ୍ ୨୧ ସୁଦ୍ଧା ରେକର୍ଡ ୪୨.୨ ପ୍ରତିଶତ କମ୍ ବର୍ଷା

ଚିତ୍ରରୁ ଜଣାପଡ଼ିଛି ଯେ ବଙ୍ଗୋପସାଗରରୁ ଜଳୀୟବାଷ୍ପ ପୂର୍ଣ୍ଣ ପବନ ଦେଶର ପୂର୍ବ ଏବଂ କେନ୍ଦ୍ରୀୟ ଭାଗ ଆଡ଼କୁ ଅଗ୍ରସର ହେଉଛି। ଏହି ସମୟରେ ମେଘାଳୟର ମସିନରାମରେ ମାତ୍ର ୨୪ ଘଣ୍ଟାରେ ୫୩୦ ମିଲିମିଟର ପ୍ରବଳ ବର୍ଷା ହୋଇଥିବା ବେଳେ ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ହଠାତ କୁଆପଥର ମାଡ଼ ହୋଇଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ବିଦର୍ଭ ସମେତ ଦେଶର ୮ଟି ରାଜ୍ୟ ଏବେ ମଧ ଗ୍ରୀଷ୍ମ ପ୍ରବାହ ସହ ସଂଗ୍ରାମ କରୁଛନ୍ତି। ଉତ୍ତରପ୍ରଦେଶର ବାନ୍ଦା ୪୨.୬ ଡିଗ୍ରୀ ସେଲସିୟସ ତାପମାତ୍ରା ସହ ଦେଶର ସବୁଠାରୁ ଉତ୍ତପ୍ତ ସ୍ଥାନ ପାଲଟିଛି। ବିଦର୍ଭରେ ରାତିର ତାପମାତ୍ରା ମଧ ସ୍ୱାଭାବିକ ଠାରୁ ଅଧିକ ରହୁଛି। ମୌସୁମୀର ଏହି ମନ୍ଥର ଗତି ଯୋଗୁଁ କୃଷି କ୍ଷେତ୍ର ପ୍ରଭାବିତ ହୋଇଛି। ଗତ ବର୍ଷ ତୁଳନାରେ ଖରିଫ ଫସଲ ବୁଣା ପ୍ରାୟ ୩.୯ ପ୍ରତିଶତ ହ୍ରାସ ପାଇଛି। ଡାଲି ଜାତୀୟ ଫସଲ ଚାଷ ୪୩.୨ ପ୍ରତିଶତ ଏବଂ କପା ଚାଷ ୨୮ ପ୍ରତିଶତ ହ୍ରାସ ପାଇଛି। କେବଳ ଧାନ ବୁଣା କାର୍ଯ୍ୟରେ ୨୮.୪ ପ୍ରତିଶତ ବୃଦ୍ଧି ଘଟିଛି। ଦେଶର ପ୍ରମୁଖ ▶ପୃଷ୍ଠା-୭



## ଲକ୍ଷ୍ନୌ କୋଚିଂ ସେଣ୍ଟରରେ ଭୟଙ୍କର ଅଗ୍ନିକାଣ୍ଡ

# ୧୫ ଛାତ୍ରଛାତ୍ରୀ ଦଗ୍ଧ

■ ଲକ୍ଷ୍ନୌ, ୨୨।୬ (ଏଜେନ୍ସି): ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ଆଲିଗଞ୍ଜ ଅଞ୍ଚଳରେ ଆଜି ଅପରାହ୍ନରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଅତିକମରେ ୧୫ ଜଣ ଛାତ୍ରଛାତ୍ରୀ ପ୍ରାଣ ହରାଇଛନ୍ତି। ଏହି ନିଆଁରେ ଆହୁରି ଅନେକ ପିଲା ଆହତ ହୋଇଛନ୍ତି। ତେବେ ସେମାନଙ୍କର ସଂଖ୍ୟା ଜଣାପଡ଼ିନାହିଁ। ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହେଉଁ ବିଲଡିଂରେ ନିଆଁ ଲାଗିଥିଲା ସେଥିରେ ତଳ ମହଲାରେ ପେଟ୍ କ୍ଲିନିକ୍ ଏବଂ ଉପର ମହଲାରେ କୋଚିଂ ସେଣ୍ଟର ଥିବା ଜଣାପଡ଼ିଛି।



ଆଜି ଅପରାହ୍ନ ୩ଟାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ପ୍ରତ୍ୟକ୍ଷଦର୍ଶୀ ଏବଂ ଉଦ୍ଧାରକାରୀ ଦଳର ସୂଚନା ଅନୁଯାୟୀ, କୋଠାର ଦ୍ୱିତୀୟ ମହଲାରେ ଚାଲିଥିବା ଏକ କୋଚିଂ କେନ୍ଦ୍ର ତଥା ପାଠାଗାରରେ ଛାତ୍ରଛାତ୍ରୀମାନେ ପଢୁଥିବା ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଓ କଳା ଧୂଆଁରୁ ରକ୍ଷା ପାଇବା ପାଇଁ ଅନେକ ଛାତ୍ରଛାତ୍ରୀ ନିଜକୁ ଶୌଚାଳୟ ଭିତରେ ବନ୍ଦ କରିଦେଇଥିଲେ। କିନ୍ତୁ ଧୂଆଁ ଯୋଗୁଁ ଅନେକ ଛାତ୍ରଛତ୍ରୀ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ଚିକିତ୍ସାଳୟର ମୁଖପାତ୍ର ଡାକ୍ତର କେକେ ସିଂହ ଜଣାଇଛନ୍ତି ଯେ, ମୃତଦେହଗୁଡ଼ିକରେ ବାହ୍ୟ ପୋଡ଼ା ଦାଗ ବହୁତ କମ୍ ରହିଛି। ତେଣୁ ପ୍ରାଥମିକ

### ନିଆଁରୁ ବଞ୍ଚିବା ପାଇଁ ଶୌଚାଳୟରେ ପଶିଯାଇଥିଲେ

### ଉପର ମହଲାରୁ ଡେଇଁପଡ଼ି ଅନେକ ଆହତ

ଭାବେ ଘନ ଧୂଆଁ ଯୋଗୁଁ ଶ୍ୱାସରୁଦ୍ଧ ହୋଇ ସମସ୍ତଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଅନ୍ୟପଟେ ଜଣେ ଛାତ୍ର ଜୀବନ ରକ୍ଷା କରିବା ପାଇଁ ଉପର ମହଲାରୁ ତଳକୁ ଡେଇଁପଡ଼ିଥିଲେ, କିନ୍ତୁ ସେ ସେଠାରେ ଥିବା ଏକ ଲୁହା ବାଡ଼ (ଗ୍ରୀଲ୍) ଉପରେ ପଡ଼ିଯିବାରୁ ଗୁରୁତର ଭାବେ ଆହତ ହୋଇଛନ୍ତି।

ନିଆଁକୁ ଆୟତ୍ତ କରିବା ପାଇଁ ୧୦ରୁ ଅଧିକ ଅଗ୍ନିଶମ ବାହିନୀ ଗାଡ଼ି ଏବଂ ଏକ ବିଶେଷ ହାଇଡ୍ରୋଲିକ୍ ପ୍ଲାଟଫର୍ମ ବ୍ୟବହାର କରାଯାଉଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆରଏଫ୍) ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆରଏଫ୍)ର କର୍ମଚାରୀମାନେ କୋଠାର ପଛ ପଟ କାନ୍ଥକୁ ଭାଙ୍ଗି ମୃତଦେହ ଏବଂ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଘଟଣାସ୍ଥଳରେ ପହଞ୍ଚି ଆହୁରି ଅଧିକ ରୋଗୀବାହୀ ଗାଡ଼ି (ଆମ୍ବୁଲାନ୍ସ) ମଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କୋଠାର ତଳ ମହଲାରେ ଥିବା ପୋଷା ଜୀବଜନ୍ତୁଙ୍କ ଦୋକାନରୁ କେତେକ ପଶୁଙ୍କୁ ମଧ ସୁରକ୍ଷିତ ଭାବେ ଉଦ୍ଧାର ▶ପୃଷ୍ଠା-୭

## ରାମ ମନ୍ଦିର ଟ୍ରଷ୍ଟରେ ଦାନ ଦକ୍ଷିଣା ଚୋରି

# ହଟିଲେ ୪୦ କର୍ମଚାରୀ

■ ଲକ୍ଷ୍ନୌ, ୨୨।୬(ଏଜେନ୍ସି): ଅଯୋଧ ରାମମନ୍ଦିରରେ ଦାନ ଓ ଦକ୍ଷିଣା ହେରଫେର ଘଟଣା ସମ୍ପର୍କରେ ତଦନ୍ତ ରିପୋର୍ଟ ଏସ୍‌ଆଇଟି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଦାନ କରିଛି। ଏହି ସମୟରେ ରାମମନ୍ଦିର ନିର୍ମାଣରେ ବିପୁଳ ଅର୍ଥ ବ୍ୟୟକୁ ନେଇ ଟ୍ରଷ୍ଟ ସହ ଜଡ଼ିତ ବ୍ୟକ୍ତିମାନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଟ୍ରଷ୍ଟ ସହ ଜଡିତ କିଛି ଶୀର୍ଷ କର୍ମକର୍ତ୍ତାଙ୍କ ସମ୍ପର୍କୀୟମାନେ ବଡ଼ ଧରଣର ଦୁର୍ନୀତିରେ ସମ୍ପୃକ୍ତ ଥିବା ତଦନ୍ତ ସମୟରେ ଜଣାପଡ଼ିଥିବା କୁହାଯାଉଛି। ଦାନଦକ୍ଷିଣା ଗଣତି କାର୍ଯ୍ୟରେ ନିଯୁକ୍ତ ୪୦ କର୍ମଚାରୀଙ୍କୁ ହଟାଇ ଦିଆଯାଇଛି ଓ ସେମାନଙ୍କୁ ଅଯୋଧା ଛାଡ଼ି ବାହାରକୁ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।



### ୧୭ ଗୁଣା ଅଧିକ ମୂଲ୍ୟରେ କିଣାଯାଇଛି ଜମି

### ନିର୍ମାଣ ସାମଗ୍ରୀ କିଣାରେ ୪୦ ପ୍ରତିଶତ କମିଶନୀ

ଅଭିଯୋଗ ଅନୁସାରେ ରାମ ମନ୍ଦିର ପ୍ରକଳ୍ପ ପାଇଁ ପ୍ରାୟ ୧୦୭ ଏକର ଜମି ଆବଶ୍ୟକ ଥିବା ବେଳେ ଗତ ପାଞ୍ଚ ବର୍ଷ ମଧ୍ୟରେ ଟ୍ରଷ୍ଟ ପ୍ରାୟ ୫୦୦ ମିଟରରୁ ୩ କିଲୋମିଟର ପରିଧି ମଧ୍ୟରେ ଅନେକ ଜମି କ୍ରୟ ହୋଇଛି। ସରକାରୀ ଧାର୍ଯ୍ୟ ଦର (ବେଞ୍ଚମାର୍କ) ମୂଲ୍ୟଠାରୁ ଏହି ଜମିଗୁଡ଼ିକ ପ୍ରାୟ ୧୭ ଗୁଣ ଅଧିକ ମୂଲ୍ୟରେ କିଣା ଯାଇଥିବା ଅଭିଯୋଗ ହୋଇଛି। ଚନ୍ଦନ ରାୟ ଏହି ଜମି କିଣାବିକାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ସୂଚନା ମିଳିଛି। ଏପରିକି କିଛି ଜମି ମାତ୍ର କେଇ ମିନିଟ୍ ବ୍ୟବଧାନରେ ଦୁଇଥର ରେଜିଷ୍ଟ୍ରେସନ ହୋଇଛି। ଏସ୍‌ଆଇଟି ଏ ସଂକ୍ରାନ୍ତ ସମସ୍ତ ଦସ୍ତାବିଜ୍ ଜବତ କରିଛି ଓ ଏହାର ତଦନ୍ତ ଆରମ୍ଭ ହୋଇଛି।

ଅନ୍ୟପକ୍ଷରେ ତଦନ୍ତ ସମୟରେ ମନ୍ଦିର ନିର୍ମାଣ ପାଇଁ କ୍ରୟ ସାମଗ୍ରୀରେ ▶ପୃଷ୍ଠା-୭

# ସଭାପତି ପଦରୁ ମମତାଙ୍କୁ ହଟାଇଲେ ବିଦ୍ରୋହୀ

■ କୋଲକାତା, ୨୨।୬ (ଏଜେନ୍ସି): ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ନେତୃତ୍ୱକୁ ପ୍ରଥମ ଥର ଲାଗି ଚାଲେଞ୍ଜ କରିଛନ୍ତି ବିଦ୍ରୋହୀ ବିଧାୟକ। ସେମାନେ ଆଜି ଏଠାରେ ଏକ ବୈଠକ କରି ଟିଏମ୍‌ସି ସଭାପତି ପଦରୁ ମମତାଙ୍କୁ ହଟାଇ ତାଙ୍କ ସ୍ଥାନରେ ବିଧାୟକ ଅରୂପ ରାୟଙ୍କୁ ସଭାପତି ଘୋଷଣା କରିଛନ୍ତି। ରାଜ୍ୟ ବିଧାନସଭାରେ ବିରୋଧୀ ଦଳର ନେତା ରତବ୍ରତ ବାନାର୍ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସେମାନେ ନିଜକୁ ପ୍ରକୃତ ଟିଏମ୍‌ସି ବୋଲି ଘୋଷଣା କରିଛନ୍ତି। ଦଳର ମହାସଚିବ ପଦରୁ ଅଭିଷେକ ବାନାର୍ଜୀଙ୍କୁ ସସପେଣ୍ଡ କରିବାଲାଗି ସେମାନେ ଘୋଷଣା କରିଛନ୍ତି। ରାଜ୍ୟ ଟିଏମସି ବିଧାୟକ ଦଳରେ ବିଭାଜନ ପରେ ବିଦ୍ରୋହୀମାନେ ଏବେ ସିଧା ସଂଗଠନକୁ ନିଜ ଅକ୍ତିଆରକୁ ନେବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ୧୯୯୮ରେ ଟିଏମସି ଗଠନ ହେବା ଦିନ ଠାରୁ ମମତା ଏହାର ମୁଖ୍ୟ ରହିଆସିଛନ୍ତି। ଆଜି ପ୍ରଥମ ଥର ଲାଗି ତାଙ୍କ ନେତୃତ୍ୱକୁ ଚାଲେଞ୍ଜ କରିଛନ୍ତି ବିଦ୍ରୋହୀ। ଆଜି ହୋଇଥିବା ବିଦ୍ରୋହୀଙ୍କ ଏହି ବୈଠକରେ ଅନେକ ବିଧାୟକ, ଦଳର ବରିଷ୍ଠ କର୍ମକର୍ତ୍ତା ଏବଂ କାଉନସିଲରମାନେ ▶ପୃଷ୍ଠା-୭



# ଡାକ୍ତରଖାନାରେ ହୃଦ୍‌ଘାତ

### ଯଯାତି କେଶରୀ ମେଡିକାଲ କଲେଜର ନିଶ୍ଚେତକ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ମୃତ

■ ଯାଜପୁର/ନୀଳଗିରି, ୨୨।୬(ସମିସ): ଯାଜପୁରର ଯଯାତି କେଶରୀ ମେଡିକାଲ କଲେଜର ନିଶ୍ଚେତକ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡା. ରାଜେଶ ସାହୁଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ସେ ଗତକାଲି ବିଳମ୍ବିତ ରାତ୍ରୀରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡ୍ୟୁଟି କରୁଥିବା ସମୟରେ ହଠାତ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ଡାକ୍ତରଖାନା ଓ ପରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ହୃଦ୍‌ଘାତ ଯୋଗୁଁ ଆଜି ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ଜଣାପଡିବା ▶ପୃଷ୍ଠା-୭



## ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାର

# ୧୧ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଆବେଦନ ଖାରଜ

■ ଭୁବନେଶ୍ୱର, ୨୨।୬ (ସମିସ): ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ହେବ ନାହିଁ। ଉଭୟ ଦଳ ଏ ସଂକ୍ରାନ୍ତରେ କରିଥିବା ଦାବିକୁ ବାଚସ୍ପତି ସୁରମା ପାଢ଼ୀ ଖାରଜ କରି ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଧାନସଭା ସଚିବାଳୟ ପକ୍ଷରୁ ମଧ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନୁରୂପ ଏକ ଘଟଣାରେ ହିମାଚଳପ୍ରଦେଶରେ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ କରାଯାଇଥିବାବେଳେ ଓଡ଼ିଶାରେ ଭିନ୍ନ ନୀତି ଅବଲମ୍ବନକୁ ନେଇ ସମ୍ବିଧାନ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ପକ୍ଷପାତ କରାଯାଇଥିବା ଅଭିଯୋଗ କରି ଅଦାଲତକୁ ଯିବାକୁ ଚେତାବନୀ ଦେଇଛନ୍ତି।

### ବାଚସ୍ପତିଙ୍କ ପଦକ୍ଷେପକୁ ଉଭୟ ବିଜେଡି ଓ କଂଗ୍ରେସର ନିନ୍ଦା

### ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଗଣତନ୍ତ୍ର ହତ୍ୟା: ବିଜେଡି

### ବାଚସ୍ପତିଙ୍କ ନିଷ୍ପତ୍ତି ବିରୋଧରେ ଅଦାଲତ ଯିବୁ: କଂଗ୍ରେସ



ବାଚସ୍ପତିଙ୍କ ନିଷ୍ପତ୍ତି ସମ୍ପର୍କରେ ବିଧାନସଭା ସଚିବାଳୟ ପକ୍ଷରୁ କୁହାଯାଇଛି ଯେ ବିଜେଡି ପକ୍ଷରୁ ଦାଖଲ ହୋଇଥିବା ▶ପୃଷ୍ଠା-୭

## ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣା

# କେନ୍ଦୁଝରର ୫ ମହିଳା ଶ୍ରମିକ ମୃତ

■ କେନ୍ଦୁଝର/ତେଲକୋଇ, ୨୨।୬ (ସମିସ): ତାମିଲନାଡୁର ତିରୁଭାଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଶ୍ରମିକ ମୃତ୍ୟୁ ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ମୃତମାନଙ୍କ ମଧ୍ୟରୁ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ୫ ଜଣ ଆଦିମ କାଳର ଯୁଆଙ୍ଗ ଜନଜାତି ମହିଳା ଶ୍ରମିକ ଥିବା ଜଣାପଡିଛି। ଏହି ଘଟଣାରେ ସାରା କେନ୍ଦୁଝର ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଥିବାବେଳେ ଓଡିଶା ସରକାରଙ୍କ ତରଫରୁ ତିନିଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ତାମିଲନାଡୁ ଗସ୍ତ କରିଥିବା ସୂଚନା ମିଳିଛି।

### ସମସ୍ତେ ଅନୁସୂଚିତ ଜନଜାତି ଯୁଆଙ୍ଗ ବର୍ଗର, ଜିଲ୍ଲାରେ ଶୋକର ଛାୟା

### ମୃତକ ମଧ୍ୟରେ ଦୁଇ ଜଣ ନାବାଳିକା, ଦୁଇ ନାବାଳିକା ଗୁରୁତର

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ସହାୟତା

ସୂଚନା ଅନୁସାରେ, ତାମିଲନାଡୁ ରାଜ୍ୟର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାର ୫ ଜଣ ▶ପୃଷ୍ଠା-୭

## ପିଲାଙ୍କ ପଢ଼ାବହିରେ ତ୍ରୁଟି ନେଇ ତନାଘନା

# ଖସିବା ଲାଗି ଖୋଜା ଚାଲିଛି ଗଳାବାଟ

■ ଭୁବନେଶ୍ୱର, ୨୨।୬(ସମିସ): ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟିକୁ ନେଇ ଉଚ୍ଚସ୍ତରୀୟ ତନାଘନା ଜାରି ରହିଛି। ଉନ୍ନୟନ କମିଶନରଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ତଦନ୍ତକାରୀ ଦଳ ଘଟଣାରେ ସମ୍ପୃକ୍ତ ସମସ୍ତ ବିଭାଗର ମୁଖ୍ୟଙ୍କୁ ଡାକି ପଚରାଉଚରା କରୁଛନ୍ତି। କେଉଁଠି ତ୍ରୁଟି ରହିଲା? କେମିତି ଏତେ ବଡ଼ ଭୁଲ୍ ହେଲା? ଭୁଲ୍ ପାଇଁ ପ୍ରକୃତରେ କିଏ ଦାୟୀ, ତାକୁ ନେଇ ଖୋଳତାଡ଼ ଚାଲିଛି। ଅନ୍ୟପଟେ ତ୍ରୁଟିପୂର୍ଣ୍ଣ ବହିରୁ ଛାତ୍ରଛାତ୍ରୀମାନେ କିପରି ପାଠ ପଢ଼ିବେ ସେନେଇ ଶିକ୍ଷକଙ୍କ ସମେତ ଅଭିଭାବକଙ୍କୁ ଚିନ୍ତା ଘାରିଥିବାବେଳେ ପିଲାଙ୍କ ପାଖରେ ତ୍ରୁଟିଶୂନ୍ୟ ବହି ପହଞ୍ଚାଇବା ସରକାରଙ୍କ ପାଇଁ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଯେଉଁ ବଡ଼ବଡ଼ ବାବୁ ଓ ବଡ଼ବଡ଼ ଶିକ୍ଷାବିତ୍‌ମାନେ ବହି ଛପା ଦାୟିତ୍ୱରେ ଥିଲେ, ସେମାନଙ୍କୁ ସୁରକ୍ଷା ଦେବାକୁ ଉଚ୍ଚସ୍ତରରେ ବ୍ୟବସ୍ଥା ଆରମ୍ଭ ହୋଇଛି। ମନ୍ତ୍ରୀ, ସଚିବ, ଓସେପା ଓ ଏସସିଇଆରଟି ଅଧିକାରୀଙ୍କ ପ୍ରତି ଯେପରି କିଛି ଆଞ୍ଚ ନ

### ସଂଶୋଧିତ ପୁସ୍ତକରେ ରହିବ କ୍ୟୁଆର୍ କୋଡ୍

ଆସିବ ସେଥିପାଇଁ ଗଳାବାଟ ଖୋଜା ଚାଲିଛି। ଅନ୍ୟପକ୍ଷରେ ଭୁଲ ତ୍ରୁଟି ନିମନ୍ତେ ବଳିଦେବା ଲାଗି ଛୋଟ କର୍ମଚାରୀଙ୍କ ଅନୁସନ୍ଧାନ ଆରମ୍ଭ ହୋଇଛି। ସମ୍ପ୍ରତି ଏହି ପ୍ରସଙ୍ଗ କେବଳ ରାଜ୍ୟ ମଧ୍ୟରେ ସୀମିତ ନ ରହି ଜାତୀୟ ପ୍ରସଙ୍ଗ ହୋଇଥିବାରୁ ଏଥିରୁ ନଜର ହଟାଇବାକୁ ଅନ୍ୟ କ'ଣ କରାଯାଇ ପାରିବ; ତାହାର ବିଚାରବିମର୍ଶ ଉଚ୍ଚସ୍ତରରେ ଆରମ୍ଭ ହୋଇଛି। ସେହିପରି ପରବର୍ତ୍ତୀ ସମୟରେ ପିଲାଙ୍କୁ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଣ ସଂକ୍ରାନ୍ତରେ ଆଜି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଭାଗୀୟ ସଚିବ ଏନ୍ ଥିରୁମାଳା ନାଏକଙ୍କ ସମେତ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ସହ ଏକ ବୈଠକ କରିଛନ୍ତି। ସଂଶୋଧିତ ବହିର କିଛି କପି ଛପାଇବାକୁ ଯୋଜନା ଚାଲିଥିବାବେଳେ ସେହି ପୁସ୍ତକରେ ଡିଜିଟାଲ୍ କ୍ୟୁଆର୍ କୋଡ୍ ରଖିବାକୁ ମଧ ପ୍ରସ୍ତାବ ରହିଛି। ସେହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରିବା ପରେ ସଂଶୋଧିତ ପୁସ୍ତକର ସଫ୍ଟ କପି ମିଳିବ। ଯାହାକୁ ପ୍ରିଣ୍ଟ କରି ଶିକ୍ଷକ ଶିକ୍ଷୟତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବେ। ▶ପୃଷ୍ଠା-୭

# ଘରୋଇ ପ୍ରେସ୍‌କୁ ୨୧ କୋଟି !

■ ଭୁବନେଶ୍ୱର, ୨୨।୬(ସମିସ): ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ମଧ୍ୟରେ ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ସରକାରୀ ପ୍ରେସ୍ ବଦଳରେ ଘରୋଇ ପ୍ରେସ୍‌ରେ ପୁସ୍ତକ ମୁଦ୍ରଣ କରାଯାଇଛି। ଏଥିପାଇଁ ରାଜ୍ୟ ରାଜକୋଷରୁ ପ୍ରାୟ ୨୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଟେକ୍ସଟ୍ ବୁକ୍ ପ୍ରଡକ୍ସନ୍ ଆଣ୍ଡ ମାର୍କେଟିଂ (ଟିବିପିଏମ୍) ନିର୍ଦ୍ଦେଶାଳୟ ସ୍ୱୀକାର କରିଛି। ଚଳିତ ଶିକ୍ଷାବର୍ଷ ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରିବା ପାଇଁ ଗତବର୍ଷ ମେ ୨୧ ତାରିଖରେ ରାଜ୍ୟସ୍ତରୀୟ କମିଟିର ବୈଠକ ▶ପୃଷ୍ଠା-୭

## ମହୁଆଙ୍କ ବିରୋଧରେ ମାନହାନି ମାମଲା କରିବେ ଟିଏମ୍‌ସି ସାଂସଦ

କୋଲକାତା, ୨୨।୬(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ବିଦ୍ରୋହ କରି ଏନଡିଏ'କୁ ସମର୍ଥନ କରିଥିବା ୨୦ ଜଣ ସାଂସଦ ଦଳର ବରିଷ୍ଠ ନେତ୍ରୀ ମହୁଆ ମୋଇତ୍ରାଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ସାଂସଦମାନେ ଦଳ ବଦଳାଇବା ପାଇଁ ୪୦ କୋଟି ଟଙ୍କାର ଲାଞ୍ଚ ନେଇଥିବା ନେଇ ମହୁଆ ଅଭିଯୋଗ କରିଥିଲେ, ଯାହାକୁ ନେଇ ଦଳ ମଧ୍ୟରେ ବିବାଦ ତୀବ୍ର ହୋଇଛି। ସୋସିଆଲ ମିଡିଆ ଏକ୍ସ'ରେ ଏକ ପୋଷ୍ଟ କରି ମହୁଆ ଦାବି କରିଥିଲେ ଯେ ବିଦ୍ରୋହୀ ସାଂସଦମାନଙ୍କୁ ଦଳ ଛାଡ଼ିବା ପାଇଁ ଅଗ୍ରୀମ ୪ କୋଟି ଟଙ୍କା ଏବଂ ଆଗାମୀ ୩୬ ମାସ ପାଇଁ ମାସିକ ୧ କୋଟି ଟଙ୍କା ଲେଖାଏଁ ମିଳିଛି। ମୁଖ୍ୟ ସଚେତକ କାକୋଲି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଟିଏମସିର ୨୮ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୨୦ ଜଣ ଦଳରୁ ଅଲଗା ହୋଇ ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟକୁ ସମର୍ଥନ କରିଛନ୍ତି। ଦଳ ବଦଳ ବିରୋଧୀ ଆଇନରୁ ବର୍ତ୍ତିବା ପାଇଁ ସେମାନେ ତ୍ରିପୁରା ଭିତ୍ତିକ 'ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ'ରେ ସାମିଲ ହୋଇଛନ୍ତି। ଏହି ବଡ଼ ଧରଣର ବିଦ୍ରୋହ ଯୋଗୁଁ ଲୋକସଭାରେ ଟିଏମସିର ସାଂସଦ ସଂଖ୍ୟା ୮ କୁ ହ୍ରାସ ପାଇଛି, ଯାହା ମମତା ବାନାର୍ଜୀଙ୍କ ପାଇଁ ଏକ ବଡ଼ ଝଟକା ବୋଲି କୁହାଯାଉଛି।

## ପତ୍ନୀ, ସନ୍ତାନଙ୍କୁ ବିଷ ଦେଇ ଆତ୍ମହତ୍ୟା

ଚିତ୍ତୁର, ୨୨।୬(ଏଜେନ୍ସି): ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାରେ ଏକ ଅଭାବନୀୟ ତଥା ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ନିଜ ପତ୍ନୀଙ୍କ ମସ୍ତିଷ୍କ ସମ୍ବନ୍ଧୀୟ ଗୁରୁତର ରୋଗକୁ ନେଇ ଗଭୀର ମାନସିକ ଚାପରେ ଥିବା ଦାମୁ ନାମକ ଜଣେ ବ୍ୟକ୍ତି, ନିଜ ପତ୍ନୀ ଓ ଦୁଇ ସନ୍ତାନଙ୍କୁ ବିଷ ଦେଇ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରେ ପୁଲିସକୁ ଏକ ଟିଭି ସ୍କ୍ରିନରେ ଲେଖାଯାଇଥିବା ଚିଠି ମିଳିଛି। ସେଥିରେ ସେ ନିଜ ମୃତ୍ୟୁ ପାଇଁ କାହାକୁ ଦାୟୀ ନକରିବାକୁ କହିଛନ୍ତି। ଏହାସହ ଶେଷକୃତ୍ୟ ପାଇଁ ସେ ନିଜ ଏଟିଏମ୍ କାର୍ଡ ଓ ପିନ୍ ନମ୍ବର ଛାଡ଼ି ଯାଇଛନ୍ତି, ଯାହା ସହାୟତାରେ ପରିବାରର ଶେଷକୃତ୍ୟ କରାଯାଇ ପାରିବ। ପତ୍ନୀଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ଚିନ୍ତିତ ଥିବା ଦାମୁ ପରିବାରର ଭବିଷ୍ୟତକୁ ନେଇ ଏଭଳି ଚରମ ପଦକ୍ଷେପ ନେଇଥିବା ପୁଲିସ ସନ୍ଦେହ କରୁଛି। ସ୍ଥାନୀୟ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସ୍କୁଲରେ ଗୁଳିକାଣ୍ଡ: ୩ ଛାତ୍ର ନିହତ

ମାନିଲା, ୨୨।୬(ଏଜେନ୍ସି): ଫିଲିପାଇନ୍ସର ଟାକ୍‌ଲୋବାନ ସହରରେ ଥିବା ସାନ ହୋସେ ନ୍ୟାସନାଲ ହାଇସ୍କୁଲରେ ସୋମବାର ସକାଳେ ଏକ ଅଭାବନୀୟ ଗୁଳିକାଣ୍ଡ ଘଟିଛି। ସକାଳ ପ୍ରାୟ ୯ଟା ସମୟରେ, ଦୁଇଜଣ ସଶସ୍ତ୍ର ନାବାଳକ ଛାତ୍ର ସ୍କୁଲ ଭିତରକୁ ପଶି ଅତର୍କିତ ଗୁଳି ଚଳାଇଥିଲେ। ଏହି ଘଟଣାରେ ୩ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟ ଅଭିଯୁକ୍ତ (ବୟସ ୧୪ ଓ ୧୫) ନାବାଳକ ଏବଂ ସେମାନଙ୍କୁ ପୁଲିସ ହେପାଜତକୁ ନିଆଯାଇଛି। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ସ୍କୁଲରେ 'ବୁଲିଂ' (ଆକ୍ରୋଶ)ର ଶିକାର ହୋଇଥିବାରୁ ଏଭଳି ଚରମ ପଦକ୍ଷେପ ନେଇଥିବା ପ୍ରାଥମିକ ପଚରାଉଚରାରୁ ଜଣାପଡ଼ିଛି।

## ନିଟ୍-ୟୁଜି ପୁନଃ ପରୀକ୍ଷା

## ବିହାରରେ 'ମୁନ୍ନାଭାଇ ଏମ୍‌ବିବିଏସ୍' ଶୈଳୀରେ ଜାଲିଆତି: ୩୦ ଗିରଫ

ପାଟନା, ୨୨।୬(ଏଜେନ୍ସି): ବିହାରର ଲକ୍ଷ୍ମୀସରାଇରେ ଅନୁଷ୍ଠିତ ନିଟ୍-ୟୁଜି ପୁନଃ ପରୀକ୍ଷା ସମୟରେ ଏକ ବଡ଼ ଧରଣର ନକଲି ପରୀକ୍ଷାର୍ଥୀ ର୍‍ୟାକେଟ୍‌ର ପର୍ଦ୍ଦାଫାଶ ହୋଇଛି। 'ମୁନ୍ନାଭାଇ ଏମ୍‌ବିବିଏସ୍' ଶୈଳୀରେ ଅସଲି ପରୀକ୍ଷାର୍ଥୀଙ୍କ ବଦଳରେ ଅନ୍ୟ ପ୍ରଶିକ୍ଷିତ ଛାତ୍ରଙ୍କୁ ବସାଇ ପରୀକ୍ଷା ଦେବାକୁ ଚେଷ୍ଟା କରୁଥିବା ଅଭିଯୋଗରେ ପୁଲିସ ମୋଟ ୩୦ ଜଣଙ୍କୁ ଗିରଫ କରିଛି। ଏହି ଜାଲିଆତି ମାମଲାରେ ପୁଲିସ କେତେକ ପ୍ରତିଷ୍ଠିତ ମେଡିକାଲ ଓ ନର୍ସିଂ କଲେଜର ଛାତ୍ରଛାତ୍ରୀଙ୍କ ସମେତ ପରୀକ୍ଷା ପରିଚାଳନା କରୁଥିବା ବାୟୋମେଟ୍ରିକ ସଂସ୍ଥାର ୧୪ ଜଣ କର୍ମଚାରୀଙ୍କୁ ଗିରଫ କରିଛି। ଗୟା ମେଡିକାଲ କଲେଜର ଛାତ୍ର ଅର୍ପିତ ରାଜ ଏବଂ ପାଟନା ମେଡିକାଲ କଲେଜର ତୃତୀୟବର୍ଷର ଛାତ୍ର ମୟଙ୍କ କାଶ୍ୟପଙ୍କୁ ଏହି ର୍‍ୟାକେଟ୍‌ର ମୁଖ୍ୟ ସୂତ୍ରଧର ବୋଲି ସନ୍ଦେହ କରାଯାଉଛି। ମୟଙ୍କ ନକଲି ବାୟୋମେଟ୍ରିକ କର୍ମଚାରୀ ସାଜି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ସମୟରେ ପ୍ରଥମେ ଧରାପଡ଼ିଥିଲେ। ଏହା ବ୍ୟତୀତ ବାରାଣସୀ, ରାୟବରେଲି ଓ ଦିଲ୍ଲୀର କେତେକ ମେଡିକାଲ ଏବଂ ନର୍ସିଂ ଛାତ୍ରୀଛାତ୍ର ମଧ୍ୟ ଅନ୍ୟମାନଙ୍କ ବଦଳରେ ପରୀକ୍ଷା ଦେବାକୁ ଆସି ଧରାପଡ଼ିଛନ୍ତି। ନିଟ୍ ପରୀକ୍ଷା ସମୟରେ ମେଡିକାଲ କଲେଜଗୁଡ଼ିକ ନିଜ ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାମ୍ପସ ଛାଡ଼ିବା ଉପରେ କଟକଣା ଲଗାଇଥିଲେ ମଧ୍ୟ ସେମାନେ ଅସୁସ୍ଥତାର ବାହାନା ଦେଖାଇ ଏହି ଜାଲିଆତିରେ ସାମିଲ ହୋଇଥିଲେ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଚଢ଼ାଉ କରି ପୁଲିସ ୭ ଜଣ ପରୀକ୍ଷାର୍ଥୀଙ୍କ ସହ ଅନ୍ୟମାନଙ୍କୁ ଗିରଫ କରିଛି। ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ବିବାଦ ଯୋଗୁଁ ପରୀକ୍ଷା ବାତିଲ ହେବା ପରେ ଏହି ପୁନଃ ପରୀକ୍ଷା କରାଯାଉଥିଲା। ମାତ୍ର ଏହି ନୂତନ ର୍‍ୟାକେଟ୍ ପରୀକ୍ଷା ପରିଚାଳନାର ସୁରକ୍ଷା ବ୍ୟବସ୍ଥା ଉପରେ ପୁଣି ଥରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିହାର ପୁଲିସ ବର୍ତ୍ତମାନ ଏହି ନେଟୱର୍କର ଚେର କେତେ ଦୂରକୁ ଲମ୍ବିଛି, ସେ ନେଇ ଅଧିକ ତଦନ୍ତ ଚଳାଇଛି।



# ବୈଠକକୁ ଫେରିଲା ଇରାନ

## ସହମତି ଆଡ଼କୁ ଅଗ୍ରସର ହେଉଛନ୍ତି ଆମେରିକା, ଇରାନ

ବୁର୍ଗେନଷ୍ଟକ୍ (ସ୍ୱିଜରଲ୍ୟାଣ୍ଡ), ୨୨।୬(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧର ସମାପ୍ତି ପାଇଁ ସ୍ୱିଜରଲ୍ୟାଣ୍ଡରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଶାନ୍ତି ଆଲୋଚନା ସକାରାତ୍ମକ ପ୍ରଗତି ସହ ଶେଷ ହୋଇଛି। ମଧ୍ୟସ୍ଥତା କରୁଥିବା ଦୁଇ ଦେଶ କତାର୍ ଏବଂ ପାକିସ୍ତାନ ଏକ ମିଳିତ ବିବୃତି ଜାରି କରି କହିଛନ୍ତି ଯେ, ଉଭୟ ପକ୍ଷ ଆଗାମୀ ୬୦ ଦିନ ମଧ୍ୟରେ ଏକ ଚୂଡ଼ାନ୍ତ ଚୁକ୍ତିରେ ପହଞ୍ଚିବା ପାଇଁ ଏକ ରୋଡ୍‌ମ୍ୟାପ୍ ଉପରେ ସହମତି ପ୍ରକାଶ କରିଛନ୍ତି। ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଘଚି କହିଛନ୍ତି ଯେ, ଲେବାନନ୍ ସଂଘର୍ଷର ଅନ୍ତ ପାଇଁ ଏହି ଆଲୋଚନାରେ ବଡ଼ ସଫଳତା ମିଳିଛି। ଗତ ସପ୍ତାହରେ ସ୍ୱାକ୍ଷରିତ ହୋଇଥିବା ପ୍ରାଥମିକ ଚୁକ୍ତି ଅନୁସାରେ, ସମସ୍ତ ମଧ୍ୟପ୍ରାଚ୍ୟ ମୁଖ୍ୟାଳୟରେ ଯୁଦ୍ଧ ବନ୍ଦ କରିବା ଏବଂ ବିଶ୍ୱର ପ୍ରମୁଖ ଜଳମାର୍ଗ ହର୍ମୁଜ ପ୍ରଣାଳୀକୁ ପୁନର୍ବାର ସୁରକ୍ଷିତ ଭାବେ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଏହା ସହିତ ବାଣିଜ୍ୟିକ ଜାହାଜଗୁଡ଼ିକର ସୁରକ୍ଷିତ



ଯାତାୟାତ ଏବଂ ଭୁଲ୍ ବୁଝାମଣା ଏଡ଼ାଇବା ପାଇଁ ଏକ ସ୍ୱତନ୍ତ୍ର ଯୋଗାଯୋଗ ଲାଇନ୍ ଏବଂ ଆମେରିକା-ଇରାନ-ଲେବାନନ୍ ମଧ୍ୟରେ ଏକ ମିଳିତ ସାମରିକ ସମନ୍ୱୟ କେନ୍ଦ୍ର ଗଠନ କରାଯାଇଛି। ଆଲୋଚନାରେ ଆମେରିକାର ନେତୃତ୍ୱ ନେଉଥିବା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ, ଯଦି ଇରାନ ନିଜର ଆଞ୍ଚଳିକ ଅସ୍ଥିରତା ସୃଷ୍ଟି କରିବା କାର୍ଯ୍ୟକଳାପ ଏବଂ ଦୀର୍ଘକାଳୀନ ପରମାଣୁ ଅସ୍ତ୍ର ଆକାଂକ୍ଷାକୁ ପରିତ୍ୟାଗ କରେ, ତେବେ ଆମେରିକା ତାର ସମ୍ପର୍କକୁ ସମ୍ପୂର୍ଣ୍ଣ ବଦଳାଇବାକୁ ପ୍ରସ୍ତୁତ ଅଛି। ଚୁକ୍ତି ଅନୁଯାୟୀ, ଇରାନ ଉପରୁ ସମସ୍ତ ପ୍ରକାର ପ୍ରତିବନ୍ଧକ ହଟାଯିବା ସହ ଦେଶର ପୁନର୍ନିର୍ମାଣ ପାଇଁ ୩୦୦ ବିଲିୟନ ଡଲାରର ଯୋଜନା ପ୍ରସ୍ତୁତ କରାଯାଇଛି। ତେବେ ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଗକୁ ଆହୁରି ଆଲୋଚନା ହେବା ବାକି ଅଛି। ଇରାନର ମୁଖ୍ୟ ପ୍ରତିନିଧି ଦଳ ସୋମବାର ସ୍ୱିଜରଲ୍ୟାଣ୍ଡ ଛାଡ଼ିଥିବା ବେଳେ ଉଭୟ ଦେଶର ବୈଷୟିକ କମିଟି ମଧ୍ୟରେ ଆଲୋଚନା ଜାରି ରହିବ। ଗତ ଫେବୃଆରୀ ୨୮ ରୁ ଆରମ୍ଭ ହୋଇଥିବା ଏହି ଭୟାବହ ଯୁଦ୍ଧ ଯୋଗୁଁ ଲେବାନନ୍‌ରେ ୪,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇ ସାରିଛନ୍ତି। ଇସ୍ରାଏଲ ଓ ହିଜବୁଲ୍ଲା ମଧ୍ୟରେ ଗତ ଶୁକ୍ରବାର ଠାରୁ ନୂତନ ଅସ୍ତ୍ରବିରତି ଘୋଷଣା କରାଯାଇଥିଲେ ମଧ୍ୟ ସୀମାରେ ଛୋଟମୋଟ ସଂଘର୍ଷ ଜାରି ରହିଛି, ଯାହା ଏହି ଶାନ୍ତି ପ୍ରକ୍ରିୟାର ସବୁଠାରୁ ବଡ଼ ପରୀକ୍ଷା ହେବ।

## ଭାରତଠାରୁ ବ୍ରହ୍ମୋସ କିଣିବାକୁ ୟୁଏଇ ଆଗ୍ରହୀ




ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ହୋଇଥିବା ସାମ୍ପ୍ରତିକ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ସଂଯୁକ୍ତ ଆରବ ଏମିରେଟ୍ସ ନିଜର ସାମରିକ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ ଭାରତର ଆଧୁନିକ କ୍ଷେପଣାସ୍ତ୍ର 'ବ୍ରହ୍ମୋସ' ଏବଂ ବାୟୁ ସୁରକ୍ଷା ପ୍ରଣାଳୀ 'ଆକାଶତୀର' କ୍ରୟ କରିବା ପାଇଁ ୟୁଏଇ ଭାରତ ସରକାରଙ୍କ ସହ ଆଲୋଚନା ଆରମ୍ଭ କରିଛି। ନିକଟରେ ଶେଷ ହୋଇଥିବା ଆଞ୍ଚଳିକ ସଂଘର୍ଷ ସମୟରେ ଡ୍ରୋନ୍ ଏବଂ ମିସାଇଲ୍ ଆକ୍ରମଣର ସାମ୍ନା କରିବା ପରେ ୟୁଏଇ ନିଜର ପ୍ରତିରକ୍ଷା ରଣନୀତିରେ ପରିବର୍ତ୍ତନ କରୁଛି। ବିଶେଷ କରି ନିଜର ଗ୍ୟାସ୍ ଓ ତେଲ ରପ୍ତାନିର ପ୍ରମୁଖ ଜଳମାର୍ଗ ହର୍ମୁଜ ପ୍ରଣାଳୀ'ର ସୁରକ୍ଷା ପାଇଁ ଦେଶଟି ଚିନ୍ତିତ ଅଛି। ୟୁଏଇ ପାଖରେ ପୂର୍ବରୁ ଆମେରିକା ନିର୍ମିତ ପାଟ୍ରିଅଟ୍ ଏବଂ ଥାଡ୍ ଭଳି ପ୍ରତିରକ୍ଷା ପ୍ରଣାଳୀ ରହିଛି, ମାତ୍ର ଭାରତୀୟ ସେନା ଦ୍ୱାରା ବ୍ୟବହୃତ ସ୍ୱୟଂଚାଳିତ 'ଆକାଶତୀର' ସିଷ୍ଟମ୍ ଏହି ସମସ୍ତ ବ୍ୟବସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଶତ୍ରୁର ଆକାଶମାର୍ଗ ଆକ୍ରମଣକୁ ରୋକିବାରେ ସାହାଯ୍ୟ କରିବ। ଭାରତ ଏବଂ ରୁଷର ମିଳିତ ସହଯୋଗରେ ନିର୍ମିତ ବ୍ରହ୍ମୋସକୁ ବିଶ୍ୱର ସବୁଠାରୁ ଦ୍ରୁତଗାମୀ ସୁପରସୋନିକ କ୍ରୁଜ୍ ମିସାଇଲ୍ ଭାବେ ଗଣାଯାଏ।

## ଶେଷରେ ସିନ୍ଦେ ଶିବିରରେ ସାମିଲ ହେଲେ ଉଦ୍ଧବ ଗୋଷ୍ଠୀର ୬ ସାଂସଦ

ମୁମ୍ବଇ, ୨୨।୬(ଏଜେନ୍ସି):ମହାରାଷ୍ଟ୍ର ରାଜନୀତିରେ ପୁଣି ଏକ ବଡ଼ ଧରଣର ବିପର୍ଯ୍ୟୟ ଦେଖାଦେଇଛି। ଉଦ୍ଧବ ଠାକରେଙ୍କ ଗୋଷ୍ଠୀର ୯ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ସାଂସଦ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଅସଲି 'ଶିବସେନା' ଦଳରେ ସାମିଲ ହୋଇଛନ୍ତି। ଏହା ସହିତ ଗତ କିଛି ଦିନ ଧରି ଚାଲିଥିବା ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଦଳ ବଦଳ କରିଥିବା ବିଦ୍ରୋହୀ ସାଂସଦମାନଙ୍କ ମଧ୍ୟରେ ଓମରାଜେ ନିମ୍ବାଲକର, ସଞ୍ଜୟ ଦୀନା ପାଟିଲ, ସଞ୍ଜୟ ଯାଦବ, ସଞ୍ଜୟ ଦେଶମୁଖ, ନାଗେଶ ପାଟିଲ ଆଷ୍ଟିକର ଏବଂ ଭାଉସାହେବ ୱାକଚୌରେ ସାମିଲ ଅଛନ୍ତି। ଏହି ସାଂସଦମାନଙ୍କୁ ସ୍ୱାଗତ କରି ସିନ୍ଦେ କହିଛନ୍ତି, '୬ ଜଣ ବାଘ ଏବେ ଅସଲି ଶିବସେନା ପରିବାରକୁ ଫେରିଆସିଛନ୍ତି।' ଦଳ ବଦଳ ବିରୋଧୀ ଆଇନ ଅନୁସାରେ ସାଂସଦ ପଦ ବଜାୟ ରଖିବା ପାଇଁ ଅତିକମରେ ଦୁଇ-ତୃତୀୟାଂଶ (୬ ଜଣ) ସାଂସଦଙ୍କ ସମର୍ଥନ ଆବଶ୍ୟକ ଥିଲା, ଯାହାଫଳରେ ଏହି ସାଂସଦମାନେ ଏବେ ଆଇନଗତ ଭାବେ ସୁରକ୍ଷିତ ଅଛନ୍ତି। ୪ ବର୍ଷ ପୂର୍ବେ ୨୨ ଜୁନ୍ ୨୦୨୨ରେ ଏକନାଥ ସିନ୍ଦେ ୪୦ ଜଣ ବିଧାୟକଙ୍କ ସହ ବିଦ୍ରୋହ କରିଥିଲେ। ସେହି ଐତିହାସିକ ଦିନର ବାର୍ଷିକୀରେ ଏହି ବଡ଼ ସଫଳତାକୁ ନେଇ ସିନ୍ଦେ କହିଛନ୍ତି, 'ସେତେବେଳେ ଆମେ ଚୌକା (୪୦ ବିଧାୟକ) ମାରିଥିଲୁ, ଆଉ ଆଜି ଆମେ ଛକା (୬ ସାଂସଦ) ମାରିଛୁ।' ଏହି ଯୋଗଦାନ ପରେ ଶିବସେନା ଏବେ ମହାରାଷ୍ଟ୍ରର ଦ୍ୱିତୀୟ ବୃହତ୍ତମ ଦଳରେ ପରିଣତ ହୋଇଛି। ନିଜ ନିର୍ବାଚନ ମଣ୍ଡଳୀରେ ବିକାଶମୂଳକ କାର୍ଯ୍ୟ ପାଇଁ ପାଣ୍ଠିର ଅଭାବ ଯୋଗୁଁ ସେମାନେ ଉଦ୍ଧବ ଗୋଷ୍ଠୀ ଛାଡ଼ିଥିବା ସାଂସଦମାନେ ପ୍ରକାଶ କରିଛନ୍ତି। ଉଦ୍ଧବ ଠାକରେଙ୍କ ଦ୍ୱାରା ଦିଲ୍ଲୀରେ ଡକାଯାଇଥିବା ଜରୁରୀକାଳୀନ ବୈଠକରେ ମାତ୍ର ୩ ଜଣ ସାଂସଦ ଉପସ୍ଥିତ ରହିବା ପରେ ହିଁ ଏହି ବିଦ୍ରୋହ ସ୍ପଷ୍ଟ ହୋଇଯାଇଥିଲା। ଏହି ଘଟଣା ଠାକରେ ଗୋଷ୍ଠୀର ସଂକଟକୁ ଆହୁରି ବଢ଼ାଇ ଦେଇଥିବା ବେଳେ ସିନ୍ଦେ ନିଜ ସାମ୍ରାଜ୍ୟକୁ ସମ୍ପୂର୍ଣ୍ଣ ଆଇନଗତ ଏବଂ ସାମ୍ବିଧାନିକ ଢାଞ୍ଚାରେ ବିସ୍ତାର କରିବାରେ ପୁଣି ଥରେ ସଫଳ ହୋଇଛନ୍ତି।

# ଇସ୍ତଫା ଦେଲେ ବ୍ରିଟେନ ପ୍ରଧାନମନ୍ତ୍ରୀ ଷ୍ଟାର୍ମର



ଲଣ୍ଡନ, ୨୨।୬(ଏଜେନ୍ସି): ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର ଆଜି ନିଜ ପଦବୀରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି। ଶାସକ ଦଳ ଲେବର ପାର୍ଟି ମଧ୍ୟରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ବିବାଦ ଏବଂ ରାଜନୈତିକ ଅସ୍ଥିରତା ଯୋଗୁଁ ସେ ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ଆଜି ସକାଳେ ବ୍ରିଟେନର ମହାରାଜା ଚାର୍ଲ୍ସ (ତୃତୀୟ)ଙ୍କୁ ଭେଟି ନିଜ ନିଷ୍ପତ୍ତି ସମ୍ପର୍କରେ ଜଣାଇଛନ୍ତି। ଗ୍ରେଟର୍ ମାଞ୍ଚେଷ୍ଟରର ପୂର୍ବତନ ମେୟର ଆଣ୍ଡି ବର୍ନହାମ୍ ବର୍ତ୍ତମାନ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି।

୧୦ ଡାଉନିଂ ଷ୍ଟ୍ରିଟ୍ ବାସଭବନ ସମ୍ମୁଖରେ ଦେଶବାସୀଙ୍କୁ ସମ୍ବୋଧିତ କରି ଷ୍ଟାର୍ମର କହିଛନ୍ତି ଯେ, ଆଗାମୀ ସାଧାରଣ ନିର୍ବାଚନରେ ସେ ଦଳର ନେତୃତ୍ୱ ନେବା ଉଚିତ କି ନୁହେଁ, ସେ ନେଇ ଦଳ ମଧ୍ୟରେ ପ୍ରଶ୍ନ ଉଠିଥିଲା। ସେ କହିଛନ୍ତି, 'ମୁଁ ମୋ ଦଳର ଉତ୍ତର ଶୁଣିଛି ଏବଂ ସେହି ନିଷ୍ପତ୍ତିକୁ ସମ୍ମାନର ସହ ଗ୍ରହଣ କରୁଛି।' ଦଳର ନୂତନ ନେତା ଚୟନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସେ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବେ। ୨୦୨୪ ମସିହା ସାଧାରଣ ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିର ୧୪ ବର୍ଷର ଶାସନକୁ ଶେଷ କରି ଷ୍ଟାର୍ମରଙ୍କ ନେତୃତ୍ୱରେ ଲେବର ପାର୍ଟି ବହୁମତ ହାସଲ କରିଥିଲା। ମାତ୍ର ମାତ୍ର ଦୁଇ ବର୍ଷର ଶାସନ କାଳ ମଧ୍ୟରେ ଦେଶର ଅର୍ଥନୀତି, ଜନସେବାରେ ଅବହେଳା ଏବଂ ଦଳୀୟ କନ୍ଦଳ ଯୋଗୁଁ ସେ ଜନସାଧାରଣଙ୍କ ସମର୍ଥନ ହରାଇବାକୁ ଲାଗିଥିଲେ। ନିକଟରେ ଦଳର ନେତା ଆଣ୍ଡି ବର୍ନହାମଙ୍କ ସଂସଦୀୟ ବିଜୟ ପରେ ଷ୍ଟାର୍ମରଙ୍କ ଉପରେ ନେତୃତ୍ୱ ପରିବର୍ତ୍ତନ ପାଇଁ ଚାପ ବହୁତ ବଢ଼ିଯାଇଥିଲା।

**ଆଣ୍ଡି ବର୍ନହାମ୍ ପ୍ରଧାନମନ୍ତ୍ରୀ ପଦ ଦୌଡ଼ରେ ସର୍ବାଗ୍ରେ**


ନିଜ ଭାଷଣରେ ସେ ଭାବୁକ ହୋଇ କହିଥିଲେ ଯେ ଏବେ ସେ ନିଜ ପରିବାର ଏବଂ ପିଲାମାନଙ୍କ ସହ ସମୟ ବିତାଇବେ। ଦଳର ନିୟମ ଅନୁସାରେ ଆସନ୍ତା ଜୁଲାଇ ୯ ତାରିଖରୁ ନୂତନ ନେତା ଚୟନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ ଏବଂ ସେପ୍ଟେମ୍ବର ମାସରେ ସଂସଦ ଅଧିବେଶନ ପୂର୍ବରୁ ବ୍ରିଟେନକୁ ଏକ ନୂତନ ପ୍ରଧାନମନ୍ତ୍ରୀ ମିଳିଯିବେ।



## କତାର ଗ୍ୟାସ କାରଖାନାରେ ବିସ୍ଫୋରଣ; ଭାରତୀୟଙ୍କ ସମେତ ୧୬ ମୃତ

ଦୋହା, ୨୨।୬(ଏଜେନ୍ସି): କତାର୍‌ର ରାସ୍ ଲାଫାନ୍ ଶିଳ୍ପ ନଗରୀରେ ଥିବା ବାର୍‌ଜାନ୍ ଗ୍ୟାସ୍ କାରଖାନାରେ ଘଟିଥିବା ବିସ୍ଫୋରଣ ଓ ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି ଏବଂ ଆହତଙ୍କ ସଂଖ୍ୟା ୬୬ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରେ ଭାରତୀୟ ଏବଂ ପାକିସ୍ତାନୀ ନାଗରିକ ସାମିଲ ଅଛନ୍ତି ବୋଲି କତାର୍‌ର ଶକ୍ତି ମନ୍ତ୍ରୀ ତଥା କତାର୍ ଏନର୍ଜିର ମୁଖ୍ୟ ସାଦ୍ ବିନ୍ ଶ୍ରେଇଦା ଅଲ୍-କାବି ସୋମବାର ସନ୍ଧ୍ୟାରେ ନିଶ୍ଚିତ କରିଛନ୍ତି। ଏହି ଦୁଃଖଦାୟକ ଘଟଣା ପରେ ଦୋହାସ୍ଥିତ ଭାରତୀୟ ଦୂତାବାସ କତାର୍ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛି। ଦୂତାବାସ ପକ୍ଷରୁ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରାଯିବା ସହ ପ୍ରଭାବିତ ପରିବାରକୁ ସହଯୋଗ କରିବା ପାଇଁ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। କେତେ ଜଣ ଭାରତୀୟ ଏଥିରେ ପ୍ରାଣ ହରାଇଛନ୍ତି, ସେ ନେଇ ସମ୍ପୂର୍ଣ୍ଣ ତଥ୍ୟ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ଗଣମାଧ୍ୟମ ଅନୁସାରେ, ଗତ ରବିବାର ସନ୍ଧ୍ୟାରେ ଗ୍ୟାସ୍ କାରଖାନାଟିକୁ ପୁନର୍ବାର ଚାଲୁ କରାଯିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଆହତ ହୋଇଥିବା ୬୬ ଜଣ ଶ୍ରମିକ ଭାରତ, କତାର୍, ପାକିସ୍ତାନ, ନେପାଳ, ବାଂଲାଦେଶ, ତାନଜାନିଆ, କେନିଆ ଏବଂ ନାଇଜେରିଆ ଭଳି ବିଭିନ୍ନ ଦେଶର ବୋଲି ଜଣାପଡ଼ିଛି। ଜରୁରୀକାଳୀନ ସୁରକ୍ଷା ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଛନ୍ତି।

## ରାମ ମନ୍ଦିର ଦାନ ଅର୍ଥ ହେରଫେର
## ତୁରନ୍ତ ଶୁଣିବାକୁ ମନାକଲେ ହାଇକୋର୍ଟ




**ଟଙ୍କା ଗଣତି ଓ ସିସିଟିଭି ଯାଞ୍ଚରେ ତ୍ରୁଟି ଦର୍ଶାଇଲା ତଦନ୍ତକାରୀ ଦଳ**

ଆଲାହାବାଦ, ୨୨।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରକୁ ଆସୁଥିବା ଦାନ ଓ ପାଣ୍ଠି ପରିଚାଳନାରେ ହେଉଥିବା ବେଆଇନ ଅନିୟମିତତାର ତଦନ୍ତ ପାଇଁ ଦାୟର ଆବେଦନ ଉପରେ ଆଲାହାବାଦ୍ ହାଇକୋର୍ଟ ତୁରନ୍ତ ଶୁଣାଣି କରିବାକୁ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହି ମାମଲାରେ କୌଣସି ଜରୁରୀ ପରିସ୍ଥିତି ନାହିଁ ଏବଂ ଉତ୍ତର ପ୍ରଦେଶ ସରକାର ଏହି ଅଭିଯୋଗ ଉପରେ ପୂର୍ବରୁ ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ମୋହିତ ଅଶୋକ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରି ମନ୍ଦିରକୁ ମିଳୁଥିବା ଦାନର ବେଆଇନ ଆତ୍ମସାତର ସ୍ୱାଧୀନ ତଦନ୍ତ ସହ ସିଏଜି ଦ୍ୱାରା ଏହାର ଅଡିଟ୍ କରିବାକୁ ଦାବି କରିଥିଲେ। ଜୁନ୍ ୧୩ ତାରିଖରେ ମନ୍ଦିର ଟ୍ରଷ୍ଟର ଅନୁରୋଧ କ୍ରମେ ଉତ୍ତର ପ୍ରଦେଶ ସରକାର ଏହି ଅଭିଯୋଗର ତଦନ୍ତ ପାଇଁ ଏକ ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ରାଜ୍ୟ ସରକାର ଏହି ବିଷୟରେ ଅବଗତ ଥିବାରୁ ଏବଂ ତଦନ୍ତ ଚାଲିଥିବାରୁ କୋର୍ଟ ଏହି ଆବେଦନ ଉପରେ କୌଣସି ଆଗୁଆ ଶୁଣାଣି ନକରି ଏହାକୁ ନିୟମିତ ପ୍ରକ୍ରିୟାରେ ରଖିଛନ୍ତି।

ରାମ ମନ୍ଦିରରେ ଦାନ ଅର୍ଥର ଚୋରି ଏବଂ ଅପବ୍ୟବହାର ଅଭିଯୋଗର ତଦନ୍ତ କରୁଥିବା ତିନି ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏକାଧିକ ସ୍ତରରେ ଗୁରୁତର ତ୍ରୁଟି ଆବିଷ୍କାର କରିଛି। ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏହି ଦଳ ନଗଦ ଟଙ୍କା ପରିଚାଳନା, କର୍ମଚାରୀ ନିଯୁକ୍ତି ଏବଂ ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ଅବହେଳା ହୋଇଥିବା ଦର୍ଶାଇଛି। ତଦନ୍ତ ଅନୁସାରେ, ମନ୍ଦିର ଟ୍ରଷ୍ଟର ବ୍ୟାଙ୍କିଙ୍ଗ୍ କାର୍ଯ୍ୟ ପରିଚାଳନା କରୁଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଟଙ୍କା ଗଣତି ପାଇଁ ଏକ ବେସରକାରୀ ସଂସ୍ଥା ଜରିଆରେ କର୍ମଚାରୀ ନିଯୁକ୍ତି କରିଥିଲା। ମାତ୍ର ଏହି ନିଯୁକ୍ତି ପ୍ରକ୍ରିୟାରେ ସୁପାରିଶ ଓ ସ୍ୱଜନତୋଷଣର ଆଶ୍ରୟ ନିଆଯାଇଥିବା ବେଳେ କର୍ମଚାରୀଙ୍କର କୌଣସି ସଠିକ୍ ଯାଞ୍ଚ କରାଯାଇ ନଥିଲା।

# ଚିନ୍ତା ବଢ଼ାଇଲା ଉପଗ୍ରହ ଚିତ୍ର



ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ପ୍ରଶାନ୍ତ ମହାସାଗରରେ ଏକ ଶକ୍ତିଶାଳୀ 'ଏଲ୍ ନିନୋ' ପାଣିପାଗ ପ୍ରକ୍ରିୟା ଦ୍ରୁତ ଗତିରେ ସକ୍ରିୟ ହେବାରେ ଲାଗିଛି। ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'ର ଏକ ବିଶେଷ ଉପଗ୍ରହ ସମୁଦ୍ର ମଧ୍ୟରେ ସୃଷ୍ଟି ହେଉଥିବା ଏହି ଭୟଙ୍କର ଉଷ୍ମତାର ତରଙ୍ଗକୁ ଚିହ୍ନଟ କରିଛି। ସମୁଦ୍ର ଗର୍ଭରେ ବିପୁଳ ପରିମାଣର ଗରମ ଜଳ ଜମା ହେବା ଯୋଗୁଁ ସେଠାରେ ଜଳସ୍ତର ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଛି, ଯାହା ଆଗାମୀ ଦିନରେ ସମଗ୍ର ବିଶ୍ୱରେ ସାଂଘାତିକ ପାଣିପାଗ ବିପର୍ଯ୍ୟୟ ସୃଷ୍ଟି କରିବାର ଆଶଙ୍କା ବଢ଼ାଇ ଦେଇଛି। ନାସାର 'ସେଣ୍ଟିନେଲ୍-୬' ଉପଗ୍ରହ ଦ୍ୱାରା ଗତ ଜୁନ୍ ୮ ତାରିଖରେ ସଂଗୃହିତ ତଥ୍ୟ ଅନୁଯାୟୀ, କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରର ଏକ ବଡ଼ ଭାଗ ମାନଚିତ୍ରରେ ଲାଲ୍ ରଙ୍ଗର ଦେଖାଯାଉଛି। ଏହାର ଅର୍ଥ ହେଉଛି ସେହି ଅଞ୍ଚଳରେ ସମୁଦ୍ର ପତ୍ତନ ସ୍ୱାଭାବିକ ଠାରୁ ବହୁତ ଉପରକୁ ଉଠିଯାଇଛି। ସାଧାରଣତଃ ସମୁଦ୍ରର ଗଭୀରରେ ଥିବା ଜଳ ଅତ୍ୟଧିକ ଗରମ ହେଲେ ତାହା ପ୍ରସାରିତ ହୋଇଥାଏ ଏବଂ ଜଳସ୍ତର ବୃଦ୍ଧି ପାଇଥାଏ। ପାଣିପାଗ ବିଜ୍ଞାନୀଙ୍କ ଅନୁସାରେ, ବର୍ତ୍ତମାନର ଏହି ସ୍ଥିତି ୧୯୯୭ ମସିହାରେ ଦେଖାଦେଇଥିବା ବିଶ୍ୱର ସବୁଠାରୁ ଭୟଙ୍କର ଏଲ୍ ନିନୋ ସହ ସମାନ, ଯାହାକୁ 'ଗଡ୍‌ଜିଲା ଏଲ୍ ନିନୋ' ବୋଲି କୁହାଯାଏ। ସେହି ବର୍ଷ ଏହି ପ୍ରଭାବ ଯୋଗୁଁ

**ଭୟଙ୍କର 'ଗଡ୍‌ଜିଲା ଏଲ୍ ନିନୋ' ବନ୍ୟା, ବାତ୍ୟା, ମରୁଡ଼ି ଆଶଙ୍କା**

ବିଭିନ୍ନ ମହାଦେଶରେ ପ୍ରଳୟଙ୍କରୀ ବନ୍ୟା, ଭୟାବହ ମରୁଡ଼ି, ଫସଲ ହାନି ଏବଂ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଦେଖାଦେଇଥିଲା।

ପ୍ରଶାନ୍ତ ମହାସାଗରରେ ପ୍ରବାହିତ ନିୟମିତ ପବନ ଦୁର୍ବଳ ହେବା କିମ୍ବା ଓଲଟା ଦିଗରେ ବହିବା ଯୋଗୁଁ ଏହି ସ୍ଥିତି ଉପୁଜିଥାଏ। ପବନର ଦିଗ ବଦଳିବା ଦ୍ୱାରା ଇଣ୍ଡୋନେସିଆ ଏବଂ ଅଷ୍ଟ୍ରେଲିଆ ନିକଟରେ ଥିବା ଗରମ ଜଳ ଧୀରେ ଧୀରେ ଆମେରିକା ମହାଦେଶ ଆଡ଼କୁ ଗତି କରିଥାଏ। ଏହାକୁ ସମୁଦ୍ର ଭିତରର 'କେଲଭିନ୍ ତରଙ୍ଗ' କୁହାଯାଏ। ଏହି ପ୍ରକ୍ରିୟା ଦକ୍ଷିଣ ଆମେରିକା ଉପକୂଳରେ ସମୁଦ୍ର ତଳୁ ଆସୁଥିବା ଥଣ୍ଡା ଜଳକୁ ଅଟକାଇ ଦେଇଥାଏ, ଯାହାଫଳରେ ସମୁଦ୍ରର ତାପମାତ୍ରା ସ୍ୱାଭାବିକ ଠାରୁ ବହୁତ ବଢ଼ିଯାଏ। ଆମେରିକାର ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳୀୟ ସଂସ୍ଥା ପକ୍ଷରୁ ଜୁନ୍ ୧୧ ତାରିଖରେ ଆନୁଷ୍ଠାନିକ ଭାବେ 'ଏଲ୍ ନିନୋ' ସକ୍ରିୟ ହୋଇଥିବା ଘୋଷଣା କରାଯାଇଛି। ଯେତେବେଳେ ବି ଏଲ୍ ନିନୋ ଶକ୍ତିଶାଳୀ ହୁଏ, ସେତେବେଳେ ଆମେରିକାର କେତେକ ଅଞ୍ଚଳରେ ଅତ୍ୟଧିକ ବର୍ଷା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଏବଂ ଏସିଆ ମହାଦେଶର ଅନେକ ଭାଗରେ ଭୟଙ୍କର ମରୁଡ଼ି ଦେଖାଦେଇଥାଏ।

## ଉତ୍ତରାଖଣ୍ଡ ଶିଖ୍ ଗୁରୁଦ୍ୱାରରେ ସଶସ୍ତ୍ର ନିହଙ୍ଗଙ୍କ ଉତ୍ପାତ; ସେନା ମୁତୟନ

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ଉତ୍ତରାଖଣ୍ଡର ନାଗରାସୁ ସ୍ଥିତ ଏକ ଗୁରୁଦ୍ୱାରରେ ପ୍ରଶାସନ ଏବଂ ସଶସ୍ତ୍ର ନିହଙ୍ଗ ଶିଖ୍‌ମାନଙ୍କ ମଧ୍ୟରେ ଚାଲିଥିବା ବିବାଦ ଆଜି ତୃତୀୟ ଦିନରେ ପହଞ୍ଚିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସୋମବାର ଦିନ ସେନା ବାହିନୀ ଘଟଣାସ୍ଥଳରେ ପହଞ୍ଚିଛି। ଏହା ସହିତ ସୁରକ୍ଷା ପାଇଁ ଆରକ୍ଷୀ ବାହିନୀ (ପୁଲିସ୍) ଏବଂ ଭାରତ-ତିବ୍ବତ ସୀମା ପୁଲିସ୍ (ଆଇଟିବିପି) କୁ ମଧ୍ୟ ମୁତୟନ କରାଯାଇଛି। ଜୁନ୍ ୨୦ ତାରିଖରୁ ପ୍ରାୟ ୮ ଜଣ ଧାରୁଆ ଅସ୍ତ୍ରଶସ୍ତ୍ର ସହ ସଶସ୍ତ୍ର ନିହଙ୍ଗ ଶିଖ୍ ଗୁରୁଦ୍ୱାରର ତୃତୀୟ ମହଲାରେ ନିଜକୁ ଆବଦ୍ଧ କରି ରଖିଛନ୍ତି। ସେମାନେ ଜଣେ ଶ୍ରଦ୍ଧାଳୁ ଏବଂ ଜଣେ ସେବାଦାରଙ୍କୁ ବନ୍ଧକ ରଖିଥିବା ଜଣାପଡ଼ିଛି। ଗତ ଜୁନ୍ ୧୬ ତାରିଖରେ ଚାମୋଲିରେ ଗାଡ଼ି ରଖିବା (ପାର୍କିଂ) ବିବାଦକୁ ନେଇ ସ୍ଥାନୀୟ ଲୋକଙ୍କ ସହ ହୋଇଥିବା ସଂଘର୍ଷ ମାମଲାରେ ଗିରଫ ହୋଇଥିବା ନିଜ ସମ୍ପ୍ରଦାୟର ୪ ଜଣ ସଦସ୍ୟଙ୍କ ମୁକ୍ତି ଦାବିରେ ସେମାନେ ଏଭଳି କରିଛନ୍ତି। ଗୁରୁଦ୍ୱାର ପରିଚାଳନା କମିଟି ଅନୁସାରେ, ଏହି ନିହଙ୍ଗମାନେ ଆନ୍ଦୋଳନ ପାଇଁ ଆସିବାକୁ ଥିବା ସେମାନଙ୍କ ସମର୍ଥକଙ୍କ ପାଇଁ ୫୦ ରୁ ୬୦ଟି କୋଠରୀ ମାଗିଥିଲେ। ଗୁରୁଦ୍ୱାର କର୍ତ୍ତୃପକ୍ଷ ଏଥିରେ ଅସମର୍ଥ ପ୍ରକାଶ କରିବାରୁ ସେମାନେ ଉଗ୍ର ରୂପ ଧାରଣ କରିଥିଲେ। ବର୍ତ୍ତମାନ ପ୍ରଶାସନ ଓ ପୁଲିସ୍ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ଚେଷ୍ଟା ଚଳାଇଛନ୍ତି ଏବଂ ଜଣେ ନିହଙ୍ଗ ଆଲୋଚନା ପାଇଁ ଆଗକୁ ଆସିଛନ୍ତି। ଜୁନ୍ ୧୬ର ସଂଘର୍ଷରେ ୪ ଜଣ ସ୍ଥାନୀୟ ବାସିନ୍ଦା ଆହତ ହୋଇଥିଲେ, ଯାହା ପରେ ପଞ୍ଜାବର ମୋହାଲି ନିବାସୀ ୪ ଜଣ ନିହଙ୍ଗଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ବନ୍ଧକମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଏବଂ ସ୍ଥିତିକୁ ଶାନ୍ତ ପଡ଼ିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି।




ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରି ରାଜ୍ୟର ସ୍ୱାସ୍ଥ୍ୟମିତ୍ରମାନଙ୍କର ଏକ ପ୍ରତିନିଧିମଣ୍ଡଳୀ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି

# ବନ୍ଦ ହୋଇଗଲା ନବୀନଙ୍କ 'ମୋ ଘର ଯୋଜନା'

## ଜିଲ୍ଲାରେ ୭୬୫୯ ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ୨୨ ଜଣ ଉପକୃତ

ବାରିପଦା, ୨୨।୬(ସମିସ): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ତତ୍କାଳୀନ ନବୀନ ପଟ୍ଟନାୟକ ସରକାରଙ୍କ ପ୍ରମୁଖ ଯୋଜନା "ମୋ ଘର' ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଯାଇଛି। ଜିଲ୍ଲାର ହଜାର ହଜାର ଗରିବ ପରିବାର ଘର କରିବା ସ୍ୱପ୍ନ ନେଇ ଆବେଦନ କରିଥିଲେ ମଧ୍ୟ କେବଳ ୨୨ ଜଣ ସୁବିଧା ପାଇଛନ୍ତି। ୨୦୨୩ ମେ' ୨୯ ତାରିଖରେ ଆରମ୍ଭ ହୋଇଥିବା ଏହି ଯୋଜନା ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ଥାନ ପାଇ ନ ଥିବା ହିତାଧିକାରୀଙ୍କୁ ବିନା ସୁଧରେ ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାର ବ୍ୟବସ୍ଥା ଥିଲା। ଯେଉଁଥିରେ ସାଧାରଣ ବର୍ଗ ସରକାରୀ ରିହାତି ୩୦ରୁ ୬୦ ହଜାର ଟଙ୍କା ପାଇବାକୁ ଥିବାବେଳେ ଆଦିବାସୀ ଜାତି/ଜନଜାତି/ଭିନ୍ନକ୍ଷମ ମୁଖ୍ୟ ପରିବାର ୪୦ରୁ ୬୦ ହଜାର ଟଙ୍କା ଲେଖାଏଁ ରିହାତି ପାଇବାର ଥିଲା । କିନ୍ତୁ ଆଦିବାସୀ ଜମି ବନ୍ଧକ ରଖି ଋଣ ଦେବା ଉପରେ ଥିବା ଆଇନଗତ ନିଷେଧ ଏହି ଯୋଜନାର ବଡ଼ ଅନ୍ତରାୟ ସାଜିଲା। ଘର ପାଇଁ ମୋଟ ୭,୬୫୯ ଜଣ ଆବେଦନ କରିଥିଲେ। ପ୍ରତି ଆବେଦନ ପାଇଁ ୧୦୦ ଟଙ୍କା ଲେଖାଏଁ ଫି' ବାବଦରେ ଆଦାୟ ହୋଇଥିଲା। ଆଦିବାସୀ ଆବେଦନକାରୀ ୫,୦୦୦ରୁ ଅଧିକ ରହିଥିଲେ। ତେବେ ଅସମ୍ପୂର୍ଣ୍ଣ କାଗଜପତ୍ର ଯୋଗୁଁ ୨୩୬୦ଟି ଆବେଦନ ନାକଚ ହୋଇଥିବାବେଳେ ୫,୨୯୯ଟି ବୈଧ ଆବେଦନ ମଧ୍ୟରୁ ୨୯୬୭ଟି ବ୍ୟାଙ୍କକୁ ସୁପାରିଶ କରାଯାଇଥିଲା। କିନ୍ତୁ ଶେଷରେ କେବଳ ୨୨ ଜଣ ସାଧାରଣ ବର୍ଗର ଲୋକ ଋଣ ପାଇଛନ୍ତି। ଆଦିବାସୀଙ୍କ ପାଇଁ ଯୋଜନା ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି।



ବାରିପଦା, ରାଇରଙ୍ଗପୁର, ଯଶିପୁର ଓ କରଞ୍ଜିଆ ବ୍ଲକରୁ ୩ ଜଣ ଲେଖାଏଁ ସୁବିଧା ପାଇଥିବାବେଳେ ଉଦଲା, ବାଙ୍ଗିରିପୋଷି, ବେତନଟୀ ଓ ବିଶୋଇ ବ୍ଲକରୁ ୨ ଜଣ ଲେଖାଏଁ ଓ ରାସଗୋବିନ୍ଦପୁର ଓ ଠାକୁରମୁଣ୍ଡା ବ୍ଲକରୁ ଜଣେ ଲେଖାଏଁ ସୁବିଧା ପାଇଥିଲେ। ଏ ନେଇ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି, ବ୍ୟାଙ୍କଗୁଡ଼ିକ ଋଣ ଦେବା ପାଇଁ ଜମି ବନ୍ଧକ ରଖିବାକୁ ବାଧ କରୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଆଦିବାସୀ ଜମି ବନ୍ଧକ ରଖାଯାଇ ନ ପାରିବା କାରଣରୁ ଯୋଜନା ଆଗକୁ ବଢ଼ି ପାରିଲା ନାହିଁ। ନିୟମ ପରିବର୍ତ୍ତନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିଲା। କିନ୍ତୁ କୌଣସି ଉତ୍ତର ମିଳିଲା ନାହିଁ। ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା କହିଛନ୍ତି, ଟିକେ ନିୟମ ପରିବର୍ତ୍ତନ ହୋଇଥିଲେ ଜିଲ୍ଲାର ହଜାର ହଜାର ଆଦିବାସୀ ପରିବାର ଉପକୃତ ହୋଇପାରିଥାନ୍ତେ। ତେବେ ଏହି ଯୋଜନା ଆଦିବାସୀ ଅଞ୍ଚଳରେ ସରକାରୀ ଯୋଜନା କାର୍ଯ୍ୟାନ୍ୱୟନରେ ଥିବା ସମ୍ବେଦନଶୀଳତା ଅଭାବକୁ ଉନ୍ମୋଚିତ କରିଛି।

# ଜୁନ ୨୯ ରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବନ୍ଦ

ବାରିପଦା,୨୨।୬(ସମିସ): ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କ ପାଇଁ ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବ୍ୟ ମଣ୍ଡଳ ଭାବେ ପ୍ରସିଦ୍ଧି ଲାଭ କରିଥିବା ଶିମିଳିପାଳ ଜାତୀୟ ଅଭୟାରଣ୍ୟ ଚଳିତ ଜୁନ ମାସ ୨୯ ତାରିଖରୁ ପର୍ଯ୍ୟଟକ ଓ ଭ୍ରମଣକାରୀଙ୍କ ପାଇଁ ବନ୍ଦ ରହିବ। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲର ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ ପ୍ରକାଶ ଚାନ୍ଦ



**ଖୋଲା ରହିବ ୨ଟି ଇକୋ ଟ୍ୟୁରିଜିମ କମ୍ପ୍ଲେକ୍ସ**

ଗୋଗିନେନୀ ବିଭାଗୀୟ ବିଜ୍ଞପ୍ତି ଜାରି କରିଛନ୍ତି। ପର୍ଯ୍ୟଟନ ଋତୁ ୨୦୨୫-୨୬ର ଗତବର୍ଷ ଅକ୍ଟୋବର ୧୪ ତାରିଖରେ ପର୍ଯ୍ୟଟକଙ୍କ ନିମନ୍ତେ ଶିମିଳିପାଳ ଅଭୟାରଣ୍ୟ ଖୋଲିଥିଲା। ପ୍ରତିବର୍ଷ ବର୍ଷାଋତୁ ପାଇଁ ଶିମିଳିପାଳ ଅଭୟାରଣ୍ୟକୁ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ ରହିଥାଏ। ଏଥର ବିଳମ୍ବ ମୌସୁମୀ ଆଗମନ ପାଇଁ ଦୁଇ ସପ୍ତାହ ପରେ ବନ୍ଦ କରାଯାଉଛି। ଶିମିଳିପାଳ ଅଭୟାରଣ୍ୟକୁ ପର୍ଯ୍ୟଟକ ଓ ଭ୍ରମଣକାରୀଙ୍କ ପାଇଁ ସାଢେ ପ୍ରାୟ ସାଢେ ୩ ମାସ ପର୍ଯ୍ୟନ୍ତ ପ୍ରବେଶ ବନ୍ଦ ରହିବ। ତେବେ ଖୋଲାଯିବାର ପରବର୍ତ୍ତୀ ତାରିଖ ଗଣମାଧ୍ୟମ ଦ୍ୱାରା ଜଣାଇଦିଆଯିବ ବୋଲି ଡ ଗୋଗିନାନୀ କହିଛନ୍ତି।

ସାଧାରଣତଃ ବର୍ଷାଋତୁରେ ଅଭୟାରଣ୍ୟର ରାସ୍ତାଘାଟ ଧୋଇଯାଇ ବିପଦସଙ୍କୁଳ ଅବସ୍ଥାରେ ରହିଥାଏ। ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସାମୟିକ ବନ୍ଦ କରାଯାଇଥାଏ। ଏହି ସମୟ ମଧ୍ୟରେ ଅଭୟାରଣ୍ୟ ଭିତରେ ରାସ୍ତା ସମେତ ଭିନ୍ନ ଭିତ୍ତିଭୂମିର ମରାମତି ମଧ୍ୟ ହୋଇଥାଏ। ସେପଟେ ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ତାଳବନ୍ଧ ଓ ଜାମୁଆଣି ଇକୋ ଟ୍ୟୁରିଜିମ କମ୍ପ୍ଲେକ୍ସ ପର୍ଯ୍ୟଟକଙ୍କ ରହଣି ସମେତ ପର୍ଯ୍ୟଟନ ପାଇଁ ଖୋଲା ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଉକ୍ତ ଜୈବମଣ୍ଡଳରେ ପ୍ରାଣୀ, ପକ୍ଷୀ, ସନ୍ତୁଳିତ ପରିବେଶ ସମେତ ହଜାରେ ପ୍ରଜାତିର ସପୁଷ୍ପକ ଉଦ୍ଭିଦ ସହିତ ୧୦୪ ପ୍ରଜାତିର ଅର୍କିଡ୍ ଓ ବରେହିପାଣି, ଯୋରନ୍ଦା, ଉସକି, ଦେବକୁଣ୍ଡ, ସୀତାକୁଣ୍ଡ ଆଦି ଜଳପ୍ରପାତର ପ୍ରକୃତିପ୍ରେମୀ ପର୍ଯ୍ୟଟକ ମଜା ନେଇଥିଲେ। ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବା ପାଇଁ ଯଶିପୁରରେ ଖଇରୀ ବାଘୁଣୀ ନେଇ ପ୍ରତିଷ୍ଠା ହୋଇଥିବା ସଂଗ୍ରହାଳୟ ବୁଲିଥିଲେ। ତତସହିତ ଦୁଃସାହସିକ କ୍ରୀଡା, ଜଙ୍ଗଲ ସଫାରୀ ଓ ମାଉଣ୍ଟେନ୍ ସାଇକଲିଂ, ନେଚର ଟ୍ୟାମ୍ପିଂ ଭଳି କିଛି ନୂଆ ଧରଣର କ୍ରୀଡ଼ାର ମଧ୍ୟ ବ୍ୟବସ୍ଥା ଯୋଡି ହୋଇଛି। ଏଥିସହିତ ସୁରକ୍ଷିତ ଭାବେ ପର୍ଯ୍ୟଟକ ଜଙ୍ଗଲ ପରିବେଶରେ କିପରି ବନ୍ୟଜନ୍ତୁଙ୍କ ଚଳପ୍ରଚଳକୁ ପାଖରୁ ନିରେଖି ଦେଖିପାରିବେ, ସେଥିପାଇଁ ସତନ୍ତ୍ର ରୁଟ୍ ପ୍ରସ୍ତୁତ କରାଯାଇଥିଲା। ଯାହାକି ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ବେଶ ଆକର୍ଷିତ କରିଥିଲା।

## ଶରଣକୁଳ ଥାନା ପୂର୍ବତନ ଆଇଆଇସି ସୁଜିତ ଦାସ ନିଲମ୍ବିତ

କଟକ,୨୨।୬(ସମିସ): ନୟାଗଡ଼ ଜିଲ୍ଲା ଶରଣକୁଳ ଥାନାର ପୂର୍ବତନ ଆଇଆଇସି (ଇନ୍ସପେକ୍ଟର) ସୁଜିତ କୁମାର ଦାସଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଡିଜିପି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ନେଇ ଆଜି ଓଡ଼ିଶା ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ଦାସଙ୍କ ବିରୋଧରେ ଜଣେ ମହିଳା ଆଣିଥିବା ଯୌନ ନିର୍ଯାତନା ଅଭିଯୋଗ ଘଟଣାରେ ପୂର୍ବରୁ ତାଙ୍କୁ ଶରଣକୁଳ ଥାନାରୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ଆଜି ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି ଡିଜିପି। ନିଲମ୍ବନ ଅବଧିରେ ସେ କଟକ କେନ୍ଦ୍ରାଞ୍ଚଳ ଆଇଜିଙ୍କ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ।

# ବିବାହିତ ଝିଅ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଯୋଗ୍ୟ: ହାଇକୋର୍ଟ

କଟକ,୨୨।୬(ସମିସ): ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ କେବଳ ବିବାହିତ ହୋଇଥିବା କାରଣରୁ ଜଣେ ଝିଅକୁ ମୃତ କର୍ମଚାରୀଙ୍କ ସ୍ଥାନରେ ଅନୁକମ୍ପାମୂଳକ ନିଯୁକ୍ତି ସୁଯୋଗରୁ ବଞ୍ଚିତ କରାଯାଇପାରିବ ନାହିଁ। ବିବାହ ହେଉଛି ଜଣେ ପୁରୁଷ ଏବଂ ମହିଳାଙ୍କର ଏକ ମୌଳିକ ନାଗରିକ ଅଧିକାର। କେବଳ ବିବାହ ଆଧାରରେ ଜଣେ ଝିଅକୁ ନିଯୁକ୍ତିରୁ ବଞ୍ଚିତ କରିବା ଭେଦଭାବପୂର୍ଣ୍ଣ ଏବଂ ଏହା ସମ୍ବିଧାନର ଧାରା ୧୪, ୧୫ ଓ ୧୬ର ଉଲ୍ଲଂଘନ କରୁଛି। ଅନୁକମ୍ପାମୂଳକ ନିଯୁକ୍ତିର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଆର୍ଥିକ ସଙ୍କଟରେ ଥିବା ପରିବାରକୁ ସହାୟତା କରିବା। ତେଣୁ ବିବାହ ଅପେକ୍ଷା 'ନିର୍ଭରଶୀଳତା' ହିଁ ନିଯୁକ୍ତିର ମୁଖ୍ୟ ମାପଦଣ୍ଡ ହେବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଗୌରୀ ଜେନାଙ୍କ ତରଫରୁ

**୨ ମାସରେ ଦାବିର ପୁନଃବିଚାର ନିର୍ଦ୍ଦେଶ**

ରୁଜୁ ଏକ ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ଏକ ନିର୍ଦ୍ଦେଶ ପ୍ରଦାନ କରିବା ସହ ଆବେଦନକାରୀଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ହୋଇଥିବା ଆବେଦନର ଖାରଜ ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି। ଆବେଦନକାରୀଙ୍କ ଦାବି ଉପରେ ୨ ମାସ ମଧ୍ୟରେ ନୂତନ ନିଷ୍ପତ୍ତି ନେବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାର ଶୁଣାଣି ସମୟରେ ହାଇକୋର୍ଟ ପୂର୍ବରୁ ହୋଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ରାୟ (ମମିତା ପରିଡ଼ା ଓ ଗାୟତ୍ରୀ ନାଏକ ମାମଲା)ର ଉଦାହରଣ ଦେଇ କହିଛନ୍ତି ଯେ ବିବାହିତ ଝିଅମାନଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିବା ପ୍ରସଙ୍ଗରେ ଆଉ କୌଣସି ଦ୍ୱନ୍ଦ୍ୱ ନାହିଁ। ମାମଲାରୁ ପ୍ରକାଶ ଯେ, ଆବେଦନକାରୀ ନିଜର ପିତା ତଥା ମୃତ ସରକାରୀ କର୍ମଚାରୀଙ୍କ ସ୍ଥାନରେ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ମାତ୍ର ୨୦୧୬ ଜୁଲାଇ ୨୮ ତାରିଖରେ ଢେଙ୍କାନାଳ ସିଡିଏମଓ ତାଙ୍କ ଆବେଦନକୁ ସେ ଜଣେ 'ବିବାହିତ ଝିଅ' ହୋଇଥିବା ଆଧାରରେ ଖାରଜ କରିଦେଇଥିଲେ। ସେ ଏହାକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ସକ୍ରିୟ ହେବ ମୌସୁମୀ**

# ୪୮ ଘଣ୍ଟାରେ ସାରା ଓଡ଼ିଶାକୁ ଛୁଇଁବ

ଭୁବନେଶ୍ୱର,୨୨।୬(ସମିସ): ରାଜ୍ୟରେ ମୌସୁମୀ ସକ୍ରିୟ ହେବାକୁ ପାଗ ଅନୁକୂଳ ହେଉଛି। ମୌସୁମୀ ନିମ୍ନଚାପ ରେଖା ସ୍ୱାଭାବିକ ଅବସ୍ଥାକୁ ଫେରିଥିବାରୁ ରାଜ୍ୟରେ ମୌସୁମୀ ସକ୍ରିୟ ହେବାର ସମ୍ଭାବନା ରହିଛି। ଏହି କ୍ରମରେ ସୋମବାର ରାଜ୍ୟର କେତେକ ଜିଲ୍ଲାକୁ ମୌସୁମୀ ଅଗ୍ରସର ହୋଇଥିବାବେଳେ ସକାଳୁ ବିଭିନ୍ନ ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ମୌସୁମୀ ସକ୍ରିୟ ହେଉଥିବା ଯୋଗୁଁ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସାରା ଓଡ଼ିଶାକୁ ମୌସୁମୀ ଛୁଇଁଯିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଅନ୍ୟପଟେ ମୌସୁମୀ ବାୟୁ ଅଗ୍ରସର ହେବା ସହ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭଲ ବର୍ଷା ହେବା ନେଇ ଆକଳନ କରାଯାଇଛି। ଆସନ୍ତା ୩ ଦିନ ପାଇଁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ବର୍ଷା ଜନିତ ଚେତାବନୀ ଜାରି କରିଛି। ମଙ୍ଗଳବାର ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବା ବେଳେ ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାରେ ଭାରି ବର୍ଷା ହେବା ସହ ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଭାରି ବର୍ଷା ହେବାକୁ ଥିବା ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରିଛି। ବାକି ସବୁ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ମୌସୁମୀ ସକ୍ରିୟ ହେବା ଦ୍ୱାରା ସୋମବାର ରାଜ୍ୟର ଅଧିକାଂଶ ସ୍ଥାନରେ କୋହଲା ଓ ମେଘୁଆ ପାଗ ଲାଗି ରହିଛି। ଭୁବନେଶ୍ୱରରେ ଦିନ ତମାମ କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ହୋଇଛି। ଏହା ସହିତ ଗତ ୩୬ ଘଣ୍ଟାରେ ସୋନପୁରରେ ସର୍ବାଧିକ ୭୧.୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ଼ରେ ୪୨ ମିମି, କୋରାପୁଟ ୨୯, ଛତ୍ରପୁର ୧୭ ଓ ଚାନ୍ଦବାଲିରେ ୧୬ ମିମି ବର୍ଷା ରେକର୍ଡ କରାଯାଇଛି।

## ଚାମେଲୀଙ୍କୁ ଆକ୍ରମଣ ଘଟଣାରେ ଆଉଜଣେ ଗିରଫ

ମହାକାଳପଡା,୨୨।୬(ସମିସ): ମହାକାଳପଡ଼ା ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟଙ୍କ ଚାମ୍ବରରେ ତିଖିରି ସରପଞ୍ଚ ଚାମେଲୀ ଓଝାଙ୍କୁ ଆକ୍ରମଣ ସହ ଦୁର୍ବ୍ୟବହାର, ମୋବାଇଲ ଛଡ଼ାଇ ନେବା ଓ ଅଶାଳୀନ ଭାଷା ପ୍ରୟୋଗ ଘଟଣାରେ ପୁଲିସ ତଦନ୍ତକୁ ଆହୁରି ଜୋରଦାର କରିଛି। ଏହି ମାମଲାରେ ପୂର୍ବରୁ ତିନିଜଣଙ୍କୁ ଗିରଫ କରାଯାଇଥିବାବେଳେ ଆଉଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଗିରଫ ସଂଖ୍ୟା ୪ରେ ପହଞ୍ଚିଛି।

ସରପଞ୍ଚ ଚାମେଲି ଓଝାଙ୍କ ଅଭିଯୋଗ ଅନୁଯାୟୀ, ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କ ଚାମ୍ବରରେ ଉପସ୍ଥିତ ଥିବା ସମୟରେ କିଛି ବ୍ୟକ୍ତି ହଠାତ୍ ସେଠାରେ ପ୍ରବେଶ କରି ତାଙ୍କୁ ଆକ୍ରମଣ, ଅସଦାଚରଣ କରିବା ସହ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ ଓ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ।

**ବ୍ୟାଙ୍କକୁ ଜିତୁ ମୁଣ୍ଡା କଙ୍କାଳ ବୋହିନେବା ଘଟଣା**

# ଘଟଣାର ପୁନରାବୃତ୍ତି ନ ହେବାକୁ ଅର୍ଥ ମନ୍ତ୍ରଣାଳୟର ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୬(ସମିସ): କେନ୍ଦୁଝରରେ ଆଦିବାସୀ ଜିତୁ ମୁଣ୍ଡାଙ୍କ ସହ ଘଟିଥିବା ଉଦ୍‌ବେଗଜନକ ଓ ଲଜ୍ଜାକର ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏ ସଂକ୍ରାନ୍ତରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ନବୀନ ଚିଠି ଲେଖି ପଦକ୍ଷେପ ଲାଗି ଅନୁରୋଧ କରିଥିଲେ। ବିଶେଷକରି ଦୂରଦୂରାନ୍ତର ଆଦିବାସୀ ଅଞ୍ଚଳରେ ଏକ ମାନବୀୟ ବ୍ୟାଙ୍କିଙ୍ଗ ପ୍ରଶାସନ ବ୍ୟବସ୍ଥା ଗଢ଼ିବା ନବୀନ ଚିଠିରେ ଉଲ୍ଲେଖ କରିଥିଲେ। ଏକମାସରୁ ପରେ ନବୀନଙ୍କ ଉକ୍ତ ଚିଠିର ଉତ୍ତର ରଖିଛନ୍ତି କେନ୍ଦ୍ର ଅର୍ଥରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ। ବ୍ୟାଙ୍କକୁ ଆସୁଥିବା ଗ୍ରହକଙ୍କ ପ୍ରତି କର୍ମଚାରୀମାନେ ଯେମିତି ହାନୁଭୂତିଶୀଳ ହେବେ ଓ ସମସ୍ତ ଗ୍ରାହକଙ୍କୁ ସ୍ୱଚ୍ଛ ସେବା ପ୍ରଦାନ କରିବେ, ସେ ନେଇ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ(ଓଜିବି)ର ବୋର୍ଡର ଏକ ଅନୁମୋଦିତ ନିର୍ଦ୍ଦେଶନାମା ଏହାର କ୍ଷେତ୍ରସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଦାନ କରାଯାଇଛି। ନାଗରିକ-କେନ୍ଦ୍ରିକ ବ୍ୟାଙ୍କିଙ୍ଗ ସେବାକୁ ସୁଦୃଢ଼ କରିବା ଓ ଦେଶର ୨୮ଟି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ(ଆରଆରବି)ରେ ଏହିଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ, ଆର୍ଥିକ ସେବା ବିଭାଗ ଦ୍ୱାରା ଗତ ମେ ୨୯ ତାରିଖରେ ସମସ୍ତ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କକୁ ଏକ ପରାମର୍ଶ ଜାରି କରାଯାଇଛି ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ନବୀନଙ୍କୁ ଅବଗତ କରିଛନ୍ତି। ଗ୍ରାମୀଣ, ଆଦିବାସୀ ଏବଂ ସମାଜର

**ନବୀନ ପଟ୍ଟନାୟକଙ୍କୁ ଜଣାଇଲେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ**

ଅନ୍ୟ ଅସୁରକ୍ଷିତ ବର୍ଗର ଗ୍ରାହକଙ୍କ ପାଇଁ ଉତ୍ତରଦାୟୀ, ସହାନୁଭୂତିଶୀଳ ଏବଂ ସ୍ୱଚ୍ଛ ଗ୍ରାହକ ସେବା ପ୍ରଦାନ ନିଶ୍ଚିତ କରିବାକୁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦିଆଯାଇଛି ବୋଲି ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ଚିଠିରେ ଶ୍ରୀ ଚୌଧୁରୀ ଲେଖିଛନ୍ତି ଯେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ସହ ଏହି ବିଷୟରେ ଯାଞ୍ଚ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ସୂଚନା ଅନୁସାରେ ମୃତ ଜମାକାରୀଙ୍କ ଆକାଉଣ୍ଟରେ କୌଣସି ନୋମିନି (ମନୋନୀତ ବ୍ୟକ୍ତି) ନଥିଲେ। ତେଣୁ ଦାବି ସମାଧାନ ପାଇଁ ମୃତ୍ୟୁ ପ୍ରମାଣପତ୍ର / ଆଇନଗତ ଉତ୍ତରାଧିକାରୀଙ୍କ ବିବରଣୀ ସହିତ ନିର୍ଦ୍ଧାରିତ କାଗଜପତ୍ର ଦାଖଲ କରିବା ଆବଶ୍ୟକ ଥିଲା। ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ପରେ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରାଯାଇଥିଲା ଏବଂ ୧୯,୪୦୨/- ଟଙ୍କାର ଦାବି ରାଶି ପରବର୍ତ୍ତୀ ସମୟରେ ଜିତୁ ମୁଣ୍ଡା ଏବଂ ଦୁଇ ଜଣ ଆଇନଗତ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ତଥାପି ଏହି ଘଟଣାକୁ ଅର୍ଥ ସେବା ବିଭାଗ ଗମ୍ଭୀରତାର ସହ ଗ୍ରହଣ କରିଛି। ବ୍ୟାଙ୍କିଙ୍ଗ କାର୍ଯ୍ୟରେ ନିର୍ଦ୍ଧାରିତ ପ୍ରଣାଳୀର କଠୋର ଅନୁପାଳନ ଆବଶ୍ୟକ ଥିଲେ ହେଁ ଏ କ୍ଷେତ୍ରରେ ସମ୍ବେଦନଶୀଳତା, ସହାନୁଭୂତି ଏବଂ ପ୍ରଭାବଶାଳୀ ଯୋଗାଯୋଗ ରହିବା ଆବଶ୍ୟକ ବୋଲି ମନେ କରୁଛି। ଓଜିବି ପ୍ରଥମ ପଦକ୍ଷେପ ସ୍ୱରୂପ ମାଲିପୋଷୀ ଶାଖାର ଶାଖା ପରିଚାଳକଙ୍କୁ ନିଲମ୍ବନ କରିଛି ଓ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ଗ୍ରାହକଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଛି ବୋଲି ମନ୍ତ୍ରୀ ଶ୍ରୀ ଚୌଧୁରୀ ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

**ସ୍ୱାସ୍ଥ୍ୟମିତ୍ରଙ୍କୁ ଛଟେଇ ନୋଟିସ୍**

# ପ୍ରତିବାଦରେ ଲୋୟର ପିଏମଜିରେ ଗର୍ଜିଲେ ସ୍ୱାସ୍ଥ୍ୟ ମିତ୍ର

ଭୁବନେଶ୍ୱର,୨୨।୬(ସମିସ): ଚାକିରି ସୁରକ୍ଷା ଓ ଛଟେଇ ନୋଟିସ ପ୍ରତ୍ୟାହାର ଦାବିରେ ରାଜଧାନୀର ରାଜରାସ୍ତାକୁ ଓହ୍ଲାଇଛନ୍ତି ସ୍ୱାସ୍ଥ୍ୟ ମିତ୍ର। ଥାଳି ପିଟି ପ୍ରତିବାଦ କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଧାରଣାରେ ବସିଛନ୍ତି ଶତାଧିକ ସ୍ୱାସ୍ଥ୍ୟ କର୍ମଚାରୀ। ତୁରନ୍ତ ଛଟେଇ ପ୍ରକ୍ରିୟା




ବନ୍ଦ କରିବା, ଚାକିରିରେ ସୁରକ୍ଷା ପ୍ରଦାନ ଓ ଆଉଟସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ କରି ସିଧାସଳଖ ବିଭାଗ ଅଧୀନକୁ ନେବାକୁ ସେମାନେ ଦାବି କରିଛନ୍ତି। ସ୍ୱାସ୍ଥ୍ୟ ମିତ୍ରମାନେ କହିଛନ୍ତି ଯେ ୨୦୧୯ ମସିହାରୁ ରାଜ୍ୟର ବିଭିନ୍ନ ପଞ୍ଜୀକୃତ ବେସରକାରୀ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବେ (ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନା) ର କାର୍ଯ୍ୟାନ୍ୱୟନରେ ସେମାନେ ନିୟୋଜିତ ଅଛନ୍ତି। ପ୍ରାୟ ୯୯୩ ଜଣ କର୍ମଚାରୀ ଦୀର୍ଘ ବର୍ଷ ଧରି ରୋଗୀଙ୍କୁ କ୍ୟାସଲେସ୍ ଚିକିତ୍ସା ସୁବିଧା ଯୋଗାଇବା, ହସ୍ପିଟାଲରେ ଅନିୟମିତତା ରୋକିବା, ଅଭିଯୋଗର ସମାଧାନ କରିବା ତଥା ଯୋଜନା ସମ୍ପର୍କିତ ସହାୟତା ଯୋଗାଇ ହେବା ପରି କାମ କରି ଆସୁଛନ୍ତି। ମାତ୍ର ଗତ ମେ' ୨୯ ତାରିଖରେ ଛଟେଇ ନୋଟିସ ଜାରି କରାଯାଇଛି। ଏହାର ଅବଧି ଜୁନ ୩୦ ତାରିଖରେ ଶେଷ ହେବାକୁ ଥିବାରୁ କର୍ମଚାରୀମାନେ ଚିନ୍ତାରେ ଅଛନ୍ତି। ସ୍ୱାସ୍ଥ୍ୟମିତ୍ରମାନେ ଛଟେଇ ହେଲେ ଗରିବ ରୋଗୀମାନେ ବେସରକାରୀ ଚିକିତ୍ସାଳୟରେ ଶୋଷଣର ଶିକାର ହେବା ସହ ଅନେକ ସମସ୍ୟାର ସମ୍ମୁଖୀନ ହେବେ।

ଅନ୍ୟପଟେ ସ୍ୱାସ୍ଥ୍ୟମିତ୍ରଙ୍କ ଦାବିକୁ ବିଜେଡି ଓ କଂଗ୍ରେସ ସମର୍ଥନ ଜଣାଇଛନ୍ତି। ଆନ୍ଦୋଳନସ୍ଥଳରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ପହଞ୍ଚି ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ସରକାରୀ ଓ ଘରୋଇ ହସ୍ପିଟାଲମାନଙ୍କରେ ରୋଗୀଙ୍କୁ ସହାୟତା କରିବା ପାଇଁ ଏବଂ ବିଏସକେୱାଇ ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ୮ ବର୍ଷ ତଳେ ନବୀନ ସରକାର ସାରା ରାଜ୍ୟରେ ୯୯୩ ଜଣ ଯୁବକ ଯୁବତୀଙ୍କୁ ସ୍ୱାସ୍ଥ୍ୟମିତ୍ର ଭାବେ ନିଯୁକ୍ତି ଦେଇଥିଲେ। ମାତ୍ର ନୂଆ ସରକାର କ୍ଷମତାକୁ ଆସିବା ପରେ ସେମାନଙ୍କୁ ଛଟେଇ କରିବାକୁ ନୋଟିସ ପଠାଇଛି। ଏକ ସମ୍ବେଦନହୀନ ସରକାରର ଏହି ଅନ୍ୟାୟ ନିଷ୍ପତ୍ତି ନେଇଛି। ଆଗାମୀ ବିଧାନସଭା ଅଧିବେଶନରେ ସେମାନଙ୍କ ଦାବିକୁ ଉଠାଇବା ଲାଗି ବିଜୁ ଜନତା ଦଳ ଦୃଢ଼ ପ୍ରତିଶ୍ରୁତି ଦେଉଛି ବୋଲି ସେ କହିଛନ୍ତି।

ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଏଠାକୁ ଆସି ବର୍ଷ ବର୍ଷ ଧରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ଛଟେଇ କରି ସେମାନଙ୍କର ଜୀବିକା ଛଡ଼ାଇ ନେବା ଅନ୍ୟାୟ ବୋଲି କହିଛନ୍ତି। ସରକାର ସେମାନଙ୍କ ଅବଦାନକୁ ସମ୍ମାନ ଦେବା ସହ ରୋଜଗାର ସୁରକ୍ଷା ଓ ନ୍ୟାୟ ସୁନିଶ୍ଚିତ କରିବା ନିହାତି ଆବଶ୍ୟକତା ଅଛି। ଏହି ସରକାର ପ୍ରତ୍ୟେକ ଶ୍ରମଜୀବୀ ଓ କର୍ମଚାରୀଙ୍କୁ କେବଳ ଛଟେଇ କରିବା ଜାଣିଛି। ବେସରକାରୀ କମ୍ପାନୀଙ୍କୁ ସୁହାଇଲା ପରି କଣ୍ଟ୍ରାକଚୁଆଲ ଓ ଅସ୍ଥାୟୀ ସରକାରୀର ଯୁଗ ଆରମ୍ଭ କରିଛି। ରାଜ୍ୟରେ କାର୍ଯ୍ୟ କରୁଥିବା କୌଣସି ବର୍ଗର କର୍ମଚାରୀ ସରକାର ଉପରେ ସନ୍ତୁଷ୍ଟ ନୁହନ୍ତି। ରାଜକୋଷରେ ଟଙ୍କା ନାହିଁ। ଏପରିକି ବୃଦ୍ଧ ବୃଦ୍ଧାଙ୍କ ଭତ୍ତା ଦେବାକୁ ଅସମର୍ଥ। ଆଗକୁ କର୍ମଚାରୀଙ୍କୁ ଦରମା ଦେବା ମଧ୍ୟ ସମ୍ଭବ ହେବ ନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଏଥିରେ ମଧ୍ୟ ସରକାର ଗମ୍ଭୀର ନୁହନ୍ତି। ସମସ୍ତ କର୍ମଚାରୀ ସଙ୍ଘକୁ ଏକଜୁଟ ହୋଇ ସରକାରଙ୍କ ମନମାନୀ ନୀତି ବିରୋଧରେ ଲଢେଇ କରିବାକୁ ପଡ଼ିବ ବୋଲି ଶ୍ରୀ ଦାସ କହିଛନ୍ତି।

- ବର୍ଷାରେ ଭିଜି ଭିଜି ଥାଳି ବାଡ଼େଇ ନିଷ୍ପତ୍ତିର ପ୍ରତିବାଦ
- ଆନ୍ଦୋଳନସ୍ଥଳରେ ପହଞ୍ଚିଲେ ବିଜେଡି ଓ କଂଗ୍ରେସ ନେତା

**+୩ ନାମଲେଖା ପାଇଁ ମେଧା ତାଲିକା**

# ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ରେଭେନ୍ସା

ଭୁବନେଶ୍ୱର, ୨୨।୬(ସମିସ): ଯୁକ୍ତ ୩ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଏହି ପ୍ରଥମ ରାଉଣ୍ଡରେ ନାମଲେଖା ପାଇଁ ସମୁଦାୟ ୧ ଲକ୍ଷ ୭୮ ହଜାର ୭୮୨ ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। କଳା, ବାଣିଜ୍ୟ ଓ ବିଜ୍ଞାନ ପଢ଼ିବା ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ସପନ୍ଦ ହୋଇଛି। ସେହିପରି ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମ ପାଇଁ ବିଜେବି କଲେଜ ଓ ଆଇନ୍ ପାଠ୍ୟକ୍ରମ ପାଇଁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କଟଅଫ୍ ସର୍ବାଧିକ ରହିଛି।

ଚଳିତ ଶିକ୍ଷାବର୍ଷ ସ୍ନାତକରେ ମୋଟ୍ ୨ଲକ୍ଷ ୮୭ ହଜାର ୩୨୭ଟି ସିଟ୍ ରହିଛି। ଉପଲବ୍ଧ ସିଟ୍ ଠାରୁ ପ୍ରାୟ ୫୦ ହଜାର କମ୍ ପିଲା ଆବେଦନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୭୮ ହଜାର ୭୮୨ ଜଣ ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୬୯,୧୮୨ ଜଣ ଛାତ୍ର ଥିବାବେଳେ ୧,୦୯,୫୯୧ ଜଣ ଛାତ୍ରୀ ଓ ୯ ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। କଳା, ବାଣିଜ୍ୟ ଓ ବିଜ୍ଞାନରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କଟଅଫ୍ ସର୍ବାଧିକ ରହିଛି। ରାଜନୀତି ବିଜ୍ଞାନ ବିଷୟର କଟଅଫ୍ ସର୍ବାଧିକ ୯୪.୫୦% ରହିଥିବା ବେଳେ ପଦାର୍ଥ ବିଜ୍ଞାନରେ ୯୬.୫୦% ଓ ଜୀବ ବିଜ୍ଞାନରେ ୯୪.୮୩% କଟଅଫ୍ ଯାଇଛି। ଅର୍ଥାତ୍ ଏହାଠାରୁ ଅଧିକ ମାର୍କ ରଖିଥିବା ପିଲାମାନେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଚୟନ ହୋଇଛନ୍ତି। ଅନୁରୂପ ଭାବେ ସେଲ୍ଫ ଫାଇନାନ୍ସ ବର୍ଗରେ ବିଜେବି କଲେଜ (କମ୍ପ୍ୟୁଟର ସାଇନ୍ସ) ର କଟଅଫ୍ ୯୨% ଏବଂ ୫ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏଏଲ୍ଏଲ୍ବି ପାଠ୍ୟକ୍ରମ ପାଇଁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କଟଅଫ୍ ସର୍ବାଧିକ ୮୯.୪୦% ରହିଛି। କଳାରେ ନାମଲେଖା ପାଇଁ ୧,୧୨,୮୨୨ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଥିବାବେଳେ ବିଜ୍ଞାନରେ ୪୩,୬୯୩, ବାଣିଜ୍ୟରେ ୧୫,୬୨୪, ଶାସ୍ତ୍ରୀରେ ୩,୩୭୧ ଏବଂ ଆଇନ୍ ପାଠ୍ୟକ୍ରମରେ ୧୬୭ ଜଣ ମନୋନୀତ ହୋଇଛନ୍ତି।

ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ନାମ ଲେଖାଇବାକୁ ଚାହୁଁଥିଲେ ଫ୍ରିଜ୍ ଅପସନ୍ ଦେବା ସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ୨୩ରୁ ୨୫ ତାରିଖ ମଧ୍ୟରେ ଯାଇ ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବେ। ସେହିପରି ଉଚ୍ଚତର ଅପସନ୍ ବା ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଚାହୁଁଥିବା ପିଲାମାନେ ସ୍ଲାଇଡ୍ ଅପସନ୍ ଦେଇ ନାମଲେଖା ଫି' ପୈଠ କରିବେ। ସେମାନଙ୍କୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯିବାକୁ ପଡ଼ିବ ନାହିଁ। ସେହିପରି ସମାନ କଲେଜରେ ଅନ୍ୟ ଅନର୍ସ ପାଇଁ ଆଗ୍ରହୀ ଥିବା ପିଲାମାନେ ଫ୍ଲୋଟ୍ ଅପସନ୍ ଦେଇପାରିବେ। ସ୍ଲାଇଡ୍ ବା ଫ୍ଲୋଟ୍ ବିକଳ୍ପ ବାଛିଥିବା ପିଲାଙ୍କ ନାମଲେଖା ପାଇଁ ଦ୍ୱିତୀୟ ରାଉଣ୍ଡରେ ମେଧା ତାଲିକା ପ୍ରକାଶ ପାଇବ। ପ୍ରଥମ ପସନ୍ଦର ଶିକ୍ଷାନୁଷ୍ଠାନରେ ସିଟ୍ ପାଇଥିଲେ ମଧ୍ୟ ନାମ ଲେଖାଇବାକୁ ଇଚ୍ଛୁକ ନଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ପ୍ରଚଳିତ "ଅଲ୍ଟର' ବିକଳ୍ପ ମାଧ୍ୟମରେ ଓଟିପି ଭିତ୍ତିକ ଯାଞ୍ଚ ଦ୍ୱାରା ନିଜ ପସନ୍ଦ ପରିବର୍ତ୍ତନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ପ୍ରୋବେସନାରୀ ଅଫିସରମାନଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 1500

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://sbi.bank.in/careers/current-openings ରେ ବିଜ୍ଞାପନ ନମ୍ବର CRPD/PO/2026-27/09 ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 18.06.2026 ରୁ 08.07.2026 ପର୍ଯ୍ୟନ୍ତ ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" ଉପରୋକ୍ତ ବ୍ୟାଙ୍କର ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ ।

ସ୍ଥାନ: ମୁମ୍ବାଇ
ତାରିଖ: 18.06.2026
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

## ମିଲରଙ୍କ ମନମାନି; ସରକାର ଅସହାୟ

# ଧାନକ୍ରୟ ମନ୍ଥର, ଟୋକନ ଅବଧି ସରିବାକୁ ଆଉ ୭ ଦିନ ବାକି

ବାଲେଶ୍ୱର(ଉତ୍ତର), ୨୨।୬ (ସମିସ)

ମିଲରମାନଙ୍କ ମାନମାନି ଯୋଗୁଁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ବିଭିନ୍ନ ସେବା ସମବାୟ ସମିତି(ପ୍ୟାକ୍ସ)ରେ ଧାନ କ୍ରୟ ଅତି ମନ୍ଥର ଗତିରେ ଚାଲିଛି। କଟନୀ ଛଟନୀ ହେଉ କିମ୍ବା ପେପର ଟ୍ରାଞ୍ଜେକ୍ସନ ଯେଉଁ ସମିତି ମିଲରକୁ ସହଯୋଗ କରୁଛି ସେଠାକୁ ଯାଇ ଧାନ ଉଠାଉ ଥିବା ଦେଖିବାକୁ ମିଳୁଛି। ଜୁନ ମାସ ୩୦ତାରିଖ ସୁଦ୍ଧା ରବି ଧାନ କ୍ରୟ କରାଯିବାର ଶେଷ ସମୟ ଥିବା ସ୍ଥଳେ ଅନେକ ଚାଷୀଙ୍କ ଟୋକନ ଅବଧି ୧୫ ତାରିଖ ସୁଦ୍ଧା ଶେଷ ହେବାକୁ ଯାଉଛି।ଏଥିପ୍ରତି ସମିତି ତରଫରୁ ବିଭାଗୀୟ କର୍ତ୍ତୃପକ୍ଷ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି କୌଣସି ଧାନ କ୍ରୟ ଉପଯୋଗୀ ପଦକ୍ଷେପ ନିଆଯାଉ ନାହିଁ। ରାଜନୈତିକ ଦଳର ନେତା ମାନେ ପରସ୍ପରକୁ କାଦୁଅ ଫିଙ୍ଗି ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁ ଥିବା ବେଳେ ଶାସକ ଦଳର ନେତା ମାନେ ସମବାୟ ସମିତିର ସଭାପତି ଓ ସମ୍ପାଦକ ଙ୍କ ଉପରେ ଦୋଷ ଥୋଇ ଆତ୍ମସନ୍ତୋଷ ଲାଭ କରୁଛନ୍ତି।ଏହି ସୁଯୋଗରେ ବିଭିନ୍ନ ଅଞ୍ଚଳର ଅଣ ଚାଷୀ ମାନେ ମଧ ଭିତ୍ତିହୀନ ଅଭିଯୋଗ ଗଣ ମାଧ୍ୟମରେ ପ୍ରକାଶ କରି ବାହାବା ନେବାର ପ୍ରୟାସ କରୁଥିବା ବେଳେ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି।

ପ୍ରକାଶ ଯେ ଭୋଗରାଇ ବ୍ଲକରେ ୧୯ଟି ସେବା ସମବାୟ ସମିତି ଓ ଗୋଟାଏ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ସରକାର ଧାନ କ୍ରୟ କରିବା ପାଇଁ ସରକାର ମିଲର ମାନଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ସେମାନଙ୍କୁ ଟାର୍ଗେଟ ମଧ ଦିଆଯାଉଛି। ମାତ୍ର ମିଲରଙ୍କୁ ଟୋକନ ଅନୁଯାଇ ଧାନ ନେବା ପାଇଁ ସରକାର ଙ୍କ ତରଫରୁ କୌଣସି ଚାପ ନଥିବାରୁ ସେମାନେ ଏଫଏକ୍ୟୁ ଆଳରେ ନିମ୍ନ ମାନର ଧାନ ପାଇଁ ସାଢ଼େ ଆଠରୁ ଦଶ କିଲୋ କ୍ୱିଣ୍ଟାଲ ପ୍ରତି ଅଧିକ ଦାବି କରୁଛନ୍ତି। ଯେଉଁଠି ଚାଷୀ ମାନେ ମିଲର ସର୍ତ୍ତରେ ରାଜି ହେଉଛନ୍ତି, ସେଠାରେ ମିଲର ରାଜି ହୋଇ ଧାନ ଉଠାଉଛି ଏବଂ ସେହି ଧାନ

**ଚିନ୍ତାରେ ୪୫୯୬ ଜଣ ଚାଷୀ**

ଯଥାଯଥ ମାନ ଅର୍ଥାତ ଏଫଏକ୍ୟୁର ବୋଲି ରେକର୍ଡ ହେଉଛି। ଅପରପକ୍ଷରେ ଟୋକନ ଅନୁଯାଇ ଧାନ ପରିମାଣକୁ କାଟି କେବଳ ପେପର ଟ୍ରାଞ୍ଜେକ୍ସନ ଜରିଆରେ ଯେଉଁଠାରେ ଚାଷୀମାନେ ରାଜି ହେଉଛନ୍ତି ସେଠାକୁ ମିଲର ଆଗ୍ରହ ସହ ଯାଉଥିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି।ଏହି ଦୁଇ ପ୍ରକାର ସର୍ତ୍ତରେ ଯେଉଁଠାରେ ଚାଷୀ ମାନେ ରାଜି ହେଉନାହାନ୍ତି ସେଠାରେ ମିଲର ବିଭିନ୍ନ ଆଳ ଦେଖାଇ ଓହରି ଯାଉଛି କିମ୍ବା ଧାନ ଉଠାଉ ନାହିଁ। ସେହିପରି ଅନେକ ସମିତିରେ ନିଜର ଗୋଦାମ ଘର ନଥିବାରୁ ଚାଷୀ ମାନଙ୍କ ଧାନ ବର୍ଷାରେ ନଷ୍ଟ ହେବାର ସମ୍ଭାବନା ଅଛି। ଏହା ଛଡ଼ା ମିଲର ଧାନ ନ ନେଲେ ଗତ ଖରିଫ ଋତୁରେ ଏଠାକାର କମର୍ଦ୍ଦା ସମିତି ଭଳି ଦୁର୍ଗଭୋଗ ର ସମ୍ମୁଖୀନ ହେବା ଭଳି ଉଦାହରଣ ମଧ ଦିଆଯାଇ ଅନ୍ୟମାନଙ୍କୁ ସତର୍କ ରହିବା ପାଇଁ ମିଲର ବାଧ କରୁଛି।ଏଠାରେ ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ରବି ଧାନ ପାଇଁ ଭୋଗରାଇ ବ୍ଲକରେ ମୋଟ ୧୧୩୭୦ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୯୫୨ଜଣ ଚାଷୀଙ୍କୁ ଟୋକନ ଇସ୍ୟୁ ହୋଇଥିଲା। ସେହିପରି ଟୋକନ ଅନୁଯାଇ ୨୧୨୨୭୦ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ରହିଥିବା ସ୍ଥଳେ ୧୬ ଜୁନ ସୁଦ୍ଧା ମୋଟ ୧୪୪୭୧୬ କ୍ୱିଣ୍ଟାଲ ଧାନ କିଣା ଶେଷ ହୋଇଛି ଏବଂ ୫୬୫୭ଟି ଟୋକନ ଜରିଆରେ ମାତ୍ର ୫୩୫୬ ଜଣ ଚାଷୀ ଧାନ ବିକ୍ରି କରିପାରିଛନ୍ତି, ଯାହା ମୋଟ ଟୋକନ ପରିମାଣର ୫୦ପ୍ରତିଶତ ରୁ କମ ବୋଲି ଜଣା ପଡ଼ିଛି।ତେବେ ଆଉ ୭ଦିନ ମଧ୍ୟରେ ବାକି ୫୦ପ୍ରତିଶତ ଧାନ କିଭଳି କିଣା ଯିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେଥି ମଧ୍ୟରୁ କେବଳ ଜୟରାମପୁର ସେବା ସମବାୟ ସମିତିରେ ୫୦୯ ପଞ୍ଜିକୃତଚାଷୀ ଙ୍କ ମଧ୍ୟରୁ ଏଯାବତ ୨୨୮ ଜଣ ଚାଷୀ ପ୍ରାୟ ୪୭୫୯ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିବା ସ୍ଥଳେ ଆହୁରି ୧୨ହଜାର କ୍ୱିଣ୍ଟାଲ ରୁ ଅଧିକ ଧାନର ଟୋକନ ରହିଛି।ଯାହା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିକ୍ରୟ ହୋଇପାରିବା ଅନିଶ୍ଚିତ ହୋଇ ରହିଛି। ଏଥିପ୍ରତି ଗୁରୁତ୍ୱ ଦେଇ ଜରୁରୀ ଭିତ୍ତିରେ ଅଧିକ ମିଲର ନିଯୁକ୍ତି କରିବା ସହିତ ସରକାର ଏମାନଙ୍କ ଉପରେ କଡ଼ା ଆଭିମୁଖ୍ୟ ଯଦି ଗ୍ରହଣ କରି ଧାନ ଉଠାଣ ବ୍ୟବସ୍ଥା ଗ୍ରହଣ ନ କଲେ ଚାଷୀ ଅସନ୍ତୋଷକୁ ଏଡ଼ାଇ ହେବ ନାହିଁ।

## ପୂର୍ବଶତ୍ରୁତାରୁ ମରଣାନ୍ତକ ଆକ୍ରମଣ, ଭାଇ ମୃତ

ରେମୁଣା, ୨୨।୬ (ସମିସ): ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ। ବଡ଼ ଭାଇ ଏବଂ ଭାଉଜଙ୍କ ପ୍ରାୟୋଜିତ ଗୁଣ୍ଡାଙ୍କ ଆକ୍ରମଣରେ ମଝିଆଁ ଭାଇର ମୃତ୍ୟୁ ଅଭିଯୋଗ ହୋଇଛି। ମୃତକ ଜଣକ ହେଉଛନ୍ତି ହରିମୋହନ ମହାନ୍ତି(୪୫)। ସଦର ଥାନା ରେମୁଣା ବ୍ଲକ ଅଧିନ ଗର୍ଣ୍ଡଦା ପଞ୍ଚାୟତ ଶଙ୍କରପୁର ଗ୍ରାମର ବ୍ରଜ ମୋହନ ମହାନ୍ତି(ବଡ଼), ହରି ମୋହନ ମହାନ୍ତି(ମଝିଆଁ), ଚନ୍ଦ୍ର ମୋହନ ମହାନ୍ତି(ସାନ) ତିନି ଭାଇ ପୃଥକ ଭାବେ ବସବାସ କରନ୍ତି। ବ୍ରଜ ମୋହନ ଏବଂ ହରିମୋହନଙ୍କ ମଧ୍ୟରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ପୂର୍ବରୁ ବିବାଦ ଥିଲା। ଗତ କିଛିଦିନ ତଳେ ଘରବାଡ଼ିରେ ଥିବା ନଡ଼ିଆ ଗଛ ଭାଗବଣ୍ଟା ହୋଇଥିଲା। କିନ୍ତୁ ରବିବାର ମଝିଆଁ ଭାଇ ହରି ମୋହନ ବଳ ପୂର୍ବକ ବଡ଼ଭାଇ ଭାଗରେ ଥିବା ଗଛରୁ ନଡ଼ିଆ ତୋଳିଥିଲେ। ବଡ଼ଭାଇ ଏବଂ ଭାଉଜ ମଧ୍ୟ ଏହାର ପ୍ରତିବାଦ କରିଥିଲେ। ଯଦ୍ୱାରା ହରି ମୋହନ ପୁନର୍ବାର ଉଭୟଙ୍କୁ କଟୁ ଭାଷାରେ ଗାଳି ଦେବା ସହ ବଡ଼ ଭାଉଜଙ୍କ ଚରିତ୍ର ସଂହାର କରିବାର ଗ୍ରାମବାସୀମାନେ କହନ୍ତି। ପରେ ବଡ଼ଭାଇ ଓ ଭାଉଜ କିଛି ଲୋକଙ୍କୁ ଡକାଇ ହରିମୋହନଙ୍କୁ ଆକ୍ରମଣ କରାଇଥିଲେ। ଗୁରୁତର ହରିମୋହନଙ୍କୁ ତୁରନ୍ତ ଫକୀର ମୋହନ ମେଡ଼ିକାଲ କଲେଜକୁ ନିଆ ଯାଇଥିଲା। କିନ୍ତୁ ଡାକ୍ତର ହରି ମୋହନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦର ଥାନା ପୋଲିସ ଶବ ପଞ୍ଚନାମା ବ୍ୟବସ୍ଥା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ରାମଚଣ୍ଡୀ ମନ୍ଦିରରୁ ଚୋରି

ପଞ୍ଚଲିଙ୍ଗେଶ୍ୱର, ୨୨।୬ (ସମିସ): ନୀଳଗିରି ଉପଖଣ୍ଡ କାଣ୍ଡଗରଡ଼ି ପଂଚାୟତ, କାନପୁର ଗ୍ରାମରେ ରାମଚଣ୍ଡୀ ମନ୍ଦିରରେ,କାଲି ବିଳମ୍ବିତ ରାତିରେ ଚୋରି ହୋଇଛି, ଖବର ପାଇ ଈଶ୍ୱରପୁର ଫାଣ୍ଡି ଅଧିକାରୀ ଘଟଣାସ୍ଥଳେ ପହଂଚି ତଦନ୍ତ ଚଳାଇଛନ୍ତି, ୪୫୦୦୦ ରୁ ୫୦.୦୦୦ ଟଙ୍କା ଚୋରି ହୋଇଛି ବୋଲି ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଗୋପୋରେ ଉଡ଼ନ୍ତା ଗୁଣ୍ଡୁଚି ମୂଷା ଠାବ

ନୀଳଗିରି, ୨୨।୬ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ଶ୍ୟାମସୁନ୍ଦର ପଞ୍ଚାୟତର ଗୋପୋ ଗ୍ରାମରେ ନିକଟରେ ଏକ ଦୁର୍ଲଭ ଉଡ଼ନ୍ତା ଗୁଣ୍ଡୁଚି ମୂଷା ଦେଖାଯିବା ପ୍ରକୃତିପ୍ରେମୀ ଓ ବନ୍ୟପ୍ରାଣୀ ଅନୁରାଗୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ଗ୍ରାମର ବାସିନ୍ଦା ମାୟାଧର ନାୟକଙ୍କ ଘର ନିକଟରେ ଥିବା ନଡ଼ିଆ ଗଛରେ ଏହି ଦୁର୍ଲଭ ପ୍ରାଣୀଟିକୁ ଗଛରୁ ଗଛକୁ ଲମ୍ଫ ଦେଇ ଯାଉଥିବା ଦେଖାଯାଇଥିଲା। ସ୍ଥାନୀୟ ପରିବେଶପ୍ରେମୀ ତଥା ବନ୍ୟଜନ୍ତୁ ପର୍ଯ୍ୟବେକ୍ଷକ ମନୋରଞ୍ଜନ ଦାସ ଏହାର ଚିତ୍ରକୁ ନିଜ କ୍ୟାମେରାରେ ସଫଳତାର



ସହିତ କଏଦ କରିଛନ୍ତି। ଉଡ଼ନ୍ତା ଗୁଣ୍ଡୁଚି ମୂଷା ସାଧାରଣ ଗୁଣ୍ଡୁଚି ପରି ହେଲେ ମଧ୍ୟ ଏହାର ଶରୀରର ଆଗ ଓ ପଛ ଗୋଡ଼ ମଧ୍ୟରେ ଥିବା ଏକ ବିଶେଷ ଚର୍ମ ଝିଲ୍ଲୀ ଏହାକୁ ଗଛରୁ ଗଛକୁ ଭାସି ଯିବାର କ୍ଷମତା ପ୍ରଦାନ କରିଥାଏ। ଏହା ପକ୍ଷୀ ପରି ଉଡ଼େ ନାହିଁ, ବରଂ ବାୟୁରେ ଗ୍ଲାଇଡ୍ କରି ଏକ ଗଛରୁ ଅନ୍ୟ ଗଛକୁ ଯାଇଥାଏ। ସାଧାରଣତଃ ଏହି ପ୍ରାଣୀମାନେ ନିଶାଚର ହୋଇଥାନ୍ତି ଏବଂ ଦିନବେଳେ ଗଛର କୋଟର କିମ୍ବା ଘନ ପତ୍ର ଆଢ଼ରେ ଲୁଚି ରହିଥାନ୍ତି। ବନ୍ୟଜନ୍ତୁ ବିଶେଷଜ୍ଞ ମାନଙ୍କ ମତାନୁସାରେ, ଏହି ଉଡ଼ନ୍ତା ଗୁଣ୍ଡୁଚି ସମ୍ଭବତଃ କୁଲଡ଼ିହା ବନ୍ୟପ୍ରାଣୀ ଅଭୟାରଣ୍ୟରୁ ଖାଦ୍ୟ, ଆଶ୍ରୟ କିମ୍ବା ପ୍ରଜନନ ଉପଯୁକ୍ତ ପରିବେଶର ସନ୍ଧାନରେ ଏଠାକୁ ଆସିଥାଇପାରେ। କୁଲଡ଼ିହା ଅଭୟାରଣ୍ୟ ତାହାର ସମୃଦ୍ଧ ଜୈବ ବିବିଧତା ପାଇଁ ପ୍ରସିଦ୍ଧ ଏବଂ ଏଠାରେ ବିଭିନ୍ନ ପ୍ରକାରର ସ୍ତନ୍ୟପାୟୀ, ପକ୍ଷୀ ଓ ସରୀସୃପ ପ୍ରଜାତି ବାସ କରନ୍ତି। ଅଭୟାରଣ୍ୟ ସଂଲଗ୍ନ ଗ୍ରାମ ଗୁଡ଼ିକରେ ଏଭଳି ବନ୍ୟପ୍ରାଣୀଙ୍କ ଉପସ୍ଥିତି ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ଅଦୃଶ୍ୟ ସମ୍ପର୍କର ଏକ ଜୀବନ୍ତ ଉଦାହରଣ। ମନୋରଞ୍ଜନ ଦାସ କହିଛନ୍ତି ଯେ, ଗୋପୋ ଗ୍ରାମରେ ଏହି ଉଡ଼ନ୍ତା ଗିଲିହାରିକୁ ଦେଖିବା ନିଶ୍ଚିତ ଭାବେ ଏକ ବିରଳ ଅନୁଭୂତି। ଏହା ପ୍ରମାଣ କରୁଛି ଯେ ଆମ ଅଞ୍ଚଳର ପ୍ରାକୃତିକ ପରିବେଶ ଏବେ ମଧ ବନ୍ୟଜନ୍ତୁଙ୍କ ପାଇଁ ଅନୁକୂଳ ରହିଛି।

## ଜଳେଶ୍ୱର ପଞ୍ଚାୟତ ସମିତିରେ ଯୁଗ୍ମ ଜନଶୁଣାଣି

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୨।୬ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ୨୨ତାରିଖ ସୋମବାର ଦିନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟୁଷ ଦିବାକର ଉପସ୍ଥିତିରେ ଯୁଗ୍ମ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ଶିବ ମାଲବିୟ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଏପିଡ ମଧୁସ୍ମିତା ସାମନ୍ତରାୟ, ସି.ଡି.ଏମ.ଓ ଡ. ପରେଶ ଚନ୍ଦ୍ର ନନ୍ଦୀ ପ୍ରମୁଖ ଯୋଗଦେଇ ଲୋକଙ୍କ ସମସ୍ୟା ବିଷୟରେ ଶୁଣିଥିବା ବେଳେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ପୌର




କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ବିଡିଓ ଗୌରାଙ୍ଗ ଚରଣ ଘୋଷ, ଏସ୍.ଡି.ପି.ଓ ସୁରେଶ କୁମାର ତ୍ରିପାଠୀ, ଆଇ.ଆଇ.ସି ଅଶୋକ କୁମାର ବାରିକ, ଡି.ଏସ.ଏସ.ଓ, ଡି.ଏସ୍.ଡବ୍ଲ୍ୟୁ, ସି.ଡି.ପି.ଓଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ସମସ୍ୟା ବିଷୟରେ ଶୁଣିଥିଲେ। ମୋଟ ୧୮୨ଜଣ ଲୋକ ତାଙ୍କର ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ ଦେଇଥିଲେ। ମୁଖ୍ୟତଃ ବେନିୟମ ନଦୀବାଲି ଉତୋଳନ ଦ୍ୱାରା ନଦୀବନ୍ଧ ଦୁର୍ବଳ ଓ ମୁକୁଳା ପଡିଥିବାରୁ ବନ୍ୟା ସମୟରେ ନଦୀକୂଳ ଗ୍ରାମ ପ୍ରତି ବିପଦ, ବର୍ଷାଋତୁ ଆସନ୍ନ ମାତ୍ର ଆଜିଯାଏ ନଦୀ ବନ୍ଧ ମରାମତି ହୋଇନାହିଁ, କେତେକ ଜାଗାରେ ନିମ୍ନ ମାନର ବନ୍ଧ ମରାମତି କୁନେଇ ଅଧିକାଂଶ ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ବିଭିନ୍ନ ପଂଚାୟତରେ ରାସ୍ତା ଓ ଏନଆରଇଜିଏସ କାର୍ଯ୍ୟରେ ଅନୀୟମିତତାକୁ ନେଇ ଅଭିଯୋଗ। ସେହିପରି ତହସିଲ ପ୍ରଶାସନ ନାମରେ ମାଟି ଗାଡିକୁ ନେଇ ଲାଂଚ ମାମଲାର ଅଭିଯୋଗର ତଦନ୍ତ ପାଇଁ କଂଗ୍ରେସର ଦଳ, କେତେକ ବ୍ୟକ୍ତି ବିଶେଷ ଅଭିଯୋଗ କରିଥିବାର ଦେଖିବାକୁ ମିଳିଥିଲା। ଗ୍ରାମାଂଚଳର ରାସ୍ତା, ରେସନ କାର୍ଡ, ଭିନ୍ନକ୍ଷମ ପରିଚୟ ପତ୍ରକୁ ନେଇ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ସମବାୟ ସମିତି ଗୁଡିକରେ ଧାନ କିଣାକୁ ନେଇ ଚାଷୀ ମାନଙ୍କର ସମସ୍ୟାକୁ ନେଇ ଅଧିକାଂଶ ଲୋକେ ଅଭିଯୋଗ କରିଥିବାର ଦେଖିବାକୁ ମିଳିଥିଲା। ସେହିପରି ଓବିସି ଜାତି ପ୍ରମାଣ ପତ୍ର ମିଳିବାରେ ଅସୁବିଧାକୁ ନେଇ ପଶ୍ଚିମବାଡ ଗ୍ରାମ ପଂଚାୟତର ଲୋକେ ଧାରଣା ଦେବା ସହିତ ଦାବୀ ପତ୍ର ପ୍ରଦାନ କରିଥିଲେ। ଲୋକମାନେ ଦୂରଦୁରାନ୍ତରୁ ନିଜର ସମସ୍ୟା ନେଇ ବାରମ୍ବାର ଏହି ଜନ ଶୁଣାଣୀକୁ ଆସୁଥିବା ବେଳେ ବିଭାଗୀୟ ଅଫିସରମାନେ ଦିନ ଗଡାଇ ଚାଲିଛନ୍ତି। ଏଥିପାଇଁ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଥିବାର ଦେଖିବାକୁ ମିଳିଥିଲା। ଏହି ମିଳିତ ଜନ ଶୁଣାଣୀରେ ବହୁ ବିଭାଗୀୟ ଜିଲ୍ଲା ଅଧିକାରୀ ତଥା ଜଳେଶ୍ୱରର କେତେକ ବିଭାଗୀୟ ଅଧିକାରୀ ଯୋଗ ଦେଇଥିବାର ଦେଖିବାକୁ ମିଳିଥିଲା।

## ରାମଚନ୍ଦ୍ର ଫାଉଣ୍ଡେସନର ଚାରାରୋପଣ କାର୍ଯ୍ୟକ୍ରମ

ସୋର, ୨୨।୬ (ସମିସ): ସୋର କେଦାରପୁର ସ୍ଥିତ ରାମଚନ୍ଦ୍ର ଫାଉଣ୍ଡେସନ ଆନୁକୂଲ୍ୟରେ ତ୍ରୟୋଦଶ ବାର୍ଷିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋର ପୌରପାଳିକା ଅନ୍ତର୍ଗତ ତେଲିଆଗଞ୍ଜ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଭାତ କୁମାର ପାକଳଙ୍କ ସଭାପତିତ୍ୱ ଓ ଅନୁଷ୍ଠାନର ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଔପଦା ବାନଖଣ୍ଡ ରେଞ୍ଜର ହରିହର ମାଝି,ସୋର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନ, ଶ୍ରୀରାମ ଆବାସିକ ମହାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଇନ୍ଦ୍ରଜିତ କୁମାର ଦେ ଓ ପାରିଷଦ ସରୋଜିନୀ ନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ଚିତ୍ତରଞ୍ଜନ ଦାସ ସଭା ପରିଚାଳନା କରିଥିବା ବେଳେ ମନୀନ୍ଦ୍ର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

● ରଥଯାତ୍ରାରେ ଅଧିକ ଅର୍ଥ ମଞ୍ଜୁର ପାଇଁ

## ଦୁଇ ମନ୍ତ୍ରୀଙ୍କୁ ପତ୍ର ଲେଖିଲେ ବାଲେଶ୍ୱର ସାଂସଦ

ନୀଳଗିରି, ୨୨।୬ (ସମିସ): ଆସନ୍ତା ଜୁଲାଇ ମାସରେ ତୃତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ଆୟୋଜିତ ହେବାକୁ ନେଇ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଜୋର ସୋରରେ ଆଗେଇ ଚାଲିଛି। ଏହି ରଥଯାତ୍ରାରେ ଅଧିକ ଅର୍ଥ ମଞ୍ଜୁର ନେଇ ବାଲେଶ୍ୱର ସାଂସଦଙ୍କଠାରେ ଦାବି କରାଯାଇଥିବାବେଳେ ଏବଂ ନୀଳଗିରି ଜଗନ୍ନାଥ ମନ୍ଦିରର ଅପାର ଧାର୍ମିକ, ସାଂସ୍କୃତିକ ଓ ଐତିହାସିକ ଗୁରୁତ୍ୱ କୁ ଦୃଷ୍ଟିରେ ରଖି ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଆଗାମୀ ରଥଯାତ୍ରା ପାଇଁ ଅଧିକ ଅର୍ଥ ମଞ୍ଜୁର କରିବା ପାଇଁ ମାନ୍ୟବର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମାନ୍ୟବର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ପତ୍ର ଲେଖି ଦାବି ଜଣାଇଥିଲେ। ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମଧ୍ୟ ଅଧିକ ଅର୍ଥ ପାଇଁ ପ୍ରତିଶୃତି ଦେଇଥିବା ବେଳେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି। ଆସନ୍ତା ରଥଯାତ୍ରା ପୂର୍ବରୁ ଅର୍ଥ ମଞ୍ଜୁର ହୋଇଥିବାରୁ ନୀଳଗିରି ବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ଶ୍ରୀ ହରିଚନ୍ଦନ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କୁ ନୀଳଗିରିବାସୀଙ୍କ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

## 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ



ଔପଦା,୨୨।୬ (ସମିସ): ଔପଦା ବ୍ଲକ ପରିସରରେ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ "ବିକଶିତ ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାଶ୍ୱତୀ ସଦୁଆଳଙ୍କ ଅଧକ୍ଷତାରେ ଏହି ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଦୁଇ ବର୍ଷର ସଫଳତା ଓ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ବିସି ବିସ୍ୱା ପାତ୍ର, ବ୍ଲକ ଯୋଗାଣ ଅଧିକାରିଣୀ ଦୀପିକା ବେହେରା, ସିଡିପିଓ ପୂର୍ଣ୍ଣିମୀ ପଟେଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗଗନ ଜେନା ଏବଂ ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ସଂଯୋଜକ ରତିକାନ୍ତ ଜେନା ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଣ୍ଟ ସିପି ମାନସ କୁମାର ଦାଶ ସମଗ୍ର କାର୍ଯ୍ୟକ୍ରମକୁ ସଚାରୁରୂପେ ପରିଚାଳନା କରିଥିଲେ। ସରକାରଙ୍କ ପକ୍ଷରୁ ବ୍ଲକର ୧୭୨ ଜଣ ଅଙ୍ଗନବାଡ଼ି କର୍ମୀ ଓ ୭ ଜଣ ସୁପରଭାଇଜରଙ୍କ ସମେତ ଜଣେ ବ୍ଲକ ପୋଷଣ ସଂଯୋଜକ ମୋଟ ୧୮୦ ଜଣଙ୍କୁ ସ୍ମାର୍ଟଫୋନ୍ ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏହାସହିତ ସେବା ଯୋଗାଇଦେବା ପ୍ରକ୍ରିୟାରେ ୩୪ ଜଣଙ୍କୁ ନୂତନ ରେସନ କାର୍ଡ, ୨୯ ଜଣଙ୍କୁ ବିଧବା ଭତ୍ତା ଏବଂ ୨୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

## ଅନାଥ ସର୍ଭେ ଉତ୍ପାଦନ ଶିବିର-୨୦୨୬

## ଚିହ୍ନଟ ଶିଶୁଙ୍କ ପୁନର୍ବାସ, ଶିକ୍ଷା ଓ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ



ବାଲେଶ୍ୱର, ୨୨।୬ (ସମିସ) : ଅନାଥ ଓ ଦୁର୍ବଳ ଶିଶୁମାନଙ୍କୁ ସରକାରୀ ଯୋଜନାର ସୁବିଧା ସହ ଯୋଡ଼ି ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ଗଠନ ଲକ୍ଷ୍ୟରେ ବାଲେଶ୍ୱର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ମିଶନ ବାତ୍ସଲ୍ୟର ତତ୍ତ୍ୱାବଧାନରେ ନୀଳଗିରି ବ୍ଲକରେ ଅନାଥ ସର୍ଭେ ଉତ୍ପାଦନ ଶିବିର-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା ଓ କଲ୍ୟାଣ କ୍ଷେତ୍ରରେ ଏହି ଶିବିର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିବାବେଳେ ଅନାଥ ଓ ବିପଦାପନ୍ନ ଶିଶୁମାନଙ୍କ ଜୀବନରେ ଆଶାର ନୂଆ ଆଲୋକ ସଞ୍ଚାର କରିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହୀର, ନୀଳଗିରି ବିଡିଓ ବିକ୍ରମ କିଶୋର ପରିଡ଼ା, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଓ ସଦସ୍ୟ, ବିଇଓ, ବିଏସଏସଓ, ସିଡିପିଓ, ଡିସିପିୟୁ କର୍ମଚାରୀ, ଆଇସିଡିଏସ ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଶିବିରରେ ସର୍ଭେ ମାଧ୍ୟମରେ ଚିହ୍ନଟ ହୋଇଥିବା ବହୁ ସଂଖ୍ୟକ ଅନାଥ ଏବଂ ଅସହାୟ ଶିଶୁଙ୍କ ତଥ୍ୟ ଯାଞ୍ଚ କରାଯିବା ସହ ସେମାନଙ୍କ ଆବଶ୍ୟକତାର ବିସ୍ତୃତ ମୂଲ୍ୟାଙ୍କନ କରାଯାଇଥିଲା। ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା, ପୋଷଣ, ସୁରକ୍ଷା ଏବଂ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କୁ ମିଶନ ବାତ୍ସଲ୍ୟ ଓ ଅନ୍ୟାନ୍ୟ ସରକାରୀ ଯୋଜନା ସହ ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ଚିହ୍ନଟ ଶିଶୁମାନଙ୍କୁ ଆବଶ୍ୟକ କଲ୍ୟାଣମୂଳକ ଓ ପୁନର୍ବାସ ସେବା ପ୍ରଦାନ ନିମନ୍ତେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ହାଜର କରାଯାଇଥିଲା। ଏହାଦ୍ୱାରା ସେମାନଙ୍କ ପାଇଁ ଆବଶ୍ୟକ ସରକାରୀ ସହାୟତା, ଶିକ୍ଷା ସୁଯୋଗ ଓ ସାମାଜିକ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାର ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯିବ। ନୀଳଗିରିରେ ଆୟୋଜିତ ଏହି ଶିବିର ଅନାଥ ଓ ଅସହାୟ ଶିଶୁମାନଙ୍କ ଜୀବନରେ ସୁରକ୍ଷା ଓ ସମ୍ମାନର ନୂଆ ଅଧ୍ୟାୟ ସୃଷ୍ଟି କରିବା ସହ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ଏକ ପ୍ରଭାବଶାଳୀ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି।

## ମା' ଶୀତଳାଙ୍କ ମନ୍ଦିରରେ ପୂଜା ଉତ୍ସବ



ଚନ୍ଦନେଶ୍ୱର, ୨୨।୬ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବାଜିତପୁର ପଞ୍ଚାୟତର ବାଲିକବାଡ଼ ଗ୍ରାମରେ ଅବସ୍ଥିତ ୧୦ ମୌଜା ୮୪ ଗାଁର ଆରାଧ୍ୟା ଦେବୀ ମା ଶିତଳାଙ୍କ ମନ୍ଦିରରେ ସାମ୍ବତ୍ସରିକ ପୂଜା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳେ ବିରାଟ ପଟୁଆରରେ ମାଆଙ୍କର ଘଟୋତ୍ତୋଳନ ମାଧ୍ୟମରେ ଏହି ପୂଜା ଉତ୍ସବ ଶୁଭାରମ୍ଭ ହୋଇଥିଲାବେଳେ ପୁରୀ ଶ୍ରୀକ୍ଷେତ୍ରରୁ ୪ଜଣ ପଣ୍ଡିତ ଆସି ମନ୍ଦିରରେ ହୋମଯଜ୍ଞ କରିବା ସହିତ ମୁଖ୍ୟପୂଜା ବଡ଼ପୂଜା ସମାପନ ହୋଇଛି।ଉକ୍ତ ପୂଜାରେ ୧୦ ମୌଜାର ଅଞ୍ଚଳବାସୀ ସାମିଲ ହୋଇଥିଲେ। ମନ୍ଦିରର ସମସ୍ତ ସେବାୟତଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଏହି ପୂଜା ଉତ୍ସବକୁ ପରିଚାଳନାରେ ସହଯୋଗ କରିଥିଲେ।ମାତ୍ର ସରକାର ବିଭିନ୍ନ ସମୟରେ ଅନ୍ୟାନ୍ୟ ସମସ୍ତ ମନ୍ଦିରର ଉନ୍ନତି କଳ୍ପେ ଆର୍ଥିକ ସହାୟତା ଯୋଗାଇ ଆସୁଥିବା ବେଳେ ୧୦ ମୌଜା ୮୪ଗାଁର ଆରାଧ୍ୟା ଦେବୀ ବାଜିତପୁର ପଞ୍ଚାୟତର ବାଲିକବାଡ଼ ଗ୍ରାମର ଏହି ମା ଶିତଳାଙ୍କ ମନ୍ଦିରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେବାୟତ ସଂଘ ପକ୍ଷରୁ ଦୁଲାଲ ପଣ୍ଡା,ଅଜୟ ପଣ୍ଡା, ଚନ୍ଦନ ପଣ୍ଡା, ବ୍ରଜବିହାରି ପତି,ପ୍ରଭାତ ପତି, ଭାସ୍କର ପତି, ଦିବାକର ପତି ପ୍ରମୁଖ ଦାବି କରିଛନ୍ତି।

## ପିଏମ୍‌ଶ୍ରୀ ଡିଟିଏଲକେ ହାଇସ୍କୁଲରେ ସମ୍ବର୍ଦ୍ଧନା ସମାରୋହ

ଚନ୍ଦନେଶ୍ୱର, ୨୨।୬ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଗୋଛିଦା-ତେଘରି ପଞ୍ଚାୟତର ଶ୍ୟାମାନନ୍ଦିପୁରସ୍ଥିତ ପିଏମଶ୍ରୀ ଡିଟିଏଲକେ ହାଇସ୍କୁଲରେ ସୋମବାର ଏକ ବର୍ଣ୍ଣାଢ୍ୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଶୋକ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷାବିତ ସୁବାସ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦର୍ଶ ଛାତ୍ର ହେବା ପାଇଁ ନିଷ୍ଠା, ଶୃଙ୍ଖଳା ଓ ସାଧନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାମିଲା କହିଥିଲେ ଯେ, ଶିକ୍ଷା ହେଉଛି ମଣିଷର ସର୍ବଶ୍ରେଷ୍ଠ ଅଳଙ୍କାର ଏବଂ ସମାଜ ଗଠନର ମୂଳ ଭିତ୍ତି। ସମ୍ମାନିତ ଅତିଥି ଭାବେ ସମିତି ସଦସ୍ୟ ରାଧାଶ୍ୟାମ ଦେ, ପ୍ରଧାନ ଶିକ୍ଷକ ଗୌର ଗୋପାଳ ପ୍ରଧାନ, ସାମ୍ବାଦିକ ଅନନ୍ତ କୁମାର ପ୍ରଧାନ, ଶିକ୍ଷକ କାର୍ତ୍ତିକେଶ୍ୱର ପଣ୍ଡା ଓ ଜୟକୃଷ୍ଣ ଆଇଚ ପ୍ରମୁଖ ଯୋଗଦେଇ ଆଦର୍ଶ ଛାତ୍ର ଗଠନରେ ବିଦ୍ୟାଳୟ ଓ ପରିବାରର ଭୂମିକା ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୫ ଜଣ ଛାତ୍ରଛାତ୍ରୀ, ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ସଫଳ ୨ ଜଣ ଏବଂ ନିମ୍ନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୪ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ନନ୍ଦ ଦୁଲାଲ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଜିତ କୁମାର ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣି ପାଇଁ ତାତିଲେ ଗାଁ ଲୋକ, ରାସ୍ତା ଅବରୋଧ

ନୀଳଗିରି, ୨୨।୬ (ସମିସ)



ପାନୀୟଜଳ ସଙ୍କଟ ପାଇଁ ହାଣ୍ଡି, ଗରା, ବାଲ୍ଟି ରଖି ରାସ୍ତା ଅବରୋଧ କଲେ ଅଞ୍ଚଳବାସୀ। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତରେ। ସୂଚନା ଅନୁଯାୟୀ ସଜନାଗଡ ଅଯୋଧ୍ୟା କୁ ସଂଯୋଗ କରୁଥିବା ରାସ୍ତାର ଗୁଡିଶୁଳ ଗ୍ରାମ ନିକଟ ତାରିଣୀ ଛକଠାରେ ରାସ୍ତା ଅବରୋଧ କରାଯାଇଥିବାବେଳେ ଉଭୟପଟରେ ଗାଡ଼ି ମଟର ଅଟକି ରହିଥିବା ଦେଖିବାକୁ ମିଳିଛି। ଜାମୁଡିହା ପଞ୍ଚାୟତ ଅଧୀନ ଗୁଡିଶୁଳ ଗ୍ରାମକୁ ବସୁଧା ଯୋଜନାରେ ପାନୀୟଜଳ ଯୋଗାଇ ଦିଆଯାଇଥିଲେ ହେଁ ଗତ କିଛି ଦିନ ଧରି ଜଳଯୋଗାଣ ବନ୍ଦ ରହିଥିଲା। ଫଳରେ ପାନୀୟଜଳ ପାଇଁ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରି ନଥିଲା। ଶେଷରେ ସୋମବାର ସକାଳେ ଶହଶହ ମହିଳା ଗରା, ବାଲ୍ଟି, ହାଣ୍ଡି ରଖି ରାସ୍ତାଅବରୋଧ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ରାସ୍ତା ଅବରୋଧ ଜାରି ରହିଥିଲା। ରାସ୍ତାର ଉଭୟ ପାଶ୍ୱର୍ରେ ଶତାଧିକ ଗାଡ଼ି ଅଟକି ରହିଥିଲେ। ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଏସ.ଡି. ଓ. ପୁଣ୍ୟମୟୀ ପଟ୍ଟନାୟକ ଓ ଦୁଇ କନିଷ୍ଠଯନ୍ତ୍ରୀ ପ୍ରିତିପ୍ରଭା ବାରିକ, ମହେଶ୍ୱର ସିଂ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ ପୂର୍ବରୁ ଉକ୍ତ ଗ୍ରାମରେ ବସୁଧା ଯୋଜନାରେ ପାନୀୟଜଳ ଯୋଗାଣ ହେଉଥିବା ପୁରୁଣା ସୋରସରେ ପାଣି କମ ବାହାରୁଥିବା କଥା ସ୍ୱୀକାର କରିବା ସହ ନୂଆ ଏକ ସୋରସ ଖୋଳି ଖୁବଶୀଘ୍ର ସ୍ଥାୟୀ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ ପାଇଁ ସରପଞ୍ଚଙ୍କ ଦାବିପତ୍ର

ଜଳେଶ୍ୱର ବ୍ଲକ, ୨୨।୬ (ସମିସ): ଜଳେଶ୍ୱର ବ୍ଲକ ବର୍ତ୍ତନା ଗ୍ରାମ ପଞ୍ଚାୟତର ସରପଞ୍ଚ ମୁଧୁସ୍ମିତା ବେହେରା ବର୍ତ୍ତନା ସମିଲଛକ ଠାରୁ ଉତରପଡା ଭାୟା ସାତ ଘରିଆ ସାହି ପର୍ଯ୍ୟନ୍ତ ଦୀର୍ଘ ୬ କିଲୋମିଟର ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ରହିଛି। ଏ ନେଇ ସରପଞ୍ଚ ବାରମ୍ବାର ପଞ୍ଚାୟତ ସମିତି ବୈଠକରେ ଉପସ୍ଥାପନା କରି ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଉଦାସୀନତା ଯୋଗୁଁ କାର୍ଯ୍ୟ ଆଗକୁ ଯାଇପାରିନାହିଁ ଯାହାକୁ ନେଇ ଗ୍ରାମ ପଞ୍ଚାୟତର ସରପଞ୍ଚ ମଧୁସ୍ମିତା ବେହେରା ଜିଲ୍ଲାପାଳଙ୍କ ଜଣ ଶୁଣାଣି ଶିବିରରେ ଜଣାଇଛନ୍ତି। ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା ୬ଟି ଗ୍ରାମର ହଜାର ହଜାର ଜନସାଧାରଣ ଉପକୃତ ହୋଇପାରିବେ।

## କଣ୍ଟେନର୍ ଧକ୍କାରେ ବାଇକ୍ ଆରୋହୀ ମୃତ



ତୁରୁମୁଙ୍ଗା, ୨୨।୬(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ରେଙ୍ଗାଳବେଡା ନିକଟରେ ରବିବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏକ କଣ୍ଟେନର ବାଇକ୍‌କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ମୃତ ବାଇକ ଆରୋହୀ ହେଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ପାହାଡ଼ଭଙ୍ଗା ଗ୍ରାମର ଭୋଳାନାଥ ନାଏକ (୪୪)। ସେ କୌଣସି କାର୍ଯ୍ୟରେ କେନ୍ଦୁଝରକୁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ପୁଲିସ ଜବତ କରିଛି।

## ଏଟିଏମ୍‌ରେ ଅଧଘଣ୍ଟା ଫସିଲେ ଯୁବକ



ଚମ୍ପୁଆ, ୨୨।୬(ସମିସ): ଶନିବାର ସନ୍ଧ୍ୟା ୮ ଟା ୩୦ ମିନିଟ ସମୟରେ ଚମ୍ପୁଆସ୍ଥିତ ଆଇସିଆଇସିଆଇ ବ୍ୟାଙ୍କର ଏଟିଏମ୍‌ରେ ଟଙ୍କା ଉଠାଇବା ପାଇଁ ପ୍ରବେଶ କରିଥିବା ଜଣେ ଯୁବକ ହଠାତ୍ ଭିତରେ ଫସି ଯାଇଥିବା ବେଳେ ଯୁବକର ମୋବାଇଲରୁ ସୂଚନା ପାଇ ପୁଲିସ ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ହେବା ଘଟଣା ଚର୍ଚ୍ଚାର ବିଷୟ ସାଜିଛି। ସୁନପୋଷି ଅଞ୍ଚଳର ଭୈରବ ମହାନ୍ତ ବ୍ୟାଙ୍କ ନିକଟସ୍ଥ ବିଜୟା ଲୁଗା ଦୋକାନରୁ ଲୁଗା କିଣିବା ପାଇଁ ଚମ୍ପୁଆ ଆସିଥିଲେ। ନିଜ ଏକାଉଣ୍ଟରେ ଥିବା ଟଙ୍କା ଉଠାଇବା ପାଇଁ ସେ ଆଇସିଆଇସିଆଇ ବ୍ୟାଙ୍କ ଏଟିଏମ୍‌ରେ ପ୍ରବେଶ କରିଥିଲେ। କିନ୍ତୁ ଏଟିଏମ୍ ର ସଟର ହଠାତ୍ ତଳକୁ ଖସି ପଡ଼ିବାରୁ ସେ ଭିତରେ ଅଟକି ଯାଇଥିଲେ। ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଧରି ସେ ଭିତରେ ଫସି ରହିଥିଲେ। ଖବର ପାଇ ଚମ୍ପୁଆ ପୁଲିସ ଏବଂ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଘଟଣାକୁ ନେଇ ବ୍ୟାଙ୍କର ଅବହେଳାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଯଦି ଏଭଳି ଘଟଣା ମଧ୍ୟରାତ୍ରିରେ ଘଟିଥାନ୍ତା, ତେବେ ବଡ଼ ଅଘଟଣ ଘଟିଥାନ୍ତା। ସବୁଠାରୁ ଦୁଃଖଦ ବିଷୟ ହେଲା, ଏତେ ସମସ୍ୟାର ସମ୍ମୁଖୀନ ହେବା ପରେ ମଧ୍ୟ ଏଟିଏମ୍‌ରେ ଟଙ୍କା ନଥିବାରୁ ଭୈରବ ମହାନ୍ତ ନିରାଶ ହୋଇଥିଲେ। ଅନ୍ୟପଟେ, ସରକାରୀ ଛୁଟି ଦିନଗୁଡ଼ିକରେ ଚମ୍ପୁଆ ଅଞ୍ଚଳର ଅଧିକାଂଶ ଏଟିଏମ୍‌ରେ ଟଙ୍କା ଅଭାବ ଦେଖାଯାଉଥିବାରୁ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟି ସ୍ୱାଗତ କଲେ ଭଗବାନ



ଆନନ୍ଦପୁର, ୨୨।୬ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାଇରଙ୍ଗପୁରଠାରେ ବିଜେପି ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ। ସରକାରୀ ପ୍ରୋଟକଲ ଅନୁସାରେ ପାହାଡ଼ପୁର ସ୍ପୋର୍ଟସ କମ୍ପ୍ଲେକ୍ସ ହେଲିପ୍ୟାଡ଼ରେ ଆନନ୍ଦପୁରର ବରିଷ୍ଠ ନେତା ଭଗବାନ ସାହୁ ଏହି ନେତୃମଣ୍ଡଳୀ ମଧ୍ୟରେ ସାମିଲ ଥିଲେ। ୧୯୯୦ରେ ସେ ବିଜେପିର ପ୍ରଥମ ବିଧାନସଭା ପ୍ରାର୍ଥୀ ଭାବେ ରାମଚନ୍ଦ୍ରପୁର ନିର୍ବାଚନମଣ୍ଡଳୀରୁ ଲଢିଥିବା ନେଇ ମୋଦୀଙ୍କୁ ଅବଗତ କରିଥିଲେ। ଏହାସହିତ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ନାୟକ, ଚମ୍ପୁଆ ବିଜେପି ନେତା ମୁରଲୀ ମନୋହର ଶର୍ମା, ଆନନ୍ଦପୁର ବିଜେପିନେତା ଡ ଶମ୍ଭୁନାଥ ରାଉତ, ଘସିପୁରା ବିଜେପି ନେତା ଆଲୋକ ସେଠୀଙ୍କ ସମେତ କେନ୍ଦୁଝର ଜିଲ୍ଲାର ଅନେକ ନେତା ମଧ୍ୟ ମୋଦୀଙ୍କୁ ହେଲିପ୍ୟାଡରେ ସ୍ୱାଗତ କରିଥିବା ଜଣାପଡିଛି।

# ପ୍ରହସନ ପାଲଟିଛି ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

■ ଦିନ ବିତିଯାଉଛି; ଅଭିଯୋଗ ହେଉନି ସମାଧାନ ■ ଆବାସ ଗୃହ ଜାଲିଆତି, ରାସ୍ତା ନିର୍ମାଣ ବିଳମ୍ବ ଓ ଅନିୟମିତତା

ହାଟଡ଼ିହୀ,୨୨।୬(ସମିସ)



ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ, ଏହି କାର୍ଯ୍ୟକ୍ରମ ଅଞ୍ଚଳବାସୀଙ୍କ ପାଇଁ ଏକପ୍ରକାର ପ୍ରହସନ ସାଜିଥିବା ଅଭିଯୋଗ ହୋଇଛି। ଦୀର୍ଘମାସ ପରେ ହାଟଡ଼ିହୀ ବ୍ଲକରେ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ୧୭୯ଟି ସମସ୍ୟାପତ୍ର ପଞ୍ଜିକୃତ ହୋଇ

ଜନଶୁଣାଣିରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, ଏସପି ନୀତିନ କୁଶଳକର, ଏଡ଼ିଏମ୍ ମଦନଧର ମହାଳିକ, ସିଡ଼ିଏମ୍ ଧନେଶ୍ୱର ସେଠୀ ପ୍ରମୁଖ ସମସ୍ୟା ଉପରେ ଦୃଷ୍ଟି ଦେଇଥିଲେ। ଆମ୍ବୋ ଗ୍ରାମର ଭାରତୀ ମହାପାତ୍ର ଗୃହ ନକରି ନିଜ ପରିବାରର ଜଣେ ଆମ କଳିକା କର୍ମଚାରୀଙ୍କୁ ଅନ୍ୟ ଘର ସମ୍ମୁଖରେ ଠିଆ କରି ଫଟୋ ଉଠାଇ ପ୍ରକୃତ ହିତାଧିକାରୀ ଦର୍ଶାଇ ସମ୍ପୂର୍ଣ୍ଣ ଟଙ୍କା ହଡ଼ପ କରିନେଇଥିବା ନେଇ ଗ୍ରାମର ଦେବୀପ୍ରସାଦ ମହାପାତ୍ର ଅଭିଯୋଗ କରିଛନ୍ତି। ଆବାସ ଗୃହ ଯୋଜନା ଜାଲିଆତି ଉପରେ ସଠିକ୍ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ଅଭିଯୋଗକାରୀ କହିଛନ୍ତି। ଏହିପରି ଗ୍ରାମର ଅନେକ ଅଯୋଗ୍ୟ ହିତାଧିକାରୀ ଘର ହାତେଇ ଥିବାବେଳେ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଛନ୍ତି। କେ.ବାଲିପାଳ ପଞ୍ଚାୟତକୁ ୨୦୨୨-୨୩ ଆର୍ଥିକ ବର୍ଷରେ ରାସ୍ତା ନିର୍ମାଣ ପାଇଁ ଡ଼ିଏମଏଫ୍ ପାଣ୍ଠିରୁ ଅନୁଦାନ ମଞ୍ଜୁର ହୋଇଥିବା ବେଳେ ରାସ୍ତା ନିର୍ମାଣରେ କାହିଁକି ବିଳମ୍ବ ହେଉଛି ବୋଲି ପଞ୍ଚାୟତର ଯୁବଗୋଷ୍ଠୀ ଅଭିଯୋଗ ଆଣିଛନ୍ତି। ପଞ୍ଚାୟତର ରାଇଘାଟି, ମୟୂରନଚା, ବାଲିପାଳ, ଡ଼ଙ୍ଗାବାହାଳି, ପାଲବଣୀ ଆଦି ଗ୍ରାମର ଲୋକେ ଯା'ଆସ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ପଞ୍ଚାୟତର ବୁଦ୍ଧିରାମ ପୂର୍ତ୍ତୀ, ସୁନାରାମ ପୂର୍ତ୍ତୀ, ରାମୟା ପୂର୍ତ୍ତୀ, ସଧା ହୋ, ଟୁରେ ପୂର୍ତ୍ତୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଜନଶୁଣାଣି ପ୍ରକୋଷ୍ଠରେ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ସେହିପରି ସୋସୋ ଗ୍ରାମର ନଦୀଘାଟକୁ ଯାଇଥିବା ମାଟି ରାସ୍ତାଟି ପ୍ରତି ବର୍ଷ ମତାମତି ହେଉଥିଲେ ସୁଦ୍ଧା ତାହା ବର୍ଷା ସମୟରେ ନଷ୍ଟ ହୋଇଯାଉଛି। ଏହାକୁ ସମ୍ପୂର୍ଣ୍ଣ କଂକ୍ରିଟ ରାସ୍ତା ନିର୍ମାଣ ଦିଗରେ ଦୃଷ୍ଟି ଦିଆଗଲେ ଗ୍ରାମବାସୀ ଉପକୃତ ହୁଅନ୍ତେ ବୋଲି ଗ୍ରାମର ପ୍ରଣବ ମହାନ୍ତି, ହୃଷିକେଶ ନାୟକ, ସନାତନ ସିଂ, ଦେବେନ୍ଦ୍ର ପରିଡ଼ା ପ୍ରମୁଖ ଅଭିଯୋଗ କରିଥିଲେ।

ପ୍ରକାଶ ଥାଉକି, ପ୍ରତିଥର ଜିଲ୍ଲାପାଳଙ୍କ ଜନଶୁଣାଣିରେ ଶତାଧିକ ଅଭିଯୋଗପତ୍ର ଆସୁଥିଲେ ସୁଦ୍ଧା ଶତକଡା ୯୦ଭାଗ ସମସ୍ୟାର ସମାଧାନ ହୋଇପାରୁନି। ସ୍ୱଳ୍ପ ସମୟ ମଧ୍ୟରେ ଜିଲ୍ଲାପାଳ ଏତେଗୁଡ଼ିଏ ଅଭିଯୋଗ ଉପରେ ସଠିକ୍ ଦୃଷ୍ଟି ନଦେବା କାରଣରୁ ତାହା ପୂର୍ବପରି ସମସ୍ୟା ଭିତରେ ଚାପି ହୋଇ ରହିଯାଉଥିବା ଚର୍ଚ୍ଚା ହେଉଛି। ଜାଣିବା ଲୋକ ସମସ୍ୟା ଉପରେ ଚାପ କିମ୍ବା ଗୁରୁତ୍ୱ ପକାଇଲେ କାଁ ଭାଁ ସମସ୍ୟାର ସମାଧାନ ହେଉଛି। ଦିନପରେ ଦିନ ଗଡି ଚାଲିଥିଲେ ସୁଦ୍ଧା ଅଧିକାଂଶ ଲୋକଙ୍କ ସମସ୍ୟା ଦୂର ହେଉ ନଥିବା କୁହାଯାଇଛି। ଜନଶୁଣାଣି କେବଳ ଲୋକ ଦେଖାଣିଆ କାର୍ଯ୍ୟକ୍ରମ ବୋଲି ଅଧିକାଂଶ ଅଭିଯୋଗକାରୀ କହିଛନ୍ତି। ପ୍ରଶାସନ ପକ୍ଷରୁ ପ୍ରକୃତ ଅଭିଯୋଗର ସମସ୍ୟା ଉପରେ ସମାଧାନ ପାଇଁ ଗୁରୁତ୍ୱ ଦିଆଗଲେ ଅନେକ ଅଭିଯୋଗକାରୀଙ୍କ ସମସ୍ୟାର ସମାଧାନ ନିଶ୍ଚିତ ରୂପେ ହୋଇପାରନ୍ତା ବୋଲି କୁହାଯାଇଛି। ଏ ଦିଗରେ ଖୋଦ୍ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଅଭିଯୋଗକାରୀ ଦାବି କରିଛନ୍ତି।

## ଚମ୍ପୁଆ ବ୍ଲକ୍‌ର ୫୪ଟି ବୁଥ୍‌ରେ ଶତ ପ୍ରତିଶତ ଡିଜିଟାଇଜେସନ୍



ଚମ୍ପୁଆ, ୨୨।୬(ସମିସ): କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ ଓ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଚମ୍ପୁଆ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମରେ ଚମ୍ପୁଆ ବ୍ଲକ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବ୍ଲକ ଅଧୀନ ୫୪ଟି ମତଦାନ କେନ୍ଦ୍ରରେ ଶତପ୍ରତିଶତ ଡିଜିଟାଇଜେସନ୍ ସମ୍ପନ୍ନ କରି ଚମ୍ପୁଆ ବ୍ଲକ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଗତ ମେ ୩୦ ତାରିଖରୁ ଆରମ୍ଭ ହୋଇଥିବା ଏସଆଇଆର କାର୍ଯ୍ୟକ୍ରମ ଅନ୍ତର୍ଗତ ମତଦାତାଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଏବଂ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ଚମ୍ପୁଆ ବିଧାନସଭା କ୍ଷେତ୍ର-୨୫ର ବିଭିନ୍ନ ଅଞ୍ଚଳରେ ବ୍ୟାପକ ପ୍ରଚାର ଓ ପ୍ରସାର କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ନେତୃତ୍ୱରେ ବ୍ଲକର ୨୨ଟି ପଞ୍ଚାୟତରେ ୫୪ ଜଣ ବିଏଲଓ ଓ ୭ ଜଣ ବିଏଲଓ ସୁପରଭାଇଜର କାର୍ଯ୍ୟ କରିଥିଲେ। ବ୍ଲକ ଅଧୀନ ୫୪ଟି ମତଦାନ କେନ୍ଦ୍ରର ମୋଟ ୪୫ ହଜାର ୨୨୪ ଜଣ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ବଣ୍ଟନ, ଫର୍ମ ସଂଗ୍ରହ ଓ ଡିଜିଟାଇଜେସନ୍ କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ କରାଯାଇଥିଲା। ନିର୍ଦ୍ଧାରିତ ସମୟସୀମା ଜୁନ୍ ୨୮ ପୂର୍ବରୁ ସମସ୍ତ କାର୍ଯ୍ୟ ଶତପ୍ରତିଶତ ପୂରଣ ହୋଇଥିବା ସୂଚନା ବିଡିଓ ଶ୍ରୀ ସାହୁ ଦେଇଛନ୍ତି। ଏହି ସଫଳତା ପଛରେ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ମାର୍ଗଦର୍ଶନ ଏବଂ ବିଏଲଓ, ସୁପରଭାଇଜରଙ୍କ ନିଷ୍ଠାକୁ ପ୍ରଶଂସା କରାଯାଇଛି। ୫୪ଟି ବୁଥରେ ଏସଆଇଆର କାର୍ଯ୍ୟ ଶତପ୍ରତିଶତ ସମ୍ପନ୍ନ ହେବା ପରେ ବିଡିଓ ଶ୍ରୀ ସାହୁ ସମସ୍ତ ବ୍ଲକ ସ୍ତରୀୟ ଏସଆଇଆର କର୍ମଚାରୀ, ବିଏଲଓ ଓ ସୁପରଭାଇଜରମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଏଭଳି କାର୍ଯ୍ୟଦକ୍ଷତା ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି।

## ପ୍ରକଳ୍ପସ୍ତରୀୟ ଆଦ୍ୱିକା କିଶୋରୀ ସୁଭଦ୍ରା ଦିବସ

ଯୋଡ଼ା, ୨୨।୬(ସମିସ): ପ୍ରକଳ୍ପ ସ୍ତରୀୟ ଆଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପଶ୍ଚିମ ଯୋଡ଼ା ଅଡିଟୋରିୟମଠାରେ ପାଳିତ ହୋଇଯାଇଛି। ଯୋଡ଼ା ବ୍ଲକ ସିଡିପିଓ ସୁକାନ୍ତି ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ ଚେୟାରମ୍ୟାନ କବିନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଓ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ଯୋଗ ଦେଇଥିଲେ। ସେହିପରି ଅଙ୍ଗନବାଡି କର୍ମୀଙ୍କ ସହ ବିଭିନ୍ନ ବିଦ୍ୟାଳୟର ଅନେକ ଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବାଲ୍ୟ ବିବାହ, ଶିଶୁ ସୁରକ୍ଷା, କିଶୋରୀ



ସ୍ୱାସ୍ଥ୍ୟ ଓ ସାମାଜିକ ସଚେତନତା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଛାତ୍ରୀମାନେ ବିଭିନ୍ନ ନାଟକ ଓ ସଚେତନତାମୂଳକ ପ୍ରଦର୍ଶନ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏହା ମାଧ୍ୟମରେ ସମାଜରେ ବାଲ୍ୟ ବିବାହର କୁପ୍ରଭାବ, ଶିଶୁ ସୁରକ୍ଷାର ଆବଶ୍ୟକତା ଓ କିଶୋରୀମାନଙ୍କ ଅଧିକାର ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରସାର କରାଯାଇଥିଲା।

ଅତିଥିମାନେ 'ପ୍ରତ୍ୟେକ କିଶୋରୀ ନିଜ ପ୍ରତି ସଚେତନ ହେବା ସହ ସମାଜରେ ନିଜର ଅସ୍ତିତ୍ୱ, ଅଧିକାର ଓ ସମ୍ମାନ ପ୍ରତି ସଜାଗ ରହିବା ଉଚିତ' ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅଞ୍ଚଳର କିଶୋରୀଙ୍କୁ ନେଇ ରଜ ମୁକୁଟ, ପୁଚି ଖେଳ, କବାଡ଼ି ପ୍ରତିଯୋଗିତାର କୃତୀ କିଶୋରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଓ ଅଙ୍ଗନବାଡି କର୍ମୀମାନଙ୍କ ସହଭାଗିତାକୁ ପ୍ରଶଂସା କରାଯାଇଥିଲା।

## ଦିନସାରା ଶୁଖିଲା ଟ୍ୟାପ୍; ରାତିରେ ଆସୁଛି ପାଣି

### ସରକାରୀ ପାନୀୟଜଳ ଯୋଗାଣ ନେଇ ଅସନ୍ତୋଷ

ତୁରୁମୁଙ୍ଗା, ୨୨।୬(ସମିସ): ସରକାରଙ୍କ ପକ୍ଷରୁ ଘରେ ଘରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ ବ୍ୟବସ୍ଥା ବାଟବଣା ହେଉଥିବା ପରିଲକ୍ଷିତ ହେଉଛି। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ କିଛି ଅଞ୍ଚଳରେ ଜଳଯୋଗାଣ ବ୍ୟବସ୍ଥାକୁ ନେଇ ଲୋକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ କପୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଧାନବେଣୀ ଗ୍ରାମରେ ପାନୀୟଜଳ ଯୋଗାଣର ଅବ୍ୟବସ୍ଥା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମରେ ସ୍ଥାପିତ ଟ୍ୟାପ୍ ପାଇପ୍ ମାଧ୍ୟମରେ ଦିନ ସାରା ପାଣି ଯୋଗାଣ ହେଉନାହିଁ; ବରଂ ପ୍ରତିଦିନ ରାତି ପ୍ରାୟ ସାଢେ ୧୦ଟା ପରେ ପାଣି ଆସୁଛି।



ଲୋକମାନେ ନିତ୍ୟ ବ୍ୟବହାର ପାଇଁ ପାଣି ସଂଗ୍ରହ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତି ଅଧରେ ପାଣି ଆସୁଥିବାରୁ ବୃଦ୍ଧ, ମହିଳା ଓ ଶିଶୁମାନେ ବିଶେଷ ଭାବେ ହଇରାଣ ହେଉଥିବା କହିଛନ୍ତି। ଦିନବେଳେ ପାଣି ନ ମିଳିବାରୁ ସେମାନଙ୍କୁ ବିକଳ୍ପ ଜଳ ଉତ୍ସ ଉପରେ ନିର୍ଭର କରିବାକୁ ପଡୁଛି। ଅନେକ ସମୟରେ ରାତିରେ ଜାଗି ରହି ପାଣି ସଂଗ୍ରହ କରିବାକୁ ପଡୁଥିବାରୁ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହେଉଛି। ଗ୍ରାମବାସୀ ଏହି ସମସ୍ୟା ପ୍ରତି ସାହାରପଡା ବ୍ଲକ ପ୍ରଶାସନ ଓ ସମ୍ପୃକ୍ତ ପାନୀୟଜଳ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ତଦନ୍ତ କରିବା ସହ ନିୟମିତ ସମୟରେ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆନନ୍ଦପୁର ମହାବିଦ୍ୟାଳୟକୁ ଲିଉଟ୍‌ନାଣ୍ଟ କର୍ଣ୍ଣଲଙ୍କ ପରିଦର୍ଶନ



ଆନନ୍ଦପୁର, ୨୨।୬(ସମିସ): ଆନନ୍ଦପୁର ମହାବିଦ୍ୟାଳୟକୁ ଏନଏସଏସ ଲିଉଟ୍‌ନାଣ୍ଟ କର୍ଣ୍ଣଲ ଲକ୍ଷ୍ମୀଧର ଭୂୟାଁ ଏବଂ ଏସଏସ ରଘୁବଂଶୀ ପରିଭ୍ରମଣରେ ଆସି ଜାତୀୟ ସମର ଶିକ୍ଷାର୍ଥୀଙ୍କ କାର୍ଯ୍ୟକଳାପ ତଦାରଖ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ନିମାଇଁ ଚରଣ ରାଉତ, ପ୍ରଶାସକ ପ୍ରଫୁଲ୍ଲ କୁମାର ପଣ୍ଡା, ଏକାଡେମୀକ ବର୍ଷର ଶକ୍ତିପ୍ରସାଦ ମହାପାତ୍ର, ଏନସିସି ଅଫିସର ଲେଫ୍ଟନେଣ୍ଟ ରଘୁଦୀପ୍ତି ନାୟକ, କେୟାର ଟେକିଙ୍ଗ ଅଫିସର ବିଶ୍ୱଜିତ ରାଉତ ଅଧ୍ୟାପକ ପତିତପାବନ ମିଶ୍ର, ଉତ୍ତମ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। କର୍ଣ୍ଣଲ ଶ୍ରୀ ଭୂୟାଁ ୨୨ଟି ବିଶ୍ୱ ରେକର୍ଡ (ଗିନିଜ ବୁକ ଅଫ ୱାର୍ଲଡ) କରିଥିବା ସମ୍ପର୍କରେ ଶ୍ରୀ ରଘୁବଂଶୀ ଶିକ୍ଷାର୍ଥୀଙ୍କୁ ଅବଗତ କରିଥିଲେ। ଉଭୟ ଅଫିସର କଲେଜ ପରିଭ୍ରମଣ କରିବା ସହିତ କଲେଜର ଶୈକ୍ଷିକ ପରିବେଶକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ରାଉତ ଉଭୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

### ■ ଯୋଡ଼ା ପୌର ପରିଷଦ ଓ ପଞ୍ଚାୟତସମିତି



ଯୋଡ଼ା, ୨୨।୬(ସମିସ): ସ୍ୱାସ୍ଥ୍ୟକର ଜୀବନଶୈଳୀ, ଲୋକଙ୍କୁ ନିୟମିତ ଯୋଗ ଅଭ୍ୟାସ କରିବାକୁ ପ୍ରୋତ୍ସାହିତ କରିବା ଓ ସନ୍ତୁଳିତ ଜୀବନ ପାଇଁ ପ୍ରେରଣା ଦେବା ଲକ୍ଷ୍ୟରେ ଯୋଡ଼ା କଲ୍ୟାଣ ମଣ୍ଡପଠାରେ ପୌରପାଳିକା ଦ୍ୱାରା ଏକ ଯୋଗ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଡ଼ା ପୌରାଧ୍ୟକ୍ଷ ଡା ଜଗଦୀଶ ପ୍ରସାଦ ସାହୁ, ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ସାଂସଦ ପ୍ରତିନିଧି ବିଏନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିବିରରେ ଯୋଡ଼ା ଅଞ୍ଚଳର ମର୍ଣ୍ଣିଙ୍ଗ ଫିଟନେସ ଟିମ ସଦସ୍ୟମାନେ, ଯୋଡ଼ା ସହରର ଅନେକ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସେହିପରି ଯୋଡ଼ାସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିଅମଠାରେ ଯୋଡ଼ା ପଞ୍ଚାୟତ ସମିତି ପକ୍ଷରୁ ଏହି ଦିବସ ପାଳନ କରାଯାଇଛି। ବିଡିଓ ଡାନିସ ବେହେରା, ସାଂସଦ ପ୍ରତିନିଧି ଅଗୁନ ମହନ୍ତ ଓ ଅନ୍ୟ ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ।

### ■ ସାଇଁକୁଳ ଲକ୍ଷ୍ମୀ ମନ୍ଦିର



ଆନନ୍ଦପୁର: ଦ୍ୱାଦଶ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ଅବସରରେ ସାଇଁକୁଳସ୍ଥ ଲକ୍ଷ୍ମୀ ମନ୍ଦିର ପ୍ରାଙ୍ଗଣରେ ଶିକ୍ଷାବିତ ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ବେହୁରାଙ୍କ ସଭାପତିତ୍ୱରେ ଯୋଗ ଦିବସ ପାଳିତ ହୋଇଯାଇଛି। ରଥ ସେବା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ ସନତ ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କେନ୍ଦୁଝର ବେଦ ବିଦ୍ୟାଳୟର ଛାତ୍ର ଶମ୍ଭୁନାଥ ସ୍ୱାଇଁ ଯୋଗ ପ୍ରଦର୍ଶନ ସହ ଯୋଗାସନ ପ୍ରଶିକ୍ଷଣ ଦେଇଥିଲେ। ଗୋପାଳ ଚରଣ ପରିଡା, ମୋହନ ଚରଣ ଚକ୍ର, ସୁରେଶ ଚକ୍ର, ଦୈତାରୀ ବିଶ୍ୱାଳ, ଜଗବନ୍ଧୁ ପରିଡା ଆଲୋଚନା ଅଂଶଗ୍ରହଣ କରିଥିଲେ। ସଞ୍ଜୟ ଚକ୍ର, ଅଶୋକ ଘଡ଼େଇ, ଅଭିନ୍ନ ବିଶ୍ୱାଳ, ବିଷ୍ଣୁ ସାମଲ, ପ୍ରଶାନ୍ତ ସ୍ୱାଇଁ, ପ୍ରଶାନ୍ତ ଚକ୍ର, ସମାଜସେବୀ ସନ୍ତୋଷ ସ୍ୱାଇଁ ସହଯୋଗ କରିଥିଲେ।

### ■ ଜେଏସ୍‌ଡବ୍ଲ୍ୟୁ ଓଡ଼ିଶା ଖଣି ବିଭାଗ

ଯୋଡ଼ା: ଜେଏସଡବ୍ଲୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ ଏହାର ଖଣି ସ୍ଥାନଗୁଡ଼ିକରେ ଅନ୍ତର୍ଜାତୀୟ ଯୋଗ ଦିବସକୁ ଅତ୍ୟନ୍ତ ଉତ୍ସାହ ଏବଂ ସାମୂହିକ ଭାବନା ସହିତ ପାଳନ କରିଛି। କର୍ମଚାରୀ, ପରିବାର ଏବଂ ସମ୍ପ୍ରଦାୟର ସଦସ୍ୟମାନେ ସୁସ୍ଥତା, ସନ୍ତୁଳନ ଏବଂ ସମନ୍ୱୟର ବିଷୟବସ୍ତୁକୁ ଗ୍ରହଣ କରି ଯୋଗ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ପ୍ରଶିକ୍ଷିତ ପ୍ରଶିକ୍ଷକମାନଙ୍କ ନେତୃତ୍ୱରେ ମାର୍ଗଦର୍ଶିତ ଯୋଗ ପ୍ରଦର୍ଶନ କରାଯାଇଥିଲା। ଯୋଗ ଅଧିବେଶନଗୁଡ଼ିକ ନାରାୟଣପୋଷି ଖଣି, ନୁଗାଁଓ ଖଣି, ଗଣୁଆ ଖଣି, ଜେଏସଡବ୍ଲୁ କୋଇଡା କଲୋନୀ ଏବଂ ଜେଏସଡବ୍ଲୁ ବାର୍ବିଲ ଆବାସିକ କମ୍ପ୍ଲେକ୍ସରେ ଆୟୋଜିତ ହୋଇଥିଲା। ଓଡ଼ିଶା ଖଣି ବିଭାଗର ଜେଏସଡବ୍ଲୁ ଷ୍ଟିଲର ମାନବ ସମ୍ବଳ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି ଗୁରୁତ୍ୱାରୋପ କରିଥିଲେ ଯେ ଯୋଗ କେବଳ ଏକ ଅଭ୍ୟାସ ନୁହେଁ ବରଂ ଜୀବନର ଏକ ଉପାୟ, ଯାହା ଶରୀର, ମନ ଏବଂ ଆତ୍ମା ମଧ୍ୟରେ ଏକତାକୁ ପ୍ରୋତ୍ସାହିତ କରେ। ତାଙ୍କର କଥା ଅଂଶଗ୍ରହଣକାରୀମାନଙ୍କ ସହିତ ପ୍ରତିଧ୍ୱନିତ ହୋଇଥିଲା, ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଯୋଗର କାଳଜୟୀ ପ୍ରାସଙ୍ଗିକତାକୁ ଦୃଢ଼ କରିଥିଲା। ଏହି କାର୍ଯ୍ୟକ୍ରମ ଜେଏସଡବ୍ଲୁ ଷ୍ଟିଲର କର୍ମଚାରୀ ସୁସ୍ଥତା ଏବଂ ସାମୁଦାୟିକ ନିୟୋଜିତତା ପ୍ରତି ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା, ଯାହା ସମନ୍ୱୟ ଏବଂ ଶାନ୍ତି ପାଇଁ ଯୋଗର ବିଶ୍ୱ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିଥିଲା।



# ସମ୍ପାଦକୀୟ



ଉପଯୁକ୍ତ ବୌଦ୍ଧିକ ଓ ଆର୍ଥିକ ସହାୟତା ମିଳିଲେ କୃଷି କ୍ଷେତ୍ର ନିଯୁକ୍ତିଭିତ୍ତିକ ଅର୍ଥନୈତିକ ପ୍ରଗତିରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବ।
-ଏମ୍ ଏସ୍ ସ୍ୱାମୀନାଥନ୍

ସକାଳ
THE SAKALA

## ଓଡ଼ିଶାରେ ଅରାଜକତା!

ବାଲିଅନ୍ତାରେ ପୁଲିସ୍ କନଷ୍ଟେବଲ୍ଙ୍କ ଭିଡ଼ ହିଂସାରେ ମୃତ୍ୟୁ ବିବାଦର ନିଆଁ ପ୍ରଶମିତ ହୋଇ ନଥିବା ବେଳେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଦିଲ୍ଲୀର ଜନୈକା ଗବେଷିକାଙ୍କୁ ଅସଦାଚରଣ, ବିବସ୍ତ୍ର ଉଦ୍ୟମ ଓ ଭିଡ଼ ହିଂସା ପରି ନିନ୍ଦନୀୟ ଘଟଣା ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାକୁ ପୁଣି ଥରେ ନିନ୍ଦିତ କରିଛି। ଗତବର୍ଷ ଗୋପାଳପୁର ଗଣଦୁଷ୍କର୍ମ ଘଟଣାରୁ ଆରମ୍ଭ କରି ବଲାଙ୍ଗୀରେ ଜନୈକା ଯୁବତୀଙ୍କୁ ଘରୁ ଡାକି ନେଇ ନିଆଁରେ ପୋଡ଼ି ହତ୍ୟା ଉଦ୍ୟମ, ବାରଙ୍ଗ ଥାନା ଭିତରେ ଅଭିଯୁକ୍ତଙ୍କୁ ଥାନାଧିକାରୀଙ୍କ ଅମାନୁଷିକ ଥାର୍ଡଡିଗ୍ରୀ, ମହାକାଳପଡ଼ା ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ପୁଲିସର ନିର୍ଯାତନା ଅଭିଯୋଗ ଏବଂ ସଦ୍ୟତମ କଲ୍ୟାଣସିଂହପୁର ଘଟଣାବଳୀକୁ ତର୍ଜମା କଲେ ଲାଗୁଛି ଓଡ଼ିଶାବାସୀଙ୍କ ମନରୁ ଆଇନ, ବିଚାର, ଦଣ୍ଡବିଧାନ ପ୍ରତି ବିଶ୍ୱାସ ଦୂରେଇ ଯାଇଛି।

ଏବେ ଲାଗୁଛି ସତେଯେମିତି ଶାନ୍ତିପ୍ରିୟ ରାଜ୍ୟରେ ଅରାଜକତାର ପ୍ରବେଶ ହୋଇସାରିଛି। କେଉଁଠି ପୁଲିସ ଅଭିଯୁକ୍ତଙ୍କୁ ଆକ୍ରମଣ କରୁଛି ତ କେଉଁଠି ଜନତା ଆଇନକୁ ହାତକୁ ନେଇ ରାୟ ଓ ଦଣ୍ଡବିଧାନ କରୁଛନ୍ତି। ରାସ୍ତା ଉପରେ ଗାଡ଼ି ଚଢ଼ାଇ ହତ୍ୟା କରୁଛନ୍ତି। ସରକାର ଓ ସରକାରୀ ଅଧିକାରୀଙ୍କ ମନରୁ କର୍ତ୍ତବ୍ୟବୋଧ ଓ ଦାୟିତ୍ୱବୋଧ ଉଭାନ୍ ହୋଇଯାଇଛି। ଯିଏ ଯାହା ଠିକ୍ ଭାବିଲା, ଯାହା ମନକୁ ଯାହା ଆସିଲା ସେ ତାହାକୁ କାର୍ଯ୍ୟରେ ପରିଣତ କରିଦେଉଛି। ଯାହା କିଛି ପୂର୍ବରୁ ଚାଲିଥିଲା ତାହା ଚାଲିଆସୁଛି। କିନ୍ତୁ ନୂଆ କିଛି କଲାବେଳେ ଅପାରଗତା ବାରି ହୋଇପଡୁଛି। ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରଶାସନ, ଆଇନ ଶୃଙ୍ଖଳା ଆଦି କୌଣସି କ୍ଷେତ୍ର ନାହିଁ ଯେଉଁଠାରେ ବିଭ୍ରାଟ, ତ୍ରୁଟି, ଅବ୍ୟବସ୍ଥା ପରିଲକ୍ଷିତ ହେଉନାହିଁ। ଯଦି ଏହି ଧାରା ଜାରି ରହେ ତେବେ ଓଡ଼ିଶା ଖୁବ୍‌ଶୀଘ୍ର ବିହାରର ଜଙ୍ଗଲୀରାଜ କିମ୍ବା ମଣିପୁର ହେବାକୁ ବେଶୀ ବିଳମ୍ବ ହେବ ନାହିଁ। ଯେତେବେଳେ ଜନତାଙ୍କ ମନରୁ ଆଇନ ଶୃଙ୍ଖଳାର ଭୟ ଦୂରେଇ ଯାଏ ସେତେବେଳେ ରାଜ୍ୟ କିମ୍ବା ଦେଶ ଅରାଜକତା ଦିଗକୁ ଯାଉଛି ବୋଲି ବୁଝାଯାଏ। ଓଡ଼ିଶା ପରିପ୍ରେକ୍ଷୀରେ ଏତେଶୀଘ୍ର କୌଣସି ନିଷ୍କର୍ଷରେ ପହଞ୍ଚିବା ଉଚିତ ନ ହେଲେ ମଧ୍ୟ ଅବଚେତନ ମନରେ ଏହି ଧାରଣାଟିଏ କ୍ରମଶଃ ଦୃଢ଼ୀଭୂତ ହେଉଛି।

ଏବେ ଓଡ଼ିଶାର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି ଯେ ଶାନ୍ତିପ୍ରିୟ ଓଡ଼ିଶାରେ ହଠାତ୍ ଏ ପୈଶାଚିକ ମାନସିକତା ଜନ୍ମ ନେଲା କିପରି? ପୁଣି ଏହାର ନିରାକରଣ ହେବ କେମିତି ଏବଂ କରିବ କିଏ? କେତେକ ମହଲର ମତ ଯେ ଶାସନ ଯେତେବେଳେ ଜନସ୍ୱାର୍ଥକୁ ଉପେକ୍ଷା କରି କ୍ଷମତାକୈନ୍ଦ୍ରିକ ହୋଇଯାଏ ସେତେବେଳେ ବ୍ୟବସ୍ଥା ନିୟନ୍ତ୍ରଣ ହରାଏ। ଓଡ଼ିଶାରେ ଠିକ୍ ତାହା ହିଁ ଗତଦୁଇବର୍ଷ ଧରି ଘଟୁଛି। ଇ-କେୱାଇସି ଆଳରେ ଗତବର୍ଷ ହଜାର ହଜାର ପଡ଼ିକାର୍ଡଧାରୀ ରାସନ୍‌ରୁ ବଞ୍ଚିତ ହୋଇଥିବା ବେଳେ ଏବେ ସମାନ କାରଣରୁ ବୟୋବୃଦ୍ଧମାନେ ତିନିମାସ ହେଲାଣି ଭତ୍ତା ପାଇନାହାନ୍ତି। ପିଲାଙ୍କୁ ଅଧିକ ପଣ୍ଡିତ କରି ପକାଇବାର ଆସ୍ପର୍ଦ୍ଧାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ଯେଉଁ ଆମୂଳଚୂଳ ପରିବର୍ତ୍ତନ ଉଦ୍ୟମ ଆରମ୍ଭ ହୋଇଛି ତାହାର ବିଡ଼ମ୍ବନା ଏବେ ସାରା ଦେଶ ଦେଖିଛି ଏବଂ ଜାତୀୟ ଗଣମାଧ୍ୟମମାନ ମୁଖର ହୋଇଛି। ଓଡ଼ିଶାକୁ ନ ଯିବା ପାଇଁ ଗତବର୍ଷ ଆମେରିକାର ବୈଦେଶିକ ବ୍ୟାପାର ବିଭାଗ ସେ ଦେଶର ନାଗରିକମାନଙ୍କୁ ଚେତାବନୀ ଦେଇଥିଲା। କଲ୍ୟାଣସିଂହପୁର ଘଟଣା ପରେ ଓଡ଼ିଶା ଯେ ପର୍ଯ୍ୟଟକଙ୍କ ପାଇଁ ଆଉ ସୁରକ୍ଷିତ ନୁହେଁ ଏହି ଧାରଣା ଅନ୍ତର୍ଜାତୀୟ ସ୍ତରରେ ଆହୁରି ଦୃଢ଼ ହେଉଛି। ସରକାରୀ ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ନୂଆ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ଘୁଞ୍ଚି ଚାଲିଛି। ପ୍ରତିଶ୍ରୁତି ସତ୍ତ୍ୱେ ୧୦ ଦଫା ଦାବି ପୂରଣ ନ ହେବାରୁ ଜୁଲାଇ ୧ ତାରିଖରୁ ଡାକ୍ତରମାନେ ପୁଣି ଥରେ ଧର୍ମଘଟ କରିବେ ବୋଲି ଚେତାବନୀ ଦେଇଛନ୍ତି। ଇତିମଧ୍ୟରେ ସ୍ୱାସ୍ଥ୍ୟମିତ୍ରମାନଙ୍କୁ ଛଟେଇ କରିଦିଆଯାଇଛି।

କୋଠାବାଡ଼ିର ରଙ୍ଗ ଓ ଯୋଜନାର ନାମ ପରିବର୍ତ୍ତନ ବ୍ୟତୀତ ଗତ ଦୁଇବର୍ଷ ଭିତରେ ସରକାରଙ୍କ ଉପଲବ୍ଧି ଓ ଓଡ଼ିଶାବାସୀଙ୍କୁ ମହତ୍‌ଦାନ ଭିତରେ କେବଳ ସୁଭଦ୍ରା ଯୋଜନାରେ ଟଙ୍କା ବଣ୍ଟନ (ଏହା ମଧ୍ୟ ଅନିୟମିତ ବୋଲି ଅଭିଯୋଗ ଆସୁଛି) ଏବଂ ମଦର ବ୍ୟାପକ ବିକ୍ରି ଓ ପ୍ରସାର ହିଁ ଦୃଷ୍ଟିକୁ ଆସୁଛି। ବିଜ୍ଞାପନର ପ୍ରସାର ଓ ଆତ୍ମପ୍ରଚାର ଜରିଆରେ ବିକାଶ କିମ୍ବା ସ୍ଥିର ଶାସନ ଆସେ ନାହିଁ। ଏଥିପାଇଁ ଲୋଡ଼ା ଜନକଲ୍ୟାଣମୁଖୀ ସମର୍ପିତ ଶାସନ। ଶାସକ କ୍ଷମତାର ମୋହଗଣ୍ଠି ମଧ୍ୟରୁ ନ ବାହାରିବା ପର୍ଯ୍ୟନ୍ତ ଲୋକାଭିମୁଖୀ ଶାସନର ମାନସିକତା ଜନ୍ମ ନେବା ଅସମ୍ଭବ। କ୍ଷମତା ହାସଲର ଉପଲବ୍ଧିର ଉତ୍ସବପାଳନରେ ସରକାର ଏତେ ଆତ୍ମବିଭୋର ଯେ ଜନତାଙ୍କ ସୁରକ୍ଷା ଚିନ୍ତା ଦୂରେ ଥାଉ, ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଚୋରି ହୋଇଯାଉଛି। ଇଏ 'ଢୋଲ ଭିତରେ ମୂଷା' ରୂଢ଼ି ଭଳି। ଆହୁରି ମଧ୍ୟ ବିଡ଼ମ୍ବନା ଏୟା ଯେ କଟକ ବଡ଼ ମେଡିକାଲ୍ କଲେଜ୍‌ରେ ଲଗାତାର ଅଗ୍ନିକାଣ୍ଡ ଘଟଣା ହେଉ କିମ୍ବା ସ୍କୁଲ୍ ପାଠ୍ୟପୁସ୍ତକରେ ଅକ୍ଷମଣୀୟ ତ୍ରୁଟି, ବିଭାଗୀୟ ମନ୍ତ୍ରୀମାନେ ଉତ୍ତରଦାୟିତ୍ୱ ନେବାକୁ ନାରାଜ। ଏଥିରୁ ସରକାର କେତେ ଜନକଲ୍ୟାଣ ଉତ୍ତରଦାୟୀ ଓ ବିକାଶମୁଖୀ ତାହା ବାରି ହୋଇପଡୁଛି।

୨୦୨୪ ସେପ୍ଟେମ୍ବର ୧୯ ତାରିଖରେ ରାଜ୍ୟସରକାରଙ୍କ କ୍ଷମତାକୁ ଆସିବାର ୧୦୦ ଦିନ ପୂର୍ତ୍ତି ପାଳନର ଅବ୍ୟବହିତ ପୂର୍ବରୁ ରାଜଧାନୀ ଭୁବନେଶ୍ୱର ଭରତପୁର ଥାନା ଭିତରେ ଅଭିଯୋଗକାରିଣୀଙ୍କ ସହିତ ପୁଲିସର ଦୁର୍ବ୍ୟବହାର ଘଟଣା ଘଟିଥିବା ବେଳେ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଳନ ପ୍ରସ୍ତୁତି ବେଳେ କଲ୍ୟାଣସିଂହପୁରର ନିନ୍ଦନୀୟ ଭିଡ଼ ହିଂସା ଘଟଣା ଘଟିଛି। ଏ ଦୁଇଟି କାକତାଳିକ ହୋଇଥାପାରେ। କିନ୍ତୁ ଯେତେବେଳେ ପ୍ରତିପତ୍ତି, କ୍ଷମତାର ମୋହ ଓ ଆତ୍ମପ୍ରଚାରର ପ୍ରାବଲ୍ୟରେ ସରକାରୀ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ବିବଶ ହୋଇପଡ଼େ ସେତେବେଳେ ଜନଆକ୍ରୋଶ ଅତିକ୍ରିୟାର ରୂପ ନିଏ ଏବଂ 'ଗଙ୍ଗାଜଲ୍' ଭଳି ଚଳଚ୍ଚିତ୍ର କାହାଣୀର ଆଧାର ପାଲଟିଯାଏ। ଚଳଚ୍ଚିତ୍ରର କାହାଣୀ ଓ ବାସ୍ତବ ଜୀବନ ଭିତରେ ଆକାଶ ପାତାଳ ଫରକ୍ ଅଛି। କିନ୍ତୁ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ପରିସ୍ଥିତି ଚାପରେ ଆକାଶ-ପାତାଳର ଦୂରତ୍ୱ ହ୍ରାସ ଘଟିବାରେ ବିଳମ୍ବ ହେବ ନାହିଁ ଏବଂ ଚଳଚ୍ଚିତ୍ରର କାହାଣୀ ବାସ୍ତବତାରେ ରୂପାୟନ ହେବ ନାହିଁ। ●

## ବିବାଦ, ବିଦ୍ରୋହ, ବିଚ୍ଛେଦ, ବିଶ୍ୱାସଘାତ

ରଞ୍ଜିତ୍ ମହାନ୍ତି

ତୃଣମୂଳ କଂଗ୍ରେସର ୨୦ ଲୋକସଭା ସାଂସଦଙ୍କ ଆକସ୍ମିକ ବିଦ୍ରୋହ ଏବଂ ଏକ ଅଖ୍ୟାତ ଦଳରେ ଯୋଗଦାନ କରି ଏନ୍‌ଡିଏକୁ ସମର୍ଥନ ଘୋଷଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ତୃଣମୂଳ କଂଗ୍ରେସ(ଟିଏମ୍‌ସି)ରେ ମମତାଙ୍କ ଏକଛତ୍ର ନୀତି ବିରୋଧରେ ଏହା ବିଦ୍ରୋହ ବୋଲି କୁହାଯାଉଛି। କୌତୂହଳର କଥା ହେଉଛି ବିଜେପିର ଘୋର ବିରୋଧୀ ଓ କଟୁ ସମାଲୋଚକ ଭାବେ ପରିଚିତ ଅନେକ ତୃଣମୂଳ ସାଂସଦ ଏହି ବିଦ୍ରୋହର ଅଂଶୀଦାର ହୋଇ ଏନ୍‌ଡିଏକୁ ସମର୍ଥନ କରିଥିବା ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ମହାରାଷ୍ଟ୍ରରେ ଉଦ୍ଧବ 'ସେନା'ର ୯ ସାଂସଦଙ୍କ ମଧ୍ୟରୁ ୬ ଜଣ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଏବଂ ସିନ୍ଦେ 'ସେନା'ରେ ସାମିଲ ହୋଇ ସେମାନେ ଏନ୍‌ଡିଏକୁ ସମର୍ଥନ ଦେବେ ବୋଲି ଜାତୀୟଗଣମାଧ୍ୟମରେ ପ୍ରକାଶିତ ହୋଇଛି। ଏହି ସମୟରେ ଜେଏମ୍‌ଏମ୍ 'ଇଣ୍ଡି'ମେଣ୍ଟରୁ ବିଦାୟ ନେଇ କେନ୍ଦ୍ରରେ ଏନ୍‌ଡିଏକୁ ସମର୍ଥନ ଦେବ ଏବଂ ଝାଡ଼ଖଣ୍ଡରେ ଏନ୍‌ଡିଏ ସହଯୋଗରେ ହେମନ୍ତଙ୍କ ପତ୍ନୀ କଳ୍ପନା ସୋରେନ ମୁଖ୍ୟମନ୍ତ୍ରୀ ହେବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସେହିପରି ସମାଜବାଦୀ ପାର୍ଟିର କତିପୟ ସାଂସଦ ମଧ୍ୟ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇପାରନ୍ତି ବୋଲି କୁହାଯାଉଛି।

ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପିର ଅଭୂତପୂର୍ବ ବିଜୟ ପରେ ଦେଶର ବିଭିନ୍ନ ରାଜନୈତିକ ଦଳରେ ବିଦ୍ରୋହ, ବିଚ୍ଛେଦ, ବିଶ୍ୱାସଘାତ ଆଦି ଘଟଣାକ୍ରମ ସହ ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ଲୋକସଭା ଆସନ ବୃଦ୍ଧି (ସୀମା ପୁନର୍ଗଠନ) ଓ ମହିଳା ସଂରକ୍ଷଣ ସଂଶୋଧନ ବିଲ୍‌ର ପୁନଃ ଆଗତ ମଧ୍ୟରେ ପାରସ୍ପରିକ ସମ୍ପର୍କ ଥିବା ଅନେକ ରାଜନୈତିକ ସମୀକ୍ଷକ ମନେ କରୁଛନ୍ତି। ଗତ ଏପ୍ରିଲ ମାସରେ କେନ୍ଦ୍ର ସରକାର ସଂବିଧାନର ଧାରା ୮୧ ଓ ୮୨ରେ ସଂଶୋଧନ ଆଣିବା ପାଇଁ ଏକ ବିଲ୍ ଲୋକସଭାରେ ଉପସ୍ଥାପନ କରିଥିଲେ। ଏଥିରେ ଲୋକସଭା ଆସନ ସଂଖ୍ୟା ୫୫୦ରୁ ୮୫୦କୁ ବୃଦ୍ଧି କରିବା ପ୍ରସ୍ତାବ ରହିଥିଲା। ସମ୍ବିଧାନ ସଂଶୋଧନ ବିଲ୍ ହୋଇଥିବାରୁ ଏହାକୁ ପାରିତ କରିବା ପାଇଁ ଲୋକସଭାର ୫୪୩ ସଦସ୍ୟଙ୍କ ମଧ୍ୟରୁ ଅନ୍ୟୂନ ଦୁଇ-ତୃତୀୟାଂଶ ବା ୩୬୨ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ ଥିଲା। ମାତ୍ର ସବୁ କସରତ ସତ୍ତ୍ୱେ ବିଲ୍ ସପକ୍ଷରେ ଆବଶ୍ୟକ ସଂଖ୍ୟା ନ ମିଳିବାରୁ ଏହା ପାରିତ ହୋଇପାରି ନ ଥିଲା। ଏହି ବିଲ୍‌କୁ କୌଣସି ପ୍ରକାର ପାରିତ କରାଯିବ ବୋଲି ସେତେବେଳେ ବିଜେପି ଦୃଢ଼ୋକ୍ତି ପ୍ରକାଶ କରିଥିଲା। ଏନ୍‌ଡିଏ ସହଯୋଗୀ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ ଖୁବ୍ ଶୀଘ୍ର ଏହି ବିଲ୍ ଲୋକସଭାରେ ପାରିତ ହେବ ବୋଲି ମଧ୍ୟ କହିଥିଲେ। ମାତ୍ର ବିଲ୍ ପାରିତ ହେବା ପାଇଁ ସମର୍ଥନ କେଉଁଠୁ ଆସିବ, ସେ ସମ୍ପର୍କରେ ବିଜେପି ବା ଟିଡିପି ମୁହଁ ଖୋଲି ନ ଥିଲେ।

ସମ୍ପ୍ରତି ଦେଶରେ ବିଭିନ୍ନ ରାଜନୈତିକ ଦଳରେ ବିଦ୍ରୋହ ସହ ସମ୍ବିଧାନର ଧାରା ୮୧ ଓ ୮୨ର ସଂଶୋଧନର ସମ୍ପର୍କ ଅଛି କି ନାହିଁ ତାହା ଭିନ୍ନ କଥା; ମାତ୍ର ବିଭିନ୍ନ ଦଳର ସାଂସଦଙ୍କ ସମର୍ଥନ ବଳରେ ଏନ୍‌ଡିଏ ଉଭୟ ଲୋକସଭା ଓ ରାଜ୍ୟସଭାରେ ଶକ୍ତିଶାଳୀ ହେଉଥିବା ସ୍ପଷ୍ଟ। ୨୦୨୪ ଲୋକସଭା ନିର୍ବାଚନ ପରେ ଏନ୍‌ଡିଏର ସାଂସଦଙ୍କ ସଂଖ୍ୟା ଥିଲା ୨୯୨। ବର୍ତ୍ତମାନ ଟିଏମ୍‌ସିର ୨୦ ଓ ଶିବସେନା (ଉଦ୍ଧବ ଗୋଷ୍ଠୀ)ର ୬ ସାଂସଦଙ୍କ ସମର୍ଥନ ମିଳିଲେ ଏନ୍‌ଡିଏ ୩୧୮ରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଏହା ସତ୍ତ୍ୱେ ଏନ୍‌ଡିଏ ଦୁଇ-ତୃତୀୟାଂଶ ଅର୍ଥାତ୍ ୩୬୨ରୁ ୪୪ ସମର୍ଥନ ପଛରେ ରହିଛି। ଏହି ପରିପ୍ରେକ୍ଷୀରେ ଡିଏମ୍‌କେର ୨୨ ଓ ଜେଏମ୍‌ଏମ୍‌ର ୩ ସାଂସଦଙ୍କ ଉପରେ ଏବେ ଚାପ ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଏପ୍ରିଲରେ ଆହୂତ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ୧୨ ଜଣ ସାଂସଦ ଅନୁପସ୍ଥିତ ଥିଲେ। ତେଣୁ ଅଧିକ ସାଂସଦ ଅନୁପସ୍ଥିତ ରହିଲେ ବିଲ୍ ପାରିତ ପାଇଁ ସହଜ ହେବ ବୋଲି କୁହାଯାଉଛି।

ଅନ୍ୟପଟେ ରାଜ୍ୟସଭାରେ ମଧ୍ୟ ଏନ୍‌ଡିଏର ଆସନ ସଂଖ୍ୟା ବୃଦ୍ଧି ପାଇଛି। ଆମ୍ ଆଦମୀ ପାର୍ଟିର କିଛି ସଦସ୍ୟ ଶାସକ ଦଳକୁ ସମର୍ଥନ କରିବା ଏବଂ ବିଭିନ୍ନ ରାଜ୍ୟରେ ରାଜନୈତିକ ପରିବର୍ତ୍ତନ ରାଜ୍ୟସଭାରେ ଏନ୍‌ଡିଏ ଆସନ ସଂଖ୍ୟାକୁ ୧୫୪ରେ ପହଞ୍ଚାଇଛି। ତଥାପି ବିଲ୍ ପାରିତ ହେବା ପାଇଁ ରାଜ୍ୟସଭାରେ ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍ କଂଗ୍ରେସ ଓ ଓଡ଼ିଶାର ବିଜୁ ଜନତା ଦଳ ପରି ଦଳଗୁଡ଼ିକର ସମର୍ଥନ ଅପରିହାର୍ଯ୍ୟ। ଏହି ଦଳଗୁଡ଼ିକ ଇଣ୍ଡି ମେଣ୍ଟ କିମ୍ବା ଏନ୍‌ଡିଏର ସଦସ୍ୟ ନୁହନ୍ତି। ତେଣୁ ଭୋଟ ଗ୍ରହଣ ସମୟରେ ସେମାନଙ୍କ ଉପସ୍ଥିତି ଯେତିକି ନିର୍ଣ୍ଣାୟକ, ଅନୁପସ୍ଥିତି ସେତିକି ଗୁରୁତ୍ୱପୂର୍ଣ୍ଣ ମନେ ହେବ ବୋଲି କୁହାଯାଉଛି।

ସୀମା ପୁନଃନିର୍ଦ୍ଧାରଣ ଫଳରେ ଦେଶର ଲୋକସଭା ଓ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ପାଇବ। ସରକାରଙ୍କ ପ୍ରସ୍ତାବ ଅନୁଯାୟୀ ଲୋକସଭା ଆସନ ୮୫୦କୁ ବୃଦ୍ଧି ପାଇପାରେ। ଏହା ମାଧ୍ୟମରେ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ କରିବା ସହଜ ହେବ ବୋଲି କେନ୍ଦ୍ର ସରକାର ମନେ କରୁଛନ୍ତି। କେନ୍ଦ୍ର ସରକାରଙ୍କ ଯୁକ୍ତି ହେଉଛି ଲୋକସଭା ଆସନ ବୃଦ୍ଧି ହେଲେ ସମସ୍ତ ରାଜ୍ୟକୁ ଆନୁପାତିକ ଭାବରେ ଲାଭ ମିଳିବ। ବର୍ତ୍ତମାନ ୫୪୩ ଆସନ ବିଶିଷ୍ଟ ଲୋକସଭାରେ ଯେଉଁ ରାଜ୍ୟର ଯେତିକି ପ୍ରତିଶତ ଅଂଶୀଦାରୀ ରହିଛି, ଆସନ ସଂଖ୍ୟା ୮୫୦କୁ ବୃଦ୍ଧି ପରେ ଅନୁପାତ ଅବିକଳ ତାହା ହିଁ ରହିବ। ମାତ୍ର ପ୍ରସ୍ତାବିତ ପୁନଃନିର୍ଦ୍ଧାରଣ ବିଲ୍‌ରେ ବିଭିନ୍ନ ରାଜ୍ୟରେ ଆସନଗୁଡ଼ିକୁ ସମାନ ଅନୁପାତରେ ବଢ଼ାଇବାର କୌଣସି ସ୍ପଷ୍ଟ ଆଇନଗତ ଗ୍ୟାରେଣ୍ଟି ନାହିଁ ବୋଲି ବିରୋଧୀ ସନ୍ଦେହ କରୁଛନ୍ତି। ବିରୋଧୀଙ୍କ ଏହି ସନ୍ଦେହ ଦୂର କରିବାରେ ସରକାର ଏଯାଏଁ ସଫଳ ହୋଇ ନାହାନ୍ତି। ସମ୍ବିଧାନର ଧାରା ୮୧(୨)(ଏ) ଅନୁଯାୟୀ ଆସନ ବଣ୍ଟନ ଜନସଂଖ୍ୟା ଆଧାରରେ ହୋଇଥାଏ। ତେଣୁ ୨୦୧୧ ଜନଗଣନାକୁ ଆଧାର କରି ସୀମା ନିର୍ଦ୍ଧାରଣ ହେଲେ ହେଲେ ଅଧିକ ଜନସଂଖ୍ୟା ଥିବା ଉତ୍ତରଭାରତର ହିନ୍ଦୀଭାଷୀ ରାଜ୍ୟଗୁଡ଼ିକ ଅଧିକ ଆସନ ପାଇବେ। କିଛି ଦଶନ୍ଧି ଧରି ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ ଏବଂ ଲୋକସଭାରେ ସେମାନଙ୍କର ପ୍ରଭାବ ହ୍ରାସ ଓ ଜାତୀୟ ନୀତି ନିର୍ଦ୍ଧାରଣରେ ଏହି ରାଜ୍ୟଗୁଡ଼ିକର ଭୂମିକା ଦୁର୍ବଳ ହେବ ବୋଲି ବିରୋଧୀ ଆଶଙ୍କା କରୁଛନ୍ତି।

ରାଜନୈତିକ ବିଶ୍ଳେଷକମାନଙ୍କ ମତରେ, ନୂଆ ବ୍ୟବସ୍ଥା ଉତ୍ତର ପ୍ରଦେଶ, ବିହାର, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଦିଲ୍ଲୀ ଭଳି ହିନ୍ଦୀ ଭାଷୀ ରାଜ୍ୟଗୁଡ଼ିକୁ ସର୍ବାଧିକ ଲାଭ ଦେଇପାରେ। ଏହି ଅଞ୍ଚଳଗୁଡ଼ିକୁ ବିଜେପିର ପାରମ୍ପରିକ ଦୁର୍ଗ ଭାବେ ବିବେଚନା କରାଯାଏ। ଏଠାରେ ଯଦି ଦଳ ୨୦୧୯ ଲୋକସଭା ନିର୍ବାଚନ ଭଳି ପ୍ରଦର୍ଶନ ପୁଣି ଦୋହରାଏ, ତେବେ ବୃଦ୍ଧି ପାଇଥିବା ଆସନ ସଂଖ୍ୟାରେ ହିନ୍ଦୀ ଭାଷୀ ରାଜ୍ୟଗୁଡ଼ିକରୁ ହିଁ ବହୁ ସଂଖ୍ୟକ ଆସନ ଜିତି ବିଜେପି ଏକାକୀ ବହୁମତ ହାସଲ କରିପାରିବ। ଏପରିକି ୨୦୨୪ ଭଳି ଦୁର୍ବଳ ପ୍ରଦର୍ଶନ ହେଲେ ମଧ୍ୟ ହିନ୍ଦୀଭାଷୀ ଅଞ୍ଚଳରେ ବିଜେପିର ଆସନ ସଂଖ୍ୟା ଉଲ୍ଲେଖନୀୟ ଭାବେ ବଢ଼ିପାରେ। ତେଣୁ ଏହି ପରିସ୍ଥିତିରେ ସୀମାନିର୍ଦ୍ଧାରଣ ବିଲ୍ କେବଳ ଏକ ପ୍ରଶାସନିକ ପ୍ରକ୍ରିୟା ନୁହେଁ; ବରଂ ଦେଶର ଭବିଷ୍ୟତ ରାଜନୈତିକ ସନ୍ତୁଳନ ଓ ଶକ୍ତିର ସମୀକରଣକୁ ବଦଳାଇଦେବାର କ୍ଷମତା ରଖୁଥିବା ଏକ ବଡ଼ ପ୍ରସଙ୍ଗ ଭାବେ ଉଭା ହୋଇଛି। ଯେଉଁଥିପାଇଁ ଏନ୍‌ଡିଏ ସରକାର ଆସନ୍ତା ମୌସୁମୀ ଅଧିବେଶନରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ପୁଣିଥରେ ଆଣିପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି। ●

ଭୁବନେଶ୍ୱର, ମୋ: ୯୮୬୧୦୬୨୫୦୦


## ଅଖଣ୍ଡ ଭାରତ, ଜାତୀୟ ଏକତା ଓ ରାଷ୍ଟ୍ରନିର୍ମାଣର ବିଶ୍ୱକର୍ମା

ମନମୋହନ ସାମଲ

ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତର ସ୍ୱାଧୀନତା ପରବର୍ତ୍ତୀ ରାଜନୈତିକ ଇତିହାସରେ ତଥା ଭାରତୀୟ ରାଜନୀତି, ଶିକ୍ଷା ଓ ଜାତୀୟତାବାଦୀ ଚିନ୍ତାଧାରାର ଏକ ଉଜ୍ଜ୍ୱଳ ନକ୍ଷତ୍ର। କେବଳ ଜଣେ ରାଜନେତା ନୁହନ୍ତି, ବରଂ ଜଣେ ଶିକ୍ଷାବିତ୍, ଦୂରଦର୍ଶୀ ରାଷ୍ଟ୍ରଚିନ୍ତକ, ସଂଗଠକ ଏବଂ ଦୂରଦର୍ଶୀ ରାଷ୍ଟ୍ରନାୟକ ଭାବେ ଭାରତୀୟ ଇତିହାସରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ଭାରତର ଏକତା, ଅଖଣ୍ଡତା ଓ ସାଂସ୍କୃତିକ ଜାତୀୟତାରେ ତାଙ୍କର ଅବଦାନ ଅତୁଳନୀୟ। ସ୍ୱାଧୀନ ଭାରତର ବିକଳ୍ପ ରାଜନୈତିକ ଚିନ୍ତାଧାରାର ମୂଳଦୁଆ ପକାଇବାରେ ତାଙ୍କର ଭୂମିକା ଐତିହାସିକ। ସ୍ୱାଧୀନତା ପରେ ଭାରତ ଯେତେବେଳେ ବିଭାଜନର କ୍ଷତ, ଶରଣାର୍ଥୀ ସମସ୍ୟା, ସୀମା ସଙ୍କଟ ଏବଂ ଜାତୀୟ ଏକତାର ଆହ୍ୱାନର ସମ୍ମୁଖୀନ ହେଉଥିଲା ସେତେବେଳେ ଶ୍ୟାମା ପ୍ରସାଦ ମୁଖାର୍ଜୀ ଏକ ଶକ୍ତିଶାଳୀ ଜାତୀୟ ବିକଳ୍ପ ରାଜନୈତିକ ଧାରାର ଆବଶ୍ୟକତା ଅନୁଭବ କରିଥିଲେ। ସେହି ଚିନ୍ତାଧାରାରୁ ୧୯୫୧ ମସିହାରେ ଭାରତୀୟ ଜନସଂଘର ଉତ୍ପତ୍ତି ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଭାରତୀୟ ଜନତା ପାର୍ଟି ରୂପେ ବିକଶିତ ହୋଇ ବିଶ୍ୱର ସର୍ବବୃହତ୍ ରାଜନୈତିକ ଶକ୍ତିର ମହାଦ୍ରୁମରେ ପରିଣତ ହୋଇଛି। ୨୩ ଜୁନ ହେଉଛି ସେହି ମହାନ ଜନନାୟକ ତଥା ଭାରତୀୟ ଜାତୀୟତାବାଦର ଅଗ୍ରଦୂତଙ୍କ ପୁଣ୍ୟତିଥି ତଥା ବଳିଦାନ ଦିବସ!

ପଣ୍ଡିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ୧୯୦୧ ମସିହା ଜୁଲାଇ ୬ ତାରିଖରେ କୋଲକାତାରେ ହୋଇଥିଲା। ୧୯୨୧ରେ ଇଂରାଜୀରେ ପ୍ରଥମ ଶ୍ରେଣୀ ସହ ସ୍ନାତକ ପାସ କରିବା ପରେ ୧୯୨୩ରେ ବଙ୍ଗୀୟ ଭାଷାରେ ଏମ୍‌ଏ ପାସ୍ କଲେ। ଏହାପରେ ୧୯୨୪ରେ ବିଏଲ୍ ଡିଗ୍ରୀ ହାସଲ କରି ୧୯୨୬ରେ ଇଂଲଣ୍ଡରୁ ବାରିଷ୍ଟର ହୋଇ ଫେରିଲେ। ୧୯୩୪ରେ ମାତ୍ର ୩୩ ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ହେଲେ। ତାଙ୍କ କାର୍ଯ୍ୟକାଳରେ ଭାରତୀୟ ଭାଷା ଓ ସଂସ୍କୃତିକୁ ସେ ବିଶେଷ ପ୍ରୋତ୍ସାହନ ଦେଇଥିଲେ। ରବୀନ୍ଦ୍ରନାଥ ଠାକୁରଙ୍କୁ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ବଙ୍ଗଳାରେ ଦୀକ୍ଷାନ୍ତ ଭାଷଣ ଦେବାକୁ ଆମନ୍ତ୍ରଣ କରିବା ତାଙ୍କର ଐତିହାସିକ ପଦକ୍ଷେପ ଥିଲା। ତାଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

ଶ୍ୟାମା ପ୍ରସାଦ ମୁଖାର୍ଜୀ ୧୯୨୯ ମସିହାରେ ବଙ୍ଗୀୟ ବିଧାନ ପରିଷଦକୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ କଂଗ୍ରେସର ନୀତି ସହ ମତଭେଦ ହେତୁ ଇସ୍ତଫା ଦେଇଥିଲେ। ୧୯୪୧-୧୯୪୨ରେ ସେ ବଙ୍ଗଳାର ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୪୩ ବଙ୍ଗ ଦୁର୍ଭିକ୍ଷ ସମୟରେ ସେ ବ୍ରିଟିଶ ସରକାରଙ୍କ ଉଦାସୀନତା ବିରୋଧରେ ସ୍ୱର ଉଠାଇ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେ ସର୍ବଦା ଜନସାଧାରଣଙ୍କ ସମସ୍ୟା ଓ ରାଷ୍ଟ୍ରୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିଲେ। ଦେଶ ବିଭାଜନ ପୂର୍ବରୁ ସେ ବଙ୍ଗର ହିନ୍ଦୁ ବସବାସୀ ଅଞ୍ଚଳଗୁଡ଼ିକୁ ଭାରତରେ ରଖିବା ପାଇଁ ଦୃଢ଼ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଉଦ୍ୟମ ଫଳରେ ପଶ୍ଚିମବଙ୍ଗ ଭାରତର ଅଂଶ ଭାବେ ରହିପାରିଥିଲା। ଏହା ହିଁ ତାଙ୍କ ଜୀବନର ସବୁଠାରୁ ବଡ଼ ରାଜନୈତିକ ଅବଦାନ। ସ୍ୱାଧୀନ ଭାରତର ପ୍ରଥମ ମନ୍ତ୍ରିମଣ୍ଡଳରେ ସେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ନିମନ୍ତ୍ରଣରେ ଶିଳ୍ପ ଓ ଯୋଗାଣମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଦେଶର ଔଦ୍ୟୋଗିକ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। ଚିତ୍ତରଞ୍ଜନ ଲୋକୋମୋଟିଭ୍, ସିନ୍ଦ୍ରି ସାର କାରଖାନା ଓ ହିନ୍ଦୁସ୍ତାନ ଏୟାରକ୍ରାଫ୍ଟ ଭଳି ସଂସ୍ଥାର ମୂଳଦୁଆ ପଡ଼ିଥିଲା। ପୂର୍ବ ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଓ କେନ୍ଦ୍ର ସରକାରଙ୍କ ନୀତିକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ପଣ୍ଡିତ ନେହେରୁ ଓ ଲିଆକତ ଅଲ୍ଲୀଙ୍କ ଦେଶ ବିରୋଧୀ ନୀତି ଯୋଗୁଁ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।



ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ

ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବିଚାରଧାରା ସର୍ବଦା ଦେଶପ୍ରେମ, ସାହସ ଓ ଆଦର୍ଶବାଦ ଉପରେ ପର୍ଯ୍ୟବସିତ ଥିଲା। ସେ ସର୍ବଦା ରାଷ୍ଟ୍ରହିତକୁ ବ୍ୟକ୍ତିଗତ ସ୍ୱାର୍ଥ ଉପରେ ସ୍ଥାନ ଦେଇଥିଲେ। ଶିକ୍ଷା, ରାଜନୀତି ଓ ଜାତୀୟ ଏକତା କ୍ଷେତ୍ରରେ ତାଙ୍କ ଅବଦାନ ଆଜି ମଧ୍ୟ ପ୍ରେରଣାଦାୟକ। ଭାରତୀୟ ଲୋକତନ୍ତ୍ରରେ ବିକଳ୍ପ ରାଜନୀତିର ମୂଳଦୁଆ ପକାଇବା, ଜାତୀୟ ଏକତା ପାଇଁ ସଂଘର୍ଷ କରିବା ଏବଂ ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ଯୋଗୁଁ ସେ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ। ତାଙ୍କର ବିଚାରଧାରାଗୁଡ଼ିକ ହେଉଛି 'ରାଷ୍ଟ୍ର ସର୍ବୋପରି', 'ସାଂସ୍କୃତିକ ରାଷ୍ଟ୍ରବାଦ', 'ଶିକ୍ଷାର ଗୁରୁତ୍ୱ', 'ନୀତି ପାଇଁ ଇସ୍ତଫା'। ୧୯୫୧ ମସିହା ଅକ୍ଟୋବର ୨୧ରେ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତୀୟ ଜନସଂଘ ପ୍ରତିଷ୍ଠା କରିଥିଲେ। ଏହା ଥିଲା ସ୍ୱାଧୀନ ଭାରତରେ ଏକ ଶକ୍ତିଶାଳୀ ଜାତୀୟତାବାଦୀ ରାଜନୈତିକ ଆନ୍ଦୋଳନର ଆରମ୍ଭ। ଏହାର ମୂଳ ଉଦ୍ଦେଶ୍ୟ ଥିଲା ଏକ ସଶକ୍ତ, ଏକତାବଦ୍ଧ ଓ ସାଂସ୍କୃତିକ ଭାରତ ଗଠନ। ସେ ସର୍ବଦା ବିଶ୍ୱାସ କରୁଥିଲେ ଯେ ଭାରତର ସାଂସ୍କୃତିକ ପରମ୍ପରା, ଜାତୀୟ ଏକତା ଏବଂ ଦେଶପ୍ରେମ ହେଉଛି ରାଷ୍ଟ୍ର ଗଠନର ମୂଳଆଧାର। ଦଳର ମୂଳଆଦର୍ଶ ଥିଲା ଭାରତୀୟ ସଂସ୍କୃତି ଆଧାରିତ ଜାତୀୟତାବାଦ, ଅଖଣ୍ଡ ଭାରତ, ସାଂସ୍କୃତିକ ଏକତା, ଲୋକତନ୍ତ୍ର ଓ ଜାତୀୟ ସ୍ୱାଭିମାନ। ଜନସଂଘ ବିଶ୍ୱାସ କରୁଥିଲା ଯେ ଭାରତ କେବଳ ଏକ ଭୌଗୋଳିକ ସୀମାରେଖା ନୁହେଁ, ବରଂ ଏହା ହଜାର ବର୍ଷର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଐତିହାସିକ ଐକ୍ୟର ପ୍ରତୀକ। ତେଣୁ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା କରିବା ଦଳର ସର୍ବୋଚ୍ଚ ପ୍ରାଥମିକତା ଥିଲା। ଜନସଂଘର ସବୁଠାରୁ ବଡ଼ ଆନ୍ଦୋଳନ ଥିଲା ଜାମ୍ମୁ-କାଶ୍ମୀରର ସମ୍ପୂର୍ଣ୍ଣ ଏକୀକରଣ। ତାଙ୍କର ପ୍ରସିଦ୍ଧ ସ୍ଲୋଗାନ ଥିଲା 'ଏକ ଦେଶରେ ଦୁଇ ବିଧାନ, ଦୁଇ ପ୍ରଧାନ ଓ ଦୁଇ ନିଶାନ ଚାଲିବ ନାହିଁ। ୧୯୫୩ ମେ ୧୧ରେ ବିନା ପରମିଟରେ କାଶ୍ମୀର ପ୍ରବେଶ କରିବାରୁ ତାଙ୍କୁ ଗିରଫ କରାଗଲା। ଶ୍ରୀନଗରରେ ତାଙ୍କୁ ବନ୍ଦୀ କରି ରଖାଗଲା। କାରାବାସ ସମୟରେ ୨୩ ଜୁନ୍ ୧୯୫୩ ରେ ସନ୍ଦେହଜନକ ପରିସ୍ଥିତିରେ ବନ୍ଦୀ ଅବସ୍ଥାରେ ତାଙ୍କର ଦେହାନ୍ତ ହେଲା। ତାଙ୍କ ବଳିଦାନ ପରେ ପରମିଟ୍ ବ୍ୟବସ୍ଥା ଉଚ୍ଛେଦ ହେଲା ଏବଂ କାଶ୍ମୀର ସମ୍ପୂର୍ଣ୍ଣ ଭାବେ ଭାରତ ସହ ସଂଯୁକ୍ତ ହେବା ପ୍ରକ୍ରିୟା ଆରମ୍ଭ ହେଲା। ତାଙ୍କର ଏହି ବଳିଦାନ ଜନସଂଘର ଜାତୀୟ ଏକତା ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିଥିଲା ସତ, କିନ୍ତୁ ଆଜି ମଧ୍ୟ ତାଙ୍କର ମୃତ୍ୟୁ ଭାରତୀୟ ରାଜନୀତିର ଏକ ଆଲୋଚିତ ଅଧ୍ୟାୟ ଭାବେ ରହିଛି।

ଆଜି ଭାରତୀୟ ଜନତା ପାର୍ଟି ନିଜକୁ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଚିନ୍ତାଧାରାର ଉତ୍ତରାଧିକାରୀ ଭାବେ ଉପସ୍ଥାପନ କରେ। ଭାରତୀୟ ଜନସଂଘର ସ୍ଥାପନାରୁ ଆରମ୍ଭ କରି ଭାରତୀୟ ଜନତା ପାର୍ଟିର ବିକାଶ ପର୍ଯ୍ୟନ୍ତ ଯାତ୍ରା ଭାରତୀୟ ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ତାଙ୍କ ଆଦର୍ଶ ଆମକୁ ଶିଖାଏ ଯେ ଜାତୀୟ ସ୍ୱାର୍ଥ, ଦୃଢ଼ ସଙ୍କଳ୍ପ ଓ ନିଷ୍ଠା ମାଧ୍ୟମରେ ଜଣେ ବ୍ୟକ୍ତି ଇତିହାସର ଗତିପଥକୁ ପରିବର୍ତ୍ତନ କରିପାରେ। ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ତିରୋଧାନ ଦିବସ ୨୩ ଜୁନ୍‌କୁ ଦେଶବାସୀ 'ବଳିଦାନ ଦିବସ' ଭାବେ ପାଳନ କରୁଛନ୍ତି। ●

ରାଜ୍ୟସଭା ସାଂସଦ, ରାଜ୍ୟ ବିଜେପି ସଭାପତି, ଓଡ଼ିଶା

## ଜାଗତିକ ଉଷ୍ମତା ଓ ଧାନରେ ଆର୍ସେନିକ ବୃଦ୍ଧି

ଶ୍ରୀନନ

**ବିଜ୍ଞାନ ବାର୍ତ୍ତା**

ଜାଗତିକ ଉଷ୍ମତା ବୃଦ୍ଧି ଏବେ ବିଶ୍ୱ ସମ୍ମୁଖରେ ଉଭା ହୋଇଛି ସବୁଠାରୁ ଜଟିଳ ତଥା ଘାତକ ସମସ୍ୟା ରୂପ ଧରି। ଏହାର ସମାଧାନ ଲାଗି ପ୍ୟାରିସ୍ ରାଜିନାମା ୨୦୧୫ରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ୨୦୫୦ ମସିହା ସୁଦ୍ଧା ବିଶ୍ୱରେ ସବୁଜଗୃହ ବାଷ୍ପ ନିର୍ଗମନକୁ ଶୂନ ସ୍ତରକୁ ଆଣିବା ଏବଂ ଜାଗତିକ ଉଷ୍ମତାକୁ ପ୍ରାକ୍ ଶିଳ୍ପବିପ୍ଲବ କାଳ (୧୮୫୦-୧୯୦୦ ମସିହା) ତୁଳନାରେ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ହେବାକୁ ନ ଦେବା। ତେବେ 'ୱାର୍ଲଡ ମେଟେରୋଲୋଜିକାଲ୍ ଅର୍ଗାନାଇଜେସନ୍'ର ଆକଳନ ଅନୁସାରେ ଏହା ଏବେ ସେ ସୀମା ଅତିକ୍ରମ କରିବାକୁ ବସିଲାଣି ଏବଂ ଚଳିତ ଶତାବ୍ଦୀର ଶେଷ ପୂର୍ବରୁ ତାହା ୨ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ହୋଇଯିବାର ଆଶଙ୍କା ରହିଛି। ପରିବେଶ ଓ ପରିସଂସ୍ଥା ଉପରେ ଏହାର ପ୍ରଭାବ ଏବେ ଅନୁଭୂତ ହେବାକୁ ଲାଗିଲାଣି ଧ୍ୱଂସକାରୀ ବନ୍ୟା, ମରୁଡ଼ି, ବାତ୍ୟା, ସମୁଦ୍ରର ଜଳସ୍ତର ବୃଦ୍ଧି ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ମାଧ୍ୟମରେ। ଏହାବ୍ୟତୀତ ଆଉ କେତେକ ଘଟୁଛି ଆମର ଅଜାଣତରେ। ଜାଗତିକ ଉଷ୍ମତା ବୃଦ୍ଧି ଧାନରେ ବିଷାକ୍ତ ଆର୍ସେନିକର ମାତ୍ରା ବୃଦ୍ଧି ଘଟାଇବା ଏହାର ଏକ ଉଦାହରଣ।

ଧାନ ପୃଥିବୀର ଅର୍ଦ୍ଧାଧିକ ଲୋକଙ୍କୁ ଖାଦ୍ୟ ଯୋଗାଇ ଥାଏ। ବିଶେଷକରି, ଚାଇନା, ଭାରତ, ଜାପାନ ତଥା ଅନ୍ୟାନ୍ୟ ବହୁ ଏସୀୟ ଏବଂ ଆଫ୍ରିକୀୟ ଦେଶର ଏହା ହେଉଛି ମୁଖ୍ୟ ଖାଦ୍ୟ। ଏସବୁ ଦେଶମାନଙ୍କରେ ପ୍ରାୟ ୭୦୦୦ରୁ ଅଧିକ କିସମର ଧାନ ଚାଷ କରାଯାଏ। ବର୍ତ୍ତମାନ ଏଥିରେ ମାତ୍ରାଧିକ ଭାବେ ଆର୍ସେନିକ ଥିବାର ଦେଖାଯାଉଛି। ଏହି ବିଷାକ୍ତ ପଦାର୍ଥଟି କର୍କଟ ରୋଗ ସୃଷ୍ଟିକାରୀ ଏବଂ ଜିନ୍ସକୁ ମଧ୍ୟ ପ୍ରଭାବିତ କରେ। ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏହାର ବ୍ୟାପକ ପ୍ରଭାବ ରହିଛି। ଖାଦ୍ୟ, ଜଳ, ମୃତ୍ତିକା ଓ ବାୟୁରେ ଆର୍ସେନିକ ଉଭୟ ଅଜୈବ ତଥା ଜୈବ ରସାୟନ ରୂପେ ଥାଏ। ତେବେ ତନ୍ମଧ୍ୟରୁ ପ୍ରଥମଟି ଅଧିକ ବିଷାକ୍ତ। ମୁଖ୍ୟତଃ ଜଳ, ସଂକ୍ରମିତ ମୃତ୍ତିକାରେ ବଢୁଥିବା ଖାଦ୍ୟଶସ୍ୟ, ଫଳ ଓ ପନିପରିବା ଏବଂ କ୍ଷୀର, ମାଛ, ମାଂସ ଆଦିରେ ଆର୍ସେନିକ୍ ଉପାଦାନ ରହୁଥିବା ବେଳେ ଧାନରେ ଏହା ଅଧିକ ଥାଏ। କାରଣ ଅନ୍ୟାନ୍ୟ ଶସ୍ୟ ତୁଳନାରେ ସଂକ୍ରମିତ ମୃତ୍ତିକା ଓ ଜଳରୁ ତାହା ଶୋଷଣ କରିବାର ସାମର୍ଥ୍ୟ ଧାନର ଅନ୍ୟାନ୍ୟ ଶସ୍ୟ ତୁଳନାରେ ଅଧିକ।

ଆମେରିକା 'ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେସନ' କିଛି ବର୍ଷ ତଳେ (୨୦୧୪-୧୫) ଚାଉଳରୁ ପ୍ରସ୍ତୁତ ୬୫୬ ଟି ଖାଦ୍ୟରେ ବିପଜ୍ଜନକ ପରିମାଣରେ ଅଜୈବ ଆର୍ସେନିକର ସନ୍ଧାନ ପାଇଥିଲା। ବିଶେଷକରି, ଅକାଣ୍ଡିଆ ଚାଉଳରେ ଏହା ଥିଲା ଅଧିକ। ତତ୍ପରେ ସ୍ୱାସ୍ଥ୍ୟ ପ୍ରତି ଥିବା ବିପତ୍ତିର ଆକଳନ କରାଯାଇଥିଲା। ତାହିଁରୁ ଜଣାପଡ଼ିଲା ଯେ କାଣ୍ଡିଆ ଓ ଅକାଣ୍ଡିଆ ଚାଉଳରେ ଯଥାକ୍ରମେ ନିୟୁତ ଭାଗରୁ ୯୨ ଭାଗ ଏବଂ ୧୫୪ ଭାଗ ଆର୍ସେନିକ୍ ରହିଛି। ତେଣୁ ଗବେଷକମାନେ ଉପସଂହାରରେ ଉପନୀତ ହୋଇଥିଲେ ଯେ ଦିନକୁ ଯଦି ଅକାଣ୍ଡିଆ ଚାଉଳର ଭାତ ଖାଇବା ଥରକରୁ ଦୁଇଥରକୁ ବୃଦ୍ଧି କରାଯାଏ ତେବେ କର୍କଟ ରୋଗର ଆଶଙ୍କା ୧୪୮.୬% ବୃଦ୍ଧି ପାଇବ। ପୁନଶ୍ଚ ହୃଦ୍‌ରୋଗ, ମଧୁମେହ, ଉଚ୍ଚରକ୍ତଚାପ ଓ ପୃଥୁଳତା ଆଦି ମଧ୍ୟ ବଢ଼ିବାର ଆଶଙ୍କା ରହିଛି।

ନିକଟରେ ଲାନସେଟ ପ୍ଲାନୋଟାରୀ ହେଲ୍ଥ (୧୬, ଅପ୍ରେଲ, ୨୦୨୫)ରେ କଲମ୍ବିଆ ବିଶ୍ୱବିଦ୍ୟାଳୟର ଲେୱିସ୍ ଜିସ୍କା ଏବଂ ଆମେରିକା ଓ ଚାଇନାରେ ଥିବା ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ପ୍ରକାଶିତ ଏକ ଗବେଷଣାପତ୍ରରେ ସୂଚୀତ କରିଛନ୍ତି ଯେ ଜାଗତିକ ଉଷ୍ମତା ଏବଂ ଅଙ୍ଗାରକାମ୍ଳର ସ୍ତର ଅଧିକ ହେବା ଧାନରେ ଆର୍ସେନିକର ମାତ୍ରାବୃଦ୍ଧି ଘଟାଇଚାଲିବ, ଯାହାକି ୨୦୨୫୦ ମସିହା ବେଳକୁ ବିଶ୍ୱରେ ୧୦ ନିୟୁତ ଅଧିକ କର୍କଟ ରୋଗୀ ସୃଷ୍ଟି କରିବାର ଆଶଙ୍କା ରହିଛି। ସେମାନେ ଦୀର୍ଘ ୧୦ ବର୍ଷ ଧରି ୨୮ ଟି କିସମର ଧାନ ଉପରେ ଅଧ୍ୟୟନ କରି ତହିଁରେ ଆର୍ସେନିକର ସ୍ତର ବୃଦ୍ଧି ଏବଂ ସେଥିସହିତ ସଂପୃକ୍ତ ସ୍ୱାସ୍ଥ୍ୟ ସମସ୍ୟା କିଛି ଏସୀୟ ଦେଶମାନଙ୍କରେ ଆକଳନ କରିଥିଲେ। ଫଳରେ ପ୍ରାକ୍ ଶିଳ୍ପବିପ୍ଳବ କାଳ ତୁଳନାରେ ୨ ଡିଗ୍ରୀ ସେଲସିୟସ ତାପମାତ୍ରା ବୃଦ୍ଧିର ପ୍ରଭାବ ଏହାକୁ ଗୁରୁତର କରିପାରେ ବୋଲି ସେମାନେ ସିଦ୍ଧାନ୍ତରେ ଉପନୀତ ହେଲେ। ତେଣୁ ଏହାର ପ୍ରତିକାର ଲାଗି ଜାଗତିକ ଉଷ୍ମତା ଏବଂ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଏକାନ୍ତ ପ୍ରୟୋଜନ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**କଲ୍ୟାଣପୁର ଭିଡ଼ ହିଂସା**

## ଘଟଣା ଲଜ୍ଜାଜନକ: ଏଡିଜି ସାଇନି

■ ଏନ୍‌ଏଚ୍‌ଆର୍‌ସିରେ ମାମଲା ଦାୟର

■ ଉଦ୍ଧାରକାରୀ ବଳରାମଙ୍କୁ ପ୍ରଶଂସା

ଭୁବନେଶ୍ୱର, ୨୨।୬ (ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂପୁରରେ ଘଟିଥିବା ବର୍ବର ଘଟଣା ଓଡ଼ିଶାର ମୁଣ୍ଡ ସାରା ଦେଶରେ ତଳକୁ କରି ଦେଇଛି। ଏହି ମାମଲାକୁ ରେଡଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ)ର ତତ୍ତ୍ୱାବଧାନରେ ତଦନ୍ତ ଚାଲିଛି। ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏହି ସମୟରେ ଏହି ଘଟଣା ଏବେ ଏନ୍‌ଏଚ୍‌ଆର୍‌ସିରେ ପହଁଞ୍ଚିଛି।

ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପିଟିଶନ ଦାଖଲ କରିଛନ୍ତି। କମିଶନଙ୍କ ଟିମ୍ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ ତଦନ୍ତ ପାଇଁ ଓଡ଼ିଶାକୁ ଟିମ୍ ପଠାଇବାକୁ ସେ ଅନୁରୋଧ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଅଣଓଡ଼ିଆ ପୀଡିତ ଓ ପୀଡିତାଙ୍କୁ ଆବଶ୍ୟକୀୟ କ୍ଷତିପୂରଣ ଯୋଗାଇଦେବାକୁ ମଧ୍ୟ ସୁବ୍ରତ ଦାବି କରିଛନ୍ତି। ଏହି ଅଭିଯୋଗକୁ କମିଶନଙ୍କ ପକ୍ଷରୁ ଗ୍ରହଣ କରାଯାଇଛି ଓ ରାୟଗଡା ଜିଲ୍ଲାପାଳ, ଏସପି, ପୁଲିସ ଡିଜି, ଗୃହ ସଚିବ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଅନ୍ୟପକ୍ଷରେ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲୁ ଏଡିଜି ଏସ୍. ସାଇନି ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣାକୁ ଲଜ୍ଜାଜନକ ବୋଲି କହିଛନ୍ତି। ପୀଡ଼ିତାଙ୍କ ସହ ପୁଲିସ ରହିଛି ଓ ତାଙ୍କୁ ସବୁ ସହାୟତା ଯୋଗାଇ ଦିଆଯିବ ବୋଲି ଉଲ୍ଲେଖ କରି ପୀଡ଼ିତା ଯୁବତୀଙ୍କୁ ସୁରକ୍ଷା ଦେଇଥିବା ବଳରାମ ବାଗ୍‌ଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। କଲ୍ୟାଣସିଂପୁରରେ ଯେଭଳି ଘଟଣା ଘଟିଛି, ଓଡ଼ିଶା ସେଭଳି ସ୍ଥାନ ନୁହେଁ। ସେହିପରି ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ସେ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ ଏହି ଘଟଣାରେ ରାୟଗଡ଼ା ଜିଲ୍ଲା ପୁଲିସ ପକ୍ଷରୁ ତଦନ୍ତ କରାଯାଉଛି। ପୀଡ଼ିତାଙ୍କୁ ଓଡ଼ିଶା ପୁଲିସ ପକ୍ଷରୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଏହି ମାମଲାର ତଦନ୍ତ ଭଲଭାବରେ କରିବାକୁ ଆମେ ମନିଟରିଂ କରିବୁ। କୋର୍ଟରେ ଶୁଣାଣିସମୟରେ ମଧ୍ୟ ଆମ ପକ୍ଷରୁ ତଦାରଖ କରାଯିବ। ଅଭିଯୁକ୍ତମାନଙ୍କୁ କିଭଳି କଠୋର ଦଣ୍ଡ ମିଳିବ, ସେଥିପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଏଡିଜି ସାଇନି କହିଛନ୍ତି।

## ପରିମଳ ଓ ସବୁଜିମା ପାଇଁ ରାଜ୍ୟର ୧୦ ବିଦ୍ୟାଳୟକୁ ଜାତୀୟ ମାନ୍ୟତା

ଭୁବନେଶ୍ୱର, ୨୨।୬(ସମିସ): ଭାରତ ସରକାରଙ୍କ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ (ଏସ୍‌ଏଚ୍‌ଭିଆର୍) ୨୦୨୫-୨୬ ପୁରସ୍କାର ପାଇଁ ରାଜ୍ୟର ୧୦ଟି ବିଦ୍ୟାଳୟ ମନୋନୀତ ହୋଇଛନ୍ତି। ଓଡ଼ିଶାରୁ ମୋଟ୍ ୨୦ଟି ବିଦ୍ୟାଳୟ ଏହି ମୂଲ୍ୟାଙ୍କନ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ତନ୍ମଧ୍ୟରୁ ୧୦ଟି ଜାତୀୟ ପୁରସ୍କାର ଏବଂ ସ୍ୱୀକୃତି ପାଇଁ ମନୋନୀତ ହୋଇଛନ୍ତି। ତନ୍ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ଖଇରବଣୀ ଆଶ୍ରମ ବିଦ୍ୟାଳୟ, ନୟାଗଡ଼ର ହାତିଆଶିଳା ପ୍ରାଥମିକ ବିଦ୍ୟାଳୟ, ଜଗତସିଂହପୁରର ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟ, କେନ୍ଦ୍ରାପଡ଼ାର ବୀଣାପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁଝରର ଫୁଲକାହାନଲେଇ ନୋଡାଲ ହାଇସ୍କୁଲ, ଖୋର୍ଦ୍ଧାର ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ସୋନପୁରର ସାଗରପାଲି ଜି.ଏମ୍. ହାଇସ୍କୁଲ, ଗଜପତିର ମହେନ୍ଦ୍ର ତନୟା ଆଶ୍ରମ ବିଦ୍ୟାଳୟ, ସମ୍ବଲପୁରର ବି.ଏମ୍. ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କନ୍ଧମାଳର ରାବଣାଜୁ ପ୍ରାଥମିକ ବିଦ୍ୟାଳୟ ଏହି ପୁରସ୍କାର ପାଇଁ ଚୟନ ହୋଇଛନ୍ତି। ମୁଖ୍ୟତଃ ପରିମଳ ଏବଂ ପରିଷ୍କାର ପରିଚ୍ଛନ୍ନ, ନିରାପଦ ପାନୀୟଜଳର ଉପଲବ୍ଧତା, ସବୁଜିମା ଏବଂ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ପ୍ରମୁଖ ମାନଦଣ୍ଡ ଉପରେ ବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ କରାଯାଇଛି। ସୂଚନାଯୋଗ୍ୟ, ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧୯୧ ସ୍କୁଲକୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପ୍ରତ୍ୟେକ ବିଜେତା ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ପୁରସ୍କାର ସହିତ ସ୍ୱୀକୃତି ପ୍ରମାଣପତ୍ର ଏବଂ ତିନି ଦିନିଆ ଏକ୍ସପୋଜର ପରିଦର୍ଶନରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨୬ ବର୍ଷର ଇତିହାସରେ...

ଜଳାଶୟଗୁଡ଼ିକରେ ବର୍ତ୍ତମାନ ୨୮.୩ ପ୍ରତିଶତ ଜଳ ଗଚ୍ଛିତ ଅଛି, ଯାହା ଗତ ୧୦ ବର୍ଷର ହାରାହାରି ଜଳସ୍ତର ଠାରୁ ୧୬ ପ୍ରତିଶତ ଅଧିକ। ଏହା ସେଚକାର୍ଯ୍ୟ ପାଇଁ କିଛିଟା ଆଶ୍ୱସ୍ତି ଆଣିଦେଇଛି। ମୌସୁମୀର ଏହି ପ୍ରାରମ୍ଭିକ ମନ୍ଥରତା ଗ୍ରାମୀଣ ଅର୍ଥନୀତି ଏବଂ କୃଷକମାନଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ପାଣିପାଗ ବିଜ୍ଞାନୀଙ୍କ ଅନୁଯାୟୀ, ଆଗାମୀ ଜୁଲାଇ ଏବଂ ଅଗଷ୍ଟ ମାସରେ ହେବାକୁ ଥିବା ବର୍ଷା ଉପରେ ହିଁ ଦେଶର ସାମଗ୍ରିକ ଫସଲ ଉତ୍ପାଦନ ଏବଂ ଖାଦ୍ୟ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ସମ୍ପୂର୍ଣ୍ଣ ଭାବେ ନିର୍ଭର କରେ।

ଆସାମ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶ ପାଇଁ ପ୍ରବଳ ବର୍ଷାର କମଳା ସତର୍କତା (ଅରେଞ୍ଜ ଆଲର୍ଟ) ଜାରି କରାଯାଇଛି। ଓଡ଼ିଶା, କେରଳ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଅପରପକ୍ଷେ, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଓଡ଼ିଶା, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ପ୍ରବଳ ବର୍ଷା ପାଇଁ କମଳା ସତର୍କତା ଜାରି ହୋଇଛି। ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶରେ ଲଗାତାର ତୃତୀୟ ଦିନ ପାଇଁ ଗ୍ରୀଷ୍ମ ପ୍ରବାହର ଚେତାବନୀ ଦିଆଯାଇଛି। ବିହାରର ୧୯ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଅଛି।

### ୧୫ ଛାତ୍ରଛାତ୍ରୀ...

କରାଯାଇଛି। ଖବର ପାଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଜର ଅଲିଗଡ଼ ଗସ୍ତକୁ ଅଧାରୁ କାଟି ତୁରନ୍ତ ଲକ୍ଷ୍ନୌ ଫେରି ଆସିଛନ୍ତି। ବେସରକାରୀ ବିଦ୍ୟୁତ ଖୁଣ୍ଟରେ ହୋଇଥିବା ସର୍ଟ ସର୍କିଟ୍ ଯୋଗୁଁ ଏହି ନିଆଁ ଲାଗିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ ଶୋକ ପ୍ରକାଶ କରିବା ସହିତ ମୃତ ଛାତ୍ରଛାତ୍ରୀଙ୍କ ପରିବାର ପାଇଁ ଦୁଇ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

### ହଟିଲେ ୪୦...

ପ୍ରାୟ ୪୦% ପର୍ଯ୍ୟନ୍ତ କମିଶନ ନିଆଯାଇଥିବା ସୂଚନା ମିଳିଛି। ଠିକାଦାରମାନଙ୍କ ବିଲ୍ ପାସ୍ ଠାରୁ ଆରମ୍ଭ କରି ସାମଗ୍ରୀ କ୍ରୟ ଦେୟ ପରିଶୋଧ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାରେ କିଛି ବ୍ୟକ୍ତି ସମ୍ପୃକ୍ତ ଥିବା ଜଣାପଡ଼ିଛି। ଗୋପାଳ ରାଓଙ୍କ ସମ୍ପର୍କୀୟ ସୋମେଶ ଆନନ୍ଦ ଓ ଅନ୍ୟ କିଛି ବ୍ୟକ୍ତି ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ମନ୍ଦିରରେ କେବଳ ହ୍ୱିଲଚେୟାର ବ୍ୟବସ୍ଥା ଆନୁଷ୍ଠାନିକ ଦାୟିତ୍ୱ ପାଇଥିବା ସୋମେଶ ଆନନ୍ଦ ନିର୍ମାଣ ସାମଗ୍ରୀ କ୍ରୟ, ଠିକାଦାରଙ୍କ ବିଲ୍ ପାସ୍ ଆଦି କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ଜଣାପଡ଼ିଛି। ଏପରିକି ଦାନ ଦକ୍ଷିଣା ଆଦି ଗଣନା ସ୍ଥାନରେ ତାଙ୍କର ଅବାଧ ପ୍ରବେଶ ଥିବା ବି ଏସ୍‌ଆଇଟି ସୂଚନା ପାଇଛି। ଦାନଦକ୍ଷିଣା ଚୋରି ମାମଲାରେ ଟ୍ରଷ୍ଟର କର୍ମଚାରୀ ରାମଶଙ୍କର ଯାଦବଙ୍କ ଭଣଜା ମନୀଷ ସନ୍ଦେହର ପରିସରରେ ରହିଛି। ସେ ଦାନଦକ୍ଷିଣା ଗଣନା କାର୍ଯ୍ୟରେ ନିୟୋଜିତ ଥିଲେ ଓ ତାଙ୍କଠାରୁ ସୂଚନା ଆଧାରରେ ରାମଶଙ୍କର ଯାଦବଙ୍କ ଘରୁ ୩୬ ଲକ୍ଷ ଟଙ୍କା ଜବତ ହୋଇଛି। ପୁନଶ୍ଚ ଗଣନା କାର୍ଯ୍ୟରେ ନିୟୋଜିତ ଅନ୍ୟ ଜଣେ କର୍ମଚାରୀ ଲବକୁଶ ମିଶ୍ରଙ୍କ ଘରୁ ୧୨ ଲକ୍ଷ ଟଙ୍କା ଜବତ ହୋଇଛି।

ଏହି ସବୁ ଅଭିଯୋଗ ଆସିବା ପରେ ରାମମନ୍ଦିର ଟ୍ରଷ୍ଟର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। ଲୋକଙ୍କ ଆସ୍ଥା ଓ ବିଶ୍ୱାସ ସହ ଜଡ଼ିତ ରାମମନ୍ଦିର ପ୍ରତିଷ୍ଠାନରେ ଏପରି ଦୁର୍ନୀତି ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ସମସ୍ତ ଅଭିଯୋଗ ଏବେ ଏସ୍‌ଆଇଟି ତଦନ୍ତାଧୀନ ରହିଛି ଓ ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି।

### ସଭାପତି ପଦରୁ...

ଉପସ୍ଥିତ ଥିଲେ। ବୈଠକରେ ଜାତୀୟ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ସୂଚନାଯୋଗ୍ୟ ଯେ ବିଧାନସଭା ନିର୍ବାଚନରେ ବିପର୍ଯ୍ୟୟ ପରେ ଟିଏମସିର ୮୦ ବିଧାୟକଙ୍କ ମଧ୍ୟରୁ ୬୦ ବିଧାୟକ ବିଦ୍ରୋହ କରି ସ୍ୱତନ୍ତ୍ର ଗୋଷ୍ଠୀ ଗଠନ କରିଛନ୍ତି। ସେହିଭଳି ଲୋକସଭାରେ ୨୮ ଦଳୀୟ ସାଂସଦଙ୍କ ମଧ୍ୟରୁ ୨୦ ଜଣ ଅଲଗା ଗୋଷ୍ଠୀ ଗଠନ କରି ନେସନାଲ ସିଟିଜନ୍ସ ପାର୍ଟିରେ ସାମିଲ ହୋଇଛନ୍ତି।

### ୧୧ ବିଧାୟକଙ୍କ ସଭ୍ୟପଦ...

ପିଟିସନଗୁଡ଼ିକରେ ଆଇନଗତ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରାଯାଇ ନାହିଁ। ଓଡ଼ିଶା ବିଧାନସଭା (ଦଳବଦଳ ଜନିତ ଅଯୋଗ୍ୟତା) ନିୟମାବଳୀ ୧୯୮୭ର ନିୟମ ୬(୬) ଓ ୬(୭)ର ବାଧ୍ୟତାମୂଳକ ସର୍ତ୍ତକୁ ମଧ୍ୟ ପାଳନ କରାଯାଇନାହିଁ। ପିଟିସନରେ ପର୍ଯ୍ୟାପ୍ତ ତଥ୍ୟର ଅଭାବ, ଆବେଦନ ପତ୍ରରେ ସଂଲଗ୍ନ ଦସ୍ତାବିଜର ପ୍ରତ୍ୟେକ ପୃଷ୍ଠାରେ ସ୍ୱାକ୍ଷର ନ ଥିବା, ପିଟିସନ ସପକ୍ଷରେ ଆବଶ୍ୟକୀୟ ସତ୍ୟପାଠ ନ ଥିବା ଯୋଗୁଁ ବିଜେଡିର ଆବେଦନକୁ ଖାରଜ କରାଯାଇଛି। ସେହିପରି କଂଗ୍ରେସ ପକ୍ଷରୁ ପ୍ରଦାନ କରାଯାଇଥିବା ଆବେଦନରେ ଆବଶ୍ୟକୀୟ ଦସ୍ତାବିଜ ତଥା ତଥ୍ୟ ପ୍ରଦାନ କରାଯାଇନଥିଲା। ପିଟିସନ ଅସମ୍ପୂର୍ଣ୍ଣ ଥିବାରୁ ସେମାନଙ୍କର ଆବେଦନକୁ ମଧ୍ୟ ଖାରଜ କରାଯାଇଛି।

ଅପରପକ୍ଷରେ ବାଚସ୍ପତିଙ୍କ ଏପରି ପଦକ୍ଷେପକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି ଯେ ବାଚସ୍ପତିଙ୍କ ଏହି ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଯଦି ତଥ୍ୟରେ କିଛି ତ୍ରୁଟି ଥିଲା, ତେବେ ବାଚସ୍ପତି ଏ ସଂକ୍ରାନ୍ତରେ ପରାମର୍ଶ ଦେଇପାରିଥାନ୍ତେ। ଅନ୍ୟ ରାଜ୍ୟରେ କ୍ରସଭୋଟିଂ କଲେ ଲିଖିତ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାବେଳେ ଓଡ଼ିଶାରେ ବାଚସ୍ପତି ଭିନ୍ନ ନୀତି ଆପଣାଉଛନ୍ତି। ଏହା ଗଣତନ୍ତ୍ରକୁ ହତ୍ୟା କରିବା ସଦୃଶ। ଏହା ରାଜ୍ୟରେ କ୍ରସଭୋଟିଂ ଓ ଘୋଡ଼ାବେପାରକୁ ପ୍ରୋତ୍ସାହିତ କରିବ ବୋଲି ସେ ଚେତାଇ ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଜେଡି ଆଇନର ଆଶ୍ରୟ ନେବ ବୋଲି ସେ କହିଛନ୍ତି। ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଆବେଦନ ଖାରଜ କରିବା ପୂର୍ବରୁ ବାଚସ୍ପତି ଯଦି ଆବଶ୍ୟକୀୟ ନଥିପତ୍ର ମାଗିଥାନ୍ତେ, ତେବେ ଦଳ ପକ୍ଷରୁ ସମସ୍ତ ଦଲିଲ ପ୍ରଦାନ କରାଯାଇଥାନ୍ତା। ମାତ୍ର ସେଭଳି କୌଣସି ସୁଯୋଗ ଦିଆଯାଇ ନାହିଁ। କ୍ରସଭୋଟିଂ ବାଚସ୍ପତିଙ୍କ ନିଜ ଦଳ ଶାସକ ବିଜେପି ସପକ୍ଷରେ ଯାଇଥିବାରୁ ସେ କେମିତି ତାଙ୍କ ଦଳ ବିରୋଧରେ ନିଷ୍ପତ୍ତି ନେବେ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ସମ୍ପୃକ୍ତ ବିଧାୟକମାନେ ଘୋଡ଼ା ବେପାରର ଶିକାର ହୋଇ ନୈତିକତା ବାହାରେ ଯାଇ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଏହି ମାମଲାରେ ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ଦଳ କୋର୍ଟର ଦ୍ୱାରସ୍ଥ ହେବ ବୋଲି ଶ୍ରୀ ଦାସ କହିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ଜଣ ବିଧାୟକ ଚକ୍ରମଣି କହଁର, ନବକିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ କ୍ରସ ଭୋଟିଂ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ସୋଫିଆ ଫିର୍ଦ୍ଦୋଷ, ଦାଶରଥି ଗମାଙ୍ଗୋ ଓ ରମେଶ ଜେନା ମଧ୍ୟ ନିଜ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିଲେ। ଏହାପରେ ବିଜେଡି ଓ କଂଗ୍ରେସ ସମ୍ବିଧାନର ଦଶମ ଅନୁସୂଚୀର ପ୍ରାବଧାନ ଆଧାରରେ ସେମାନଙ୍କ ସଭ୍ୟ ପଦ ରଦ୍ଦ ନିମନ୍ତେ ବାଚସ୍ପତିଙ୍କୁ ଲିଖିତ ଦାବି କରିଥିଲା। ସମ୍ବିଧାନର ଅନୁଚ୍ଛେଦ ୧୯୧(୨)ର ୧୦ମ ଅନୁସୂଚୀ ଅନୁଯାୟୀ ଯଦି କୌଣସି ବିଧାୟକ ଦଳର ହ୍ୱିପକୁ ଅବମାନନା କରିବେ, ଦଳର କାର୍ଯ୍ୟକ୍ରମକୁ ଗ୍ରହଣ କରିବେ ନାହିଁ, ଦଳର ନୀତି ଆଦର୍ଶ ବିରୋଧରେ ଯିବେ ଏବଂ ଦଳ ବିରୋଧରେ ସାଧାରଣରେ କହିବେ, ତାହେଲେ ସେମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଦଳର ସଭ୍ୟ ପଦ ଛାଡ଼ିଛନ୍ତି ବୋଲି ଧରି ନିଆଯିବ। ତେଣୁ ବିଧାନସଭାରେ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ ପାଇଁ କୌଣସି ଅଧିକାର ନାହିଁ। ତେଣୁ ସେମାନଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଉଭୟ ଦଳ ଦାବି କରିଥିଲେ।

### କେନ୍ଦୁଝରର ୫ ମହିଳା...

ଆଦିମ ଜନଜାତି ଜୁଆଙ୍ଗ ମହିଳାମାନେ ଅନ୍ୟମାନଙ୍କ ସହ କାମ କରୁଥିଲେ। କାମ କରୁଥିବା ସମୟରେ ରବିବାର କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଏହି ୫ ଜଣ ଯାକ ମହିଳା ଶ୍ରମିକ ମୃତ୍ୟୁବରଣ କରିଛନ୍ତି। କେନ୍ଦୁଝର ଜିଲ୍ଲା ପ୍ରଶାସନର ସୂଚନା ଅନୁସାରେ, ମୃତ ମହିଳା ଶ୍ରମିକମାନେ ହେଲେ କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ କୋଡିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, ତେଲକୋଇ ଥାନା ବିମଳା ପଞ୍ଚାୟତ ଦୁବନାଳୀଟାଙ୍ଗିରୀ ଗ୍ରାମର ରବି ଜୁଆଙ୍ଗଙ୍କ ଝିଅ ଶିବାନୀ ଜୁଆଙ୍ଗ (୧୬), ତେଲକୋଇ ଥାନା ଦୁବନାଳୀଟାଙ୍ଗିରୀ ଗ୍ରାମର ସ୍ୱର୍ଗତ ନିତ୍ୟା ଜୁଆଙ୍ଗଙ୍କ ଝିଅ ଗୀତା ଜୁଆଙ୍ଗ (୧୯), ତେଲକୋଇ ଥାନା ତାଳପଦା ପଞ୍ଚାୟତ ରଙ୍ଗାମାଟିଆ ଗ୍ରାମର ବୀର ଜୁଆଙ୍ଗଙ୍କ ଝିଅ ଗୁମାନୀ ଜୁଆଙ୍ଗ (୧୫) ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ ବୋଲି ଜଣାପଡିଛି। ଟାଙ୍ଗିରୀ ଦୁବନାଳି ସାହିର ନାବାଳିକା କବିତା ଜୁଆଙ୍ଗ (୧୭) ଓ ରୀତା ଜୁଆଙ୍ଗ (୧୬) ଗୁରୁତର ଥିବା ପରିବାର ପକ୍ଷରୁ ଜଣାପଡ଼ିଛି। ସେମାନଙ୍କ ମୃତଦେହ ମଙ୍ଗଳବାର କେନ୍ଦୁଝରରେ ପହଞ୍ଚିବ ବୋଲି ଜଣାପଡ଼ିଛି। ଶିବାନୀ ଜୁଆଙ୍ଗ ୨୦୧୦ ମସିହାରେ ଜନ୍ମଗ୍ରହଣ କରିଥିବା ବେଳେ ଶ୍ରମ ବିଭାଗ ପ୍ରଶାସନ ପାଖରେ ଯେଉଁ ଆଧାର କାର୍ଡ ଦର୍ଶାଇଛି ସେଥିରେ ୨୦୦୪ ରହିଛି। ଶିବାନୀଙ୍କ ପରିବାର ପକ୍ଷରୁ ଯେଉଁ ଆଧାର କାର୍ଡ ମିଳିଛି ସେଥିରେ ଜନ୍ମ ତାରିଖ ୩୦/୦୯/୨୦୧୦ ରହିଛି। ତେବେ ଶିବାନୀଙ୍କ ଜନ୍ମ ତାରିଖକୁ ବଦଳାଇ ନାବାଳିକାକୁ ସାବାଳିକା ଦର୍ଶାଇ ଶ୍ରମ ବିଭାଗ କ'ଣ ଲୁଚାଇବାକୁ ଚାହୁଁଛି ତାହା ସନ୍ଦେହ ସୃଷ୍ଟି କରିଛି। ତେଲକୋଇ ବ୍ଲକ୍‌ରୁ ମିଳିଥିବା ସୂଚନା ଅନୁସାରେ, ଆର୍ଥିକ ଅନଟନରେ ପଡ଼ି ମହିଳା ଶ୍ରମିକମାନେ ବାଧ୍ୟ ହୋଇ ପ୍ରଲୋଭନରେ ପଡ଼ିଥିଲେ ଏବଂ ଅନ୍ୟ ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଇଥିଲେ। ତେଲକୋଇ ଥାନାଞ୍ଚଳରୁ ପ୍ରାୟ ୨୫ ଜଣ ଯୁବତୀ ସେଠାରେ କାର୍ଯ୍ୟ କରୁଥିଲେ। ରଙ୍ଗମାଟିଆରୁ ୧୫ରୁ ଅଧିକ, ଟାଙ୍ଗୀରିଦୁବନାଳୀ ସାହିରୁ ୫ ଜଣ ଓ ଅନ୍ୟ ଗ୍ରାମରୁ ବାକି ଯୁବତୀ ରହିଥିବା ତାମିଲନାଡୁ ଫେରନ୍ତା ସନାତନ ଜୁଆଙ୍ଗ ପ୍ରକାଶ କରିଛନ୍ତି। ମୃତକ ପରିବାର ଆଦିମ ଜୁଆଙ୍ଗ ଜନଜାତି ହୋଇଥିବାରୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଶ୍ରମ ଅଧିକାରୀ ଗୌରଗୋପାଳ ବେହେରା ମୃତକଙ୍କ ପରିବାରକୁ ଭେଟି ବିବରଣୀ ସଂଗ୍ରହ କରିଛନ୍ତି। ନାବାଳିକା ଶ୍ରମିକ ପ୍ରସଙ୍ଗରେ ପଚାରିବାରୁ ଅର୍ଥ ରୋଜଗାର ପାଇଁ ସବୁ ଲୁଚି ଛପି ଯାଉଥିବା ଶ୍ରୀ ବେହେରା କହିଛନ୍ତି।

ଅପରପକ୍ଷରେ, ମୃତ ମହିଳା ଶ୍ରମିକମାନେ କେବେଠାରୁ କେନ୍ଦୁଝରରୁ ତାମିଲନାଡୁକୁ ଯାଇଥିଲେ, ତାଙ୍କୁ କିଏ ନେଇ ଯାଇଥିଲା ଏବଂ କେଉଁ ପରିସ୍ଥିତିରେ ସେଠାରେ କାମ କରୁଥିଲେ ସେ ବାବଦରେ କାହା ପାଖରୁ ସ୍ପଷ୍ଟ ଉତ୍ତର ମିଳୁନାହିଁ। ଏହି ସମ୍ବେଦନଶୀଳ ଘଟଣାରେ କେନ୍ଦୁଝର ଜିଲ୍ଲାପାଳ ୬ ଜଣଙ୍କ ମୃତ୍ୟୁ ହୋଇଥିବା କହିଥିବା ବେଳେ ଜିଲ୍ଲା ଶ୍ରମିକ ଅଧିକାରୀ ୫ ଜଣ ବୋଲି ସୂଚନା ଦେଇଛନ୍ତି। ଉଭୟ ଅଧିକାରୀଙ୍କ କଥାରେ ତାଳମେଳ ରହୁ ନଥିବାରୁ ମୃତକଙ୍କ ସଂଖ୍ୟା ବୃଦ୍ଧି ନେଇ ଅସ୍ପଷ୍ଟ ରହିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ମୃତକଙ୍କ ପରିବାରର ନିକଟ ସଂପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି।

### ଖସିବା ଲାଗି..

ଛାତ୍ରଛାତ୍ରୀ ଓ ଅଭିବାବକ ମଧ୍ୟ ଏହାକୁ ଡାଉନଲୋଡ୍ କରିପାରିବେ। ଅପରପକ୍ଷରେ ଏହି ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ନେଇ ଶିକ୍ଷାବିତମାନେ ପ୍ରଶ୍ନ କରିବା ସହ କାମ ଚଳେଇ ନେବା ପାଇଁ ସରକାର ଗୋଟିଏ ପରେ ଗୋଟିଏ ଭୁଲ୍ ନିଷ୍ପତ୍ତି ନେଉଥିବା ଅଭିଯୋଗ କରୁଛନ୍ତି। ସେମାନଙ୍କ ମତରେ ଓଡ଼ିଶାର ବହୁ ଅଞ୍ଚଳରେ ଏବେ ବି ଇଣ୍ଟରନେଟ୍ ନାହିଁ। ପିଲାଙ୍କ ପାଖରେ ମଧ୍ୟ ସ୍ମାର୍ଟଫୋନ୍ ଉପଲବ୍ଧ ନାହିଁ। ଏପରି ସ୍ଥିତିରେ ପିଲାମାନେ କିପରି କ୍ୟୁଆର୍ କୋଡ୍ ସ୍କାନ୍ କରି ପାଠ ପଢ଼ିବେ? ସରକାର ନିଜ ଉପରୁ ଦୋଷ ଛଡ଼ାଇବାକୁ ଯାଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାରମୟ ନ କରନ୍ତୁ ବୋଲି ଶିକ୍ଷାବିତ୍ ଆର୍. ଏନ୍. ପଣ୍ଡା ଦାବି କରିଛନ୍ତି।

### ଘରୋଇ ପ୍ରେସ୍‌କୁ...

ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ନୂତନ ପାଠ୍ୟକ୍ରମକୁ ଜାତୀୟ ଶିକ୍ଷା ଢାଞ୍ଚା (ଏନ୍‌ସିଏଫ୍)ରେ ଏସ୍‌ସିଇଆର୍‌ଟି ପ୍ରସ୍ତୁତ କରିଛି। ସେହିପରି ପୁସ୍ତକ ସଂଖ୍ୟା ୪୬ରୁ ବୃଦ୍ଧି ପାଇ ୫୫ରେ ପହଞ୍ଚିଛି। ଫଳରେ ପୁସ୍ତକର ମୁଦ୍ରଣ ସଂଖ୍ୟା ମଧ୍ୟ ବଢ଼ିଛି। ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୨ କୋଟି ୭୦ ଲକ୍ଷ ୮୦ ହଜାର ୮୦୦ଟି ବହି ଆବଶ୍ୟକ ଥିବାବେଳେ ଚଳିତ ଶିକ୍ଷାବର୍ଷ ପାଇଁ ୨ କୋଟି ୯୮ ଲକ୍ଷ ୨୯ ହଜାର ୨୭୩ଟି ବହି ଆବଶ୍ୟକ। ଅର୍ଥାତ୍ ୨୭ ଲକ୍ଷ ୪୮ ହଜାର ୪୭୩ ଟି ଅତିରିକ୍ତ ପୁସ୍ତକ ଛପାଯିବ। ନୂତନ ପାଠ୍ୟପୁସ୍ତକରେ ପୃଷ୍ଠା ସଂଖ୍ୟା ଅଧିକ ଏବଂ ଅଧିକାଂଶ ପୁସ୍ତକ ବହୁରଙ୍ଗୀୟ ମୁଦ୍ରଣ ଆବଶ୍ୟକ କରୁଛି। ଏତେ ବିଶାଳ ପରିମାଣରେ ପୁସ୍ତକ ମୁଦ୍ରଣ କାର୍ଯ୍ୟ କେବଳ ଟିବିପିଏମ୍ ଦ୍ୱାରା ସମ୍ପୂର୍ଣ୍ଣ କରିବା ସମ୍ଭବ ନ ହେବାରୁ କିଛି ପୁସ୍ତକ ମୁଦ୍ରଣ କରିବା ପାଇଁ ବେସରକାରୀ ପ୍ରେସ୍‌ଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି। କେତେ ପୁସ୍ତକ ଘରୋଇ ପ୍ରେସ୍‌ରେ ମୁଦ୍ରଣ କରାଯାଇଛି ତାହା ସ୍ପଷ୍ଟ କରାଯାଇ ନ ଥିଲେ ହେଁ ମୁଦ୍ରଣ ବାବଦକୁ ପ୍ରାୟ ୨୧ କୋଟି ଟଙ୍କା ଦିଆଯାଇଥିବା ଟିବିପିଏମ୍ ନିର୍ଦ୍ଦେଶାଳୟ ପକ୍ଷରୁ ଗଣଶିକ୍ଷା ବିଭାଗକୁ ଅବଗତ କରାଯାଇଛି।

### ଡାକ୍ତରଖାନାରେ ହୃଦ୍‌ଘାତ...

ପରେ ଯାଜପୁର ଜିଲ୍ଲା ସଦର ମହକୁମା ଏବଂ ମେଡିକାଲ କଲେଜ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ସାହୁ ଜଣେ ଲୋକପ୍ରିୟ ଡାକ୍ତର ହିସାବରେ ବେଶ ଜଣାଶୁଣା ଥିଲେ। ସେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଜାମୁଡିହା ଗ୍ରାମର ଭାସ୍କର ସାହୁଙ୍କ ବଡ଼ପୁଅ। ତାଙ୍କ ମରଶରୀରକୁ ନିଜ ଗାଁ ପଠାଯାଇଥିବା ଜଣାପଡିଛି। ଗାଁ ଶ୍ମଶାନରେ ଶେଷକୃତ୍ୟ ହୋଇଥିବା ଜଣାପଡ଼ିଛି।


**AFFIDAVIT**

I, Debendra Jena, holding Indian Passport No: J3705324 residing at At-Chandamunda, Po-Jari, Ps-Binjharpur, Dist - Jajpur, Pin-755016, Odisha have declared that my mother's name was incorrectly spelled as Sabita Jrna of Mother in my passport . I have corrected her name to Sabita Jena vide affidavit no 8962 Dt-18.06.2026 for all future purposes.

**Debendra Jena**

**AFFIDAVIT**

By virtue of an affidavit sworn before Executive Magistrate, Tangi- Choudwar dated 10.06.2026, I Rabindra Kumar Samal Permanent resident of Vill-Bandalo, P.o-Banipada,Ps-Choudwar, Dist-Cuttack, Odisha, Pin-754027 declare that I have changed the name of my minor son from Pradumna Kumar Samal to Pradyumna Kumar Samal Henceforth, He shall be known as **Pradyumna Kumar Samal** for all purposes.

**Sd- Rabindra Kumar Samal**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 18-KUR-TRD-OT-2026-27

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ଷ୍ଟେସନର ପ୍ରମୁଖ ଉନ୍ନତିକରଣ ସହ ସମ୍ପର୍କିତ ବିଦ୍ୟୁତୀକରଣ ଏବଂ OHE ରୂପାନ୍ତରଣ କାର୍ଯ୍ୟ।

**ବିଜ୍ଞାପିତ ମୂଲ୍ୟ :** ₹97,50,293.28, EMD : ₹1,95,000/-, ଶେଷ ହେବା ଅବଧି: 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.06.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.07.07.2026ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-256/R/26-27

GOVERNMENT OF ODISHA — 25001/481/2627

**e-Procurement Notice**

**Bid Identification No. TENDER ONLINE SBPR-05 OF 2026-27**

No. 3307, Dated: 11.06.2026

E-mail: rw_sambalpur@yahoo.co.in

Phone No.: **0663-2401850**

1. **Name of Work:** Building Works as per DTCN available in the website www.tenderorissa.gov.in.
2. **Total Number of Works:** 07 (Seven) Nos.
3. **Estimated Cost:** Rs. 51.08 Lakhs to Rs. 86.80 Lakhs.
4. **Period of Completion:** 09 (Nine) Calendar Months.
5. **Availability of Bid Document in Portal:** From **25.06.2026 at 11.00 A.M.** to **15.07.2026 up to 5.00 P.M.**
6. **Date and Time of Opening of Tender:**
   a) **Technical Bid:** 17.07.2026 at 11.00 A.M.
   b) **Financial Bid:** Will be intimated later.
7. **Name and Address of the Officer Inviting Bid: S.E.R.W. Divn, Sambalpur.**

1. Other details can be seen in the Detailed Notice Inviting Tender available on the website.
2. Corrigendum, if any, shall only be published on the above website.

**Superintending Engineer**
**Rural Works Division, Sambalpur**

OIPR-25001/25076/1/26-27/0005

**AFFIDAVIT**

By virtue of an affidavit dated 20.06.2026, I, Sri Kishor Kumar Samantara, S/o- Rajendra Kumar Samantara, R/o- Pipilipali, Po.-Bardol, Ps./Dist.- Bargarh state that, my actual name is **Kishor Kumar Samantara** but in my Policy no. 51974881 of Indusland NIPON life Insurance my name has been wrongly mentioned as Kishor Kumar Samantray. That **Kishor Kumar Samantray** and **Kishor Kumar Samantara** is same and one person.

**BHUBANESWAR DEVELOPMENT AUTHORITY**

AKASH SHOVA BUILDING, SACHIVALAYA MARG, BHUBANESWAR – 751001

Visit us at: http://www.bda.gov.in

13001/961/2627

**INVITATIONS FOR BIDS (IFB)**

**Bid Identification No.: 452** — **Date: 17.06.2026**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in **double cover system** conforming to the Detailed Tender Call Notice (DTCN) from OEM or their authorized dealers having authorization from the OEM, valid PAN, EPF & ESI Registration, and GST Registration Certificate for the following work:

| Sl. No. | Name of Work | Estimated Cost (Rs.) | EMD | Cost of Tender Paper | Period of Completion |
|---|---|---|---|---|---|
| 1 | Special Repair of 07 Nos. of Johnson Make Passenger Lifts installed at Daya Enclave, Bhubaneswar | 5,93,300.00 | 1% of the estimated cost put to tender (through online transfer by the last date & time for receipt of bids) | Rs. 4,000/- + GST @18% (through online transfer by the last date & time for receipt of bids) | 15 (Fifteen) Days |

2. The bid documents will be available on the website https://tendersodisha.gov.in from **22.06.2026 to 04.07.2026 up to 17:00 Hours**.
3. Bids along with the cost of tender paper and EMD shall be received only online on or before **04.07.2026 up to 17:00 Hours**. The bidder must possess a compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any time without assigning any reason thereof.
6. Any addendum, corrigendum, or cancellation shall only be uploaded on the website https://tendersodisha.gov.in.

**Executive Engineer**
**Division-IV, BDA, Bhubaneswar**

OIPR-13001/13033/1/26-27/0069

**AFFIDAVIT**

By virtue of an affidavit no.321 before the Executive Magistrate, Baripada, Mayurbhanj, dtd 19.06.2026, I, Narendra Dhal, At-Benipuria, Po-Kharisole, Ps-Muruda, Dist.-Mayurbhanj declare that the name of my minor son has been wrongly recorded as Lucky Dhal in certain records. His correct name is Chandra Kanta Dhal. That Lucky Dhal & Chandra Kanta Dhal is one and the same person. Henceforth, he shall be known as **Chandra Kanta Dhal** for all purposes.

**Sd/- Narendra Dhal**

**AFFIDAVIT**

By virtue of an affidavit no.2537 before the Executive Magistrate, Kaptipada, Udala, dtd 16.06.2026, I, Geetanjali Tudu, Vill.-Kalajamuna, PO-Tangana, PS-Khunta, Dist.-Mayurbhanj declare that my name has been wrongly mentioned as Geetanjili Tudu in Aadhaar Card. My correct name is Geetanjali Tudu. That **Geetanjali Tudu and Geetanjili Tudu** is one and the same person. Henceforth, I shall be known as **Geetanjali Tudu** for all purposes.

**Sd/- Geetanjali Tudu**

**GOVT. OF ODISHA** — 25001/474/2627

**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**

E-Mail: eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**

**Online-09/EE/RW/AND/2026-27**

**Annual Maintenance Plan of Rural Roads under Administrative Expenditure**

**No. 3998** — **Date: 10.06.2026**

Executive Engineer, Rural Works Division, Anandapur on behalf of Government of Odisha invites **Percentage (%) Rate Tenders** for the **Annual Maintenance Plan of Rural Roads** through e-Procurement as per annexure. The bid should be submitted online through www.tendersorissa.gov.in by eligible contractors having legal competency and expertise, registered with the State Government and contractors of equivalent grades/classes registered with Central Government, MES, or Railways for execution of Civil Works. Bidders must possess valid Portal Enrollment and Digital Signature Certificate (DSC). Contractors from outside Odisha may also participate after necessary portal enrolment but must subsequently obtain registration with the appropriate State Government authority before award of work.

| Procurement Officer | Bid Identification No. | Availability of Tender Online | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|
| Executive Engineer, R.W. Division, Anandapur | NCB-Online 09/EE/RW/AND/2026-27 | From: 25.06.2026 at 11:00 A.M. To: 04.07.2026 up to 5:00 P.M. | 03.07.2026 up to 11:00 A.M. | 06.07.2026 at 11:30 A.M. |

**Sd/- Executive Engineer**
**R.W. Division, Anandapur**

OIPR-25001/25055/1/26-27/0008

**AFFIDAVIT**

By virtue of an affidavit (SL No. 3554, dtd- 09/06/2026) sworn before The Executive Magistrate, Dhenkanal. I, **Kamal Kumar Sethy,** S/o- Benudhar Sethy, permanent resident of Vill: Bhatakateni, PO: Badanagena, PS: Sadar, Dist: Dhenkanal, PIN-759014, State: Odisha declare that I have changed my minor daughter's name from **Kadambini Sethy** (old name) to **Kadmini Sethy** (new name). Henceforth, she shall be known as **Kadmini Sethy** (new name) for all purposes.

**Kamal Kumar Sethy**

GOVERNMENT OF ODISHA — 25001/487/2627

**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHARMAGARH**

**Email:** rw_dharmagarh@yahoo.com

**e-PROCUREMENT NOTICE**

Bid Identification No.: DMGH/Online-01 of 2026-27, Date: 09.06.2026

Bid documents consisting of Work, Estimated Cost, Cost of Tender Paper, Bid Security, Time of Completion, Class of Contractor, terms and conditions of contract and other necessary documents can be seen in the Government website www.tendersorissa.gov.in.

1. **Name of Work** — Road works in the district of Kalahandi as mentioned in DTCN
2. **Total Number of Works** — 27 Nos.
3. **Estimated Cost** — Rs. 7.62 Lakhs to Rs. 47.79 Lakhs
4. **Period of Completion** — 03 (Three) Calendar Months
5. **Other Details:**

| Availability of Tender Online for bidding | | Last Date & Time for Seeking Tender Clarification | Date & Time of Opening of Tender |
|---|---|---|---|
| From | To | | |
| **24.06.2026 at 11.00 A.M.** | **08.07.2026 up to 5.00 P.M.** | 06.07.2026 up to 5.00 P.M. | 09.07.2026 at 11.00 A.M. |

Further details can be seen from the website www.tendersorissa.gov.in.

**Superintending Engineer**
**Rural Works Division, Dharmagarh**

OIPR-25001/25100/1/26-27/0001

**AFFIDAVIT**

I, Upendra Biswal, (old name), aged about 53 years, S/o- Sukadev Biswal, resident of At-Samantasingharpur, PO: Rahanbeli, Dist: Khordha, PIN- 752030, Odisha declared by this affidavit No. 1274, dtd-19/06/2026 that now onwards I shall be known as **UPENDRA KUMAR BISWAL** (new name) for all future purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-22/06/2026. I, **Nikita Bachha** (new name), D/o Gangadhar Bachha, permanent & current resident of AT: Silpada Pudapali, PO: Jharial, PS: Sindhekela, Dist: Balangir, State: Odisha, PIN: 767040 declare that I have changed my name from **Buti Bachha** (old name) to **Nikita Bachha** (new name). Henceforth, I shall be known as **Nikita Bachha** (new name) for all future purposes.

**Nikita Bachha**

**GOVERNMENT OF ODISHA** — 32001/434/2627

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**

**E-mail:** midivmalkangiri@gmail.com

**NOTICE INVITING TENDER**

**E-Procurement Notice**

Bid Identification No.: SEMIDMKG-04/2026-27

**Letter No.: 2002, Date: 20.06.2026**

The Superintending Engineer, Minor Irrigation Division, Malkangiri, on behalf of the Governor of Odisha, invites **Percentage Rate Bids** in **Single Cover System** through Online Mode. The bid documents consisting of work details, estimated cost, cost of tender paper, time of completion, class of contractor, terms and conditions of contract, and other necessary documents can be viewed on the e-procurement portal https://tendersodisha.gov.in.

1. Name of Work — Construction of 01 No. Check Dam under MATY 3.0 Scheme and Improvement to 19 Nos. Check Dams under Improvement to CD Scheme in different Blocks of Malkangiri District for the year 2026-27
2. Total Number of Works — 20 (Twenty) Nos.
3. Estimated Cost — Approximately Rs. 5.99 Lakh to Rs. 37.06 Lakh
4. Period of Completion — 02 (Two) to 03 (Three) Calendar Months
5. Class of Contractor — "B", "C" & "D" Class Contractors
6. Availability of Bid Documents — From 25.06.2026 at 10:00 A.M. to 04.07.2026 up to 5:00 P.M.
7. Last Date/Time for Receipt of Bids — 04.07.2026 up to 5:00 P.M.
8. Date of Opening of Bid — 06.07.2026 at 11:00 A.M.
9. Mode of Submission — Online
10. Name of the Office inviting Bid — Superintending Engineer, Minor Irrigation Division, Malakangiri
11. Further details canbe seen from the Government of Odisha website: www.tendersorissa.gov.in

**Superintending Engineer**
**Minor Irrigation Division, Malkangiri**

OIPR-32001/32556/1/26-27/0005

**AFFIDAVIT**

By virtue of an affidavit No-1933, dated-10/06/2026 sworn before the Executive Magistrate, Dharmasala. I, **Abdullah Sheikh,** S/o- Sheikh Azizullah, residence of Vill- Chandpur, Po/Ps- Brahmabarada, Dist- Jajpur, Odisha, Pin- 755005 declare that my name and my father's name has been wrongly mentioned as **Shaikh Abudullah, S/o Azizullah Shaikh** in my Indian Passport bearing No- P1788124 instead of **Abdullah Sheikh, S/o Sheikh Azizullah** which is correct name and supported by my Matriculation Certificate, Birth Certificate & my Aadhaar Card bearing No- 5432 8656 6962. The purpose of this affidavit is to submit before the competent authority for correction.

**Abdullah Sheikh**

## ନଦୀଗାଁରେ 'ଆମ ତହସିଲ ଆମ ଗାଁରେ' କାର୍ଯ୍ୟକ୍ରମ

ସୋର,୨୨।୬ (ସମିସ): ସୋର ବ୍ଲକ ନଦୀଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ସୋର



ତହସିଲ ପକ୍ଷରୁ ଆମ ତହସିଲ ଆମ ଗାଁରେ କାର୍ଯ୍ରକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଦୀଗାଁ ଓ ସରଣଙ୍ଗ ପଞ୍ଚାୟତର ଗ୍ରାମବାସୀ ମାନେ ନିଜର ସମସ୍ୟା ଜଣାଇ ଥିଲେ। ମୋଟ ୭୭ ଟି ଅଭିଯୋଗ ଆସିଥିବା ବେଳେ ସେହିସ୍ଥାନରେ ୩୯ଟିର ତୁରନ୍ତ ସମାଧାନ କରାଯାଇଥିଲା। ଏହି ସମୟରେ ସୋର ଭାରପ୍ରାପ୍ତ ତହସିଲଦାର କୃଷ୍ଣମୋହନ ସିଂହ, ଡାଟା ଏଣ୍ଟ୍ରି ଅପରେଟର କବିତା ଦାସ ଓ ପ୍ରଦୀପ କୁମାର ଦାସ,ଅମିନ ମୁଧୁସ୍ମିତା ମାଝି,ବରିଷ୍ଠ ସହାୟକ ମନୋରଞ୍ଜନ ପରିଡା,ରେକଡ କିପର ଭରତ କୁମାର ମଳିକ, କନିଷ୍ଠ ସହାୟକ ରଞ୍ଜନ କୁମାର ଦାସ ଓ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଏପରି କାର୍ଯ୍ୟକ୍ରମ କରାଯାଇ ଲୋକମାନଙ୍କ ସମସ୍ୟାର ସମାଧାନ ଗାଁରେ କରାଯିବ ବୋଲି ତହସିଲଦାର ଶ୍ରୀ ସିଂହ କହିଛନ୍ତି।

## ମୁକ୍ତମଞ୍ଚରେ ବିଶ୍ୱ ସଙ୍ଗୀତ ଦିବସ ପାଳିତ




ବାଲେଶ୍ୱର,୨୨।୬(ସମିସ): ସାଂସ୍କୃତିକ ଅନୁଷ୍ଠାନ ଓ ନୋସି କଲଚୁରାଲ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ବାମପଦସ୍ଥ ଉକ୍ରଳା ମୁକ୍ତ ମଞ୍ଚରେ ବିଶ୍ୱ ସଙ୍ଗୀତ ଦିବସ ପାଳିତ ହୋଇଯାଇଛି। 'ସମର୍ପଣ' ସଭାପତି ଡ ଭାଗବତ ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡ. ସମର ବଲ୍ଲଭ ଭୋଇ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନୋସି କଲଚୁରାଲ ଏକାଡ଼େମୀ ମୁଖ୍ୟ ଶିଳ୍ପୀ କେଶୁ ଦାସ ଓ ଶିକ୍ଷାବିତ୍ ବିକର୍ତ୍ତନ ନାୟକ, କମଳାକାନ୍ତ ଦାସ ଯୋଗ ଦେଇ ସଙ୍ଗୀତ ମଣିଷକୁ ସରସ ସୁନ୍ଦର କରିବା ସହ ଜୀବନର ପୂର୍ଣ୍ଣତା ଆଣେ ବୋଲି କହିଥିଲେ। ଏହି ଅବସରରେ ନାଟ୍ୟକାର ବିଜୟ ମହାକୁଡ଼ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟତ୍ରୀ ସତ୍ୟଭାମା ମୁଦୁଲିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। 'ସମର୍ପଣ' ସମ୍ପାଦକ ହୀରାଲାଲ ପାକଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅସିତ୍ ମଙ୍ଗରାଜ ମଞ୍ଚ ଆହ୍ୱାନ କରିଥିଲେ। ବୀଣାପାଣି କଳା ନିକେତନର ସଂପାଦକ ସଂଗୀତ ନିର୍ଦ୍ଦେଶକ ସମରେନ୍ଦ୍ର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସାଂସ୍କୃତିକ କର୍ଯ୍ୟକ୍ରମକୁ ସତ୍ୟଭାମା ମୁଦୁଲି ପରିଚାଳନା କରିଥିଲେ। ଯଜ୍ଞସେନୀ ମହାନ୍ତି ଓ ନିକିତା ବିନ୍ଧାଣୀ ଓଡ଼ସି ନୃତ୍ୟ ପରିବେଷଣ କରିଥିବା ବେଳେ ପ୍ରଭାକର ସାହୁ ,ଏକାଦଶୀ ବର୍ମନ, ମୃତ୍ୟୁଞ୍ଜୟ ପରିଡ଼ା, ବିକର୍ତ୍ତନ ନାୟକ, କୁମାର ସମ୍ଭୁ, ପଦ୍ମଲୋଚନ ପ୍ରଧାନ, ତପନ ଦାସ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ।

## ମୁଲଣାନଗରରେ ଦୁଇ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର,୨୨।୬(ସମିସ): ସଦର ବ୍ଲକ ଅନ୍ତର୍ଗତ ହିଡିଗାଁ ଗ୍ରାମପଞ୍ଚାୟତ ମୁଲଣାନଗର ଗ୍ରାମରେ ଦୁଇଟି ଅଙ୍ଗନବାଡି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପିତାମ୍ବର ବେହେରା ଯୋଗଦେଇ ଅଙ୍ଗନବାଡି କେନ୍ଦ୍ରକୁ ଉଦଘାଟନ କରିଥିଲେ। ମୁଲଣାନଗର ଗ୍ରାମର ଏକ ନମ୍ବର ୱାର୍ଡରେ ଗୋଟିଏ ଅଙ୍ଗନବାଡି କେନ୍ଦ୍ର ଓ ଦୁଇ ନମ୍ବର ୱାର୍ଡରେ ଅନ୍ୟ ଗୋଟିଏ ଅଙ୍ଗନବାଡି କେନ୍ଦ୍ରର ଉଦଘାଟନ କରାଯାଇଛି। ଉଦଘାଟନ ପରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ରରେ ପାଠ ଆରମ୍ଭ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡସଭ୍ୟ ମାୟାଧର, ୱାର୍ଡସଭ୍ୟ ଲକ୍ଷ୍ମୀଧର ବେହେରା, ଗୋପିନାଥ ବେହେରା, କାଞ୍ଚନ ବେହେରା, ଗୌରି ରାଉଳ, ବୀଣା ବେହେରା, ସଂଯୁକ୍ତ ବେହେରା ଓ ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରର ଶିକ୍ଷୟିତ୍ରୀ ଓ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବେହାଲ ଅବସ୍ଥାରେ ଭେଲୋରା ଆଦର୍ଶ ବିଦ୍ୟାଳୟ

# ନାହିଁ ପକ୍କା ରାସ୍ତା, ତଳେ ବସି ପଢୁଛନ୍ତି ୮୦ ପିଲା

ରାଜଘାଟ, ୨୨।୬ (ସମିସ)






'ଆଦର୍ଶ' ନାଁ ଥିଲେ ବି ବସ୍ତା ବ୍ଲକ ଅନ୍ତର୍ଗତ ଭେଲୋରା ଆଦର୍ଶ ବିଦ୍ୟାଳୟର ଅବସ୍ଥା ଅତି ଦୟନୀୟ। ସ୍କୁଲକୁ ପକ୍କା ରାସ୍ତା ନଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ପ୍ରତିଦିନ ଯାତାୟତରେ ହଇରାଣ ହେଉଛନ୍ତି। ସେପଟେ ଷଷ୍ଠ ଶ୍ରେଣୀର ୮୦ ଜଣ ପିଲା ଷ୍ଟଡି ଟେବୁଲ ଅଭାବରୁ ତଳେ ବସି ପାଠ ପଢୁଛନ୍ତି। ୧୬ନମ୍ବର ଜାତୀୟ ରାଜପଥରୁ ସ୍କୁଲ ପର୍ଯ୍ୟନ୍ତ ୩୦୦ ମିଟର ଖାଲ ଖମାର ମୋରୁମ ରାସ୍ତା। ବର୍ଷା ଦିନେ ଏହା କାଦୁଅ ଚାଷରେ ପରିଣତ ହେଉଛି। ଖରା ଦିନେ ଧୂଳି ଉଡୁଛି। ସାଇକେଲ ଓ ବାଇକ ବି ଚଳାଇବା କଷ୍ଟକର। ଯଦି କେହି ଅସୁସ୍ଥ ହୋଇପଡେ ଆମ୍ବୁଲାନ୍ସ ପହଞ୍ଚିବା ବି କଷ୍ଟକର ବ୍ୟାପାର। ସ୍କୁଲରେ ଷଷ୍ଠରୁ ଦଶମ ପାଞ୍ଚଟି ଶ୍ରେଣୀରେ ୪ଶହ ପିଲା ପଢୁଥିବା ବେଳେ ଷଷ୍ଠ ଶ୍ରେଣୀର ୮୦ ଜଣ ପିଲାଙ୍କ ପାଇଁ ଗୃହରେ ଗୋଟିଏ ବି ବେଞ୍ଚ କି ଷ୍ଟଡି ଟେବୁଲ ନାହିଁ, ପିଲାମାନେ ଚଟାଣରେ ବସି ତେଙ୍କାମୁଣ୍ଡିଆ ହୋଇ ଲେଖାପଢା କରୁଛନ୍ତି, ଫଳରେ ଅନେକ ପିଲାଙ୍କର ପିଠି,ଆଖି ଓ ଅଣ୍ଟା ଯନ୍ତ୍ରଣା ହେଉଥିବା ଅଭିଭାବକ କହିଛନ୍ତି। ଏଠାରେ ତିନି ବର୍ଷ ଧରି ବିଦ୍ୟାଳୟ ଆରମ୍ଭ ହୋଇଥିଲେ ହେଁ, ଆଜି ପର୍ଯ୍ୟନ୍ତ ଷଷ୍ଠ ଶ୍ରେଣୀର ପିଲା ତଳେ ଚଟାଣରେ ବସି ପଢିବା ନେଇ ପିଲା ଓ ଅଭିଭାବକଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ବିଦ୍ୟାଳୟ ଚାରିପଟେ ପାଚେରି ନଥିବାରୁ ଗାଈଗୋରୁ ଖୁଲୁମଖୁଲା ସ୍କୁଲ ଭିତରେ ପଶି ଆସୁଛନ୍ତି, ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳୀ ପାଲଟିଯାଉଛି। ଅଭିଭାବକ କହିଛନ୍ତି, ଆଦର୍ଶ ବିଦ୍ୟାଳୟ ବୋଲି ଆଶା କରି ପିଲାଙ୍କୁ ପଢ଼ାଇଲୁ ହେଲେ ଏଠି ବସିବାକୁ ବେଞ୍ଚ ନାହିଁ, ଯିବାକୁ ରାସ୍ତା ନାହିଁ, ଏଭଳି ଅବସ୍ଥା ଦେଖି ପିଲା ସ୍କୁଲ ଯିବାକୁ ଅମଙ୍ଗ ହେଉଛନ୍ତି। ବିଦ୍ୟାଳୟର ଅଧକ୍ଷା ସ୍ୱପ୍ନା ମୁର୍ମୁ କହିଛନ୍ତି, ଆମେ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛୁ। ରାସ୍ତା ପାଇଁ ବ୍ଲକକୁ ଓ ଫର୍ନିଚର ପାଇଁ 'ଓସେପା' କୁ ପ୍ରସ୍ତାବ ପଠାଯାଇଛି, ହେଲେ ୩ବର୍ଷ ହେଲା କିଛି କାମ ହେଉନି। ଅଭିଭାବକମାନେ ଦାବି କରିଛନ୍ତି ଯେ "ଆଦର୍ଶ' ନାଁ ରଖିବା ଆଗରୁ ମୌଳିକ ସୁବିଧା ଯୋଗାଇ ଦିଆଯାଉ।

## ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ



କାଳିପଦା, ୨୨।୬ (ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ଶାସନର ପୂର୍ତ୍ତି ଅବସରରେ ଅନୁଷ୍ଠିତ ଚାରି ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ତୃତୀୟ ଦିନ ସୋମବାର ବାଲିଆପାଳ ବ୍ଲକ ପରିସରରେ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ବାଲିଆପାଳ ବ୍ଲକ ସିଡ଼ିପିଓ ସୁମିତା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମେରେ ବାଲିଆପାଳ ବ୍ଲକ ବିଡିଓ ରଧରଞ୍ଜନ ଦାସ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ୨୦୨୪ ମସିହା ଓଏଏସ ପରୀକ୍ଷାରରେ ଉତ୍ତୀର୍ଣ୍ଣ ବାଲିଆପାଳ ଅଞ୍ଚଳରେ ଯୁବକ ପ୍ରୀତି ବଲ୍ଲଭ ପାତ୍ର, ସଫଳ ସୁଭଦ୍ରା ଆରତୀ କୁହ୍ଲାରୀ, ଲକ୍ଷ ପତି ଦିଦି ଚନ୍ଦ୍ରକାନ୍ତି ଜେନାଙ୍କ ସହିତ ସଫଳ ଉଦ୍ୟୋଗୀ ରଘୁନାଥ ବେହେରାଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ ସହିତ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏ ଆଇ ଓ ଅମ୍ବୁଜା ମାହାନ୍ତି , କର୍ମ ନିଯୋଜନ ଅଧିକାରୀ ଅବନୀ ବେହେରା, କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଦର୍ଶନ ବିଭାଗ ଅଧାପକ ଅଭିଳାଷ ବେହେରା ପ୍ରମୁଖ ଯୋଗ ଦେଇ ଥିଲେ। ଜିପିଡିଓ ପ୍ରିୟବ୍ରତ ଗିରିଙ୍କ ତତ୍ୱାବଧାନରେ ଅନୁଷ୍ଠିତି ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ସେବାର ସୁପର୍ ଭାଇଜର ଅରଶ୍ମିତା ଜେନା, ବିପିଏମ ଉତ୍ତମ କୁମାର ସାହୁ, ବାଲିଆପାଳ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉଦିତ କୁମାର ମାହାପାତ୍ର ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ମାତୃଭୂମି ସେବାସଂସ୍ଥା ପକ୍ଷରୁ ବିଶ୍ୱ ପିତୃଦିବସ

ରେମୁଣା,୨୨।୬ (ସମିସ): ମାତୃଭୂମି ସେବାସଂସ୍ଥା, ରେମୁଣା ଆନୁକୂଲ୍ୟରେ ବିଶ୍ୱ ପିତୃଦିବସ ପାଳିତ ହୋଇଯାଇଛି। ପାଟଣା ରାଇପୁର ନିବାସୀ ବାର୍ଷିଯାନ ପ୍ରଧାନ ଶିକ୍ଷକ ରଘୁନାଥ ପଣ୍ଡାଙ୍କୁ ପିତୃଦିବସରେ ତାଙ୍କ ବାସଭବନରେ ପୂଜନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ସଂସ୍ଥା ତରଫରୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ବରିଷ୍ଠ ଉପଦେଷ୍ଟା ସାହିତ୍ୟିକ ଡ଼. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବରିଷ୍ଠ ବ୍ୟଙ୍ଗକବି କରୁଣାକର ଖଟୁଆ, ସମ୍ମାନିତ ଅତିଥି ଭାବେ କବି ନିରଞ୍ଜନ ସାହୁ, ଡ଼. ଦେବଦତ୍ତ ରଣା, ଡ଼. ରତ୍ନାକର ସିଂହ, ହରେକୃଷ୍ଣ ପଲେଇ, ମଧୁ ସୂଦନ ମାଝୀ, ମିନତି ଦାସ, ସୀତାନାଥ ଦାସ, ମଙ୍ଗଳ ସିଂହ, ସୁନାମଣି ଜେନା, ଚନ୍ଦ୍ର ଶେଖର



ପଣ୍ଡା, ସୁଲତା ପ୍ରଧାନ, ଅନାଦି ଜେନା, କବି ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇ ପିତୃଦିବସର ମହତ୍ତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ କରୁଣାକର ଜେନା ଧନ୍ୟବାଦ ଦେଇଥିଲେ।

## ବେଆଇନ ପଥର ବୋଝେଇ ଡମ୍ପର, ପୋକଲିନ ଓ ୱାଗନ ମେସିନ ଜବତ

ସୋର, ୨୨।୬(ସମିସ): ସୋର ଥାନା ମହୁମୁହାଣ ପଥର ଖାଦାନ ଅଞ୍ଚଳରେ ଗତକାଲି ବିଳମ୍ବିତ ରାତିରେ ଖଣି ବିଭାଗ ତରଫରୁ ଚଢ଼ଉ କରାଯାଇ ତିନୋଟି ପଥର ବୋଝେଇ ଡମ୍ପର, ଏକ ପୋକଲିନ ଏବଂ ଏକ ୱାଗନ ମେସିନକୁ ଜବତ କରିଥିବା ଜଣାପଡିଛି। ଗତକାଲି ବିଳମ୍ବିତ ରାତିରେ ବାଲେଶ୍ୱର ଖଣି ଅଧିକାରୀ ଜଗନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ମହୁମୁହାଣ ସାଇଡରେ ଥିବା ୪୨ ନମ୍ବର କ୍ୱାରୀ ସମେତ ବିଭିନ୍ନ ସ୍ଥାନରେ ଏକ ସଙ୍ଗେ ଚଢ଼ଉ କରିଥିଲେ। ଚଢ଼ାଉ ସମୟରେ ଏହି ଟିମ ୪୨ ନମ୍ବର କ୍ୱାରିରୁ ବ୍ଲାଷ୍ଟିଂ ପାଇଁ ବ୍ୟବହୃତ ୱାଗନ ମେସିନ, ନିକଟରେ ଥିବା ଅନ୍ୟ ଏକ କ୍?ାରୀରୁ ଏକ ପୋକଲିନ ଜବତ କରିଥିଲେ। ସେହିପରି ଖାଦାନ ରାସ୍ତାରୁ ୩ଟି ଡମ୍ପର ଗୁଡିକ ବେଆଇନ ପଥର ବୋଝେଇ କରି ଆସୁଥିବା ବେଳେ ଏହି ଟିମ ଗାଡି ଗୁଡିକୁ ଜବତ କରି ସୋର ଥାନାରେ ଜିମା ଦେଇଥିଲେ। ଏହି ଚଢ଼ଉରେ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ, ସମ୍ବିତ କୁମାର ମଣି ଖଇରା ଖଣି ଅଧିକାରୀ ଅଭିଷେକ ବେହେରାଙ୍କ ସମେତ ରିଜର୍ଭ ପୁଲିସ ଫୋର୍ସ ସାମିଲ ହୋଇଥିଲେ।

## ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୨।୬ (ସମିସ): ପୁଲିସ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ, ବର୍ତ୍ତମାନର ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ ଶିକ୍ଷକ ଅକ୍ଷୟ କୁମାର ଦାସ, ୧୯୯୧ ବ୍ୟାଚ୍ ର ପୁରାତନ ଛାତ୍ର ଧର୍ମେଶ ଶତପଥୀ, ପ୍ରଫେସର ରଞ୍ଜନ କୁମାର ମଲ୍ଲିକ, ଛାତ୍ରୀ ରୀନା କୁମାରୀ ବେହେରା, ମାନସୀ ଆଚାର୍ଯ୍ୟ, ୧୯୯୭ ବ୍ୟାଚ୍ ର ଛାତ୍ର ପଦ୍ମଲୋଚନ ପ୍ରଧାନ, ୨୦୦୦ ମସିହା ବ୍ୟାଚ୍ ର ଛାତ୍ର ଚିତ୍ତରଞ୍ଜନ ପାଢ଼ୀ, ୨୦୨୬ ବ୍ୟାଚ୍ର ଛାତ୍ର ଭବାନୀ ଶଙ୍କର ବିଶ୍ୱାଳ, ଶୁଭମ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସୁବର୍ଣ୍ଣ ଜୟନ୍ତୀ ପଳନ ପାଇଁ ୧୯୭୬ ମସିହା ଠାରୁ ୨୦୨୬ ମସିହା ପର୍ଯ୍ୟନ୍ତ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ ଜଣାଇବା ଏବଂ ଅଂଶଗ୍ରହଣ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଆଗାମୀ ଦିନରେ ଏମିତି ମଧ୍ୟ ବୈଠକ ଆୟୋଜନ କରାଯାଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ କୁହାଯାଇଛି।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ




ବାଲେଶ୍ୱର,୨୨।୬(ସମିସ)

ବାଲେଶ୍ୱର ଗୋପାଳ ଗାଁସ୍ଥିତ ଆଦିତ୍ୟ ଯୋଗ କେନ୍ଦ୍ର ଆନୁକୂଲ୍ୟରେରେ ହୋଟେଲ ଟପ୍ ଏଣ୍ଡ ଟେଷ୍ଟି ହଲରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଯୋଗ ସେଣ୍ଟରର ମୁଖ୍ୟ ପରିଚାଳକ ତଥା ଯୋଗ ଗୁରୁ ଗୌରାଙ୍ଗ ବିନ୍ଧାଣି ପୌରହିତ୍ୟ କରିବା ସହ ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ




ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରେମୁଣା ଇସ୍କନର ଉପସଭାପତି ପ୍ରବୀଣ କୃଷ୍ଣ ଦାସ ଯୋଗଦେଇ ଯୋଗର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁବ ସମାଜସେବୀ ଇଂ ବିଭୂପଦ ଦାସ, ବିସିଆଇସି ସଭାପତି ସଞ୍ଜୟ ଦାସ, ଓରି ପ୍ଲାଷ୍ଟର ପରିଚାଳନା ନିର୍ଦ୍ଦେଶକ ପିକେ ଡାଭେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ସୌମେନ୍ଦ୍ର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।

**ହେଲଦି ଲାଇଫ :** ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଓର ଏଣ୍ଡ ଯୋଗିକ ସାଇନ୍ସ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ପୌରପାଳିକା ଅଧକ୍ଷା ସବିତା ସାହୁ, 'ପ୍ରତିଭାଶ୍ରୀ' ମୁଖ୍ୟ କବି ପ୍ରଶାନ୍ତ ଦାସ, 'ଧ୍ୱନି ପ୍ରତିଧ୍ୱନି' ମୁଖ୍ୟ ସୃଷ୍ଟିଧର ପରିଡା, ଦୀପାଂସୁ ସୁପର୍ ୩୦ ଶିକ୍ଷା ସଂସ୍ଥା ମୁଖ୍ୟ ଦୀପାଂସୁ ଶେଖର ଶାମଲ ଯୋଗ ଦେଇଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଡ. ଚିତ୍ତରଞ୍ଜନ ସାହୁ, ଅଧକ୍ଷା ଦେବୀଅର୍ଚ୍ଚନା ଦାସ ଆମେ କିପରି ସୁସ୍ଥ ଜୀବନଯାପନ କରିବା ତାହା ବିଷୟରେ କହିଥିଲେ। ଯୋଗ ପ୍ରୋଟୋକଲ, ଯୋଗାସନ ପ୍ରତିଯୋଗିତା, ଯୋଗ ନୃତ୍ୟ ଛାତ୍ରଛାତ୍ରୀ ପରିବେଷଣ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅଧାପିକା କାନ୍ତି କୃଷ୍ଣା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଅଧାପିକା ଅନିତା ମିଶ୍ର ସହଯୋଗ କରିଥିଲେ। ଶେଷରେ ଅଧାପକ ଡ଼ଃ. ଅଭିଶେକ ଦାସ ଧନ୍ୟବାଦ ଦେଇଥିଲେ।

**ରେମୁଣା ବରିଷ୍ଠ ନାଗରିକ ମଞ୍ଚ:** ରେମୁଣା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଶ୍ୱ ଯୋଗଦିବସ ପରିପ୍ରେକ୍ଷୀରେ ମଞ୍ଚର ସଭାପତି ପ୍ରାଧାପକ ପ୍ରଶାନ୍ତ କୁମାର ବରାଳଙ୍କ ଅଧକ୍ଷତାରେ ଆଜି ସକାଳ ୫ ଟା ସମୟରେ ସ୍ଥାନୀୟ ଗୌରୀଶଙ୍କର ମଣ୍ଡପ ପଡିଆରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଯୋଗ ଶିବିରରେ ୨୫ ରୁ ଅଧିକ ବରିଷ୍ଠ ନାଗରିକ ମାନେ ଶିବିରରେ ଯୋଗ, ପ୍ରାଣାୟାମ, କରି ନିଜକୁ ସୁସ୍ଥ ରଖି ସମାଜର ସମସ୍ତଙ୍କୁ ଯୋଗ ମାଧ୍ୟମରେ ସୁସ୍ଥ ରହିବାକୁ ଆହ୍ୱାନ କରିଥିଲେ। ଏହି ଯୋଗ ଶିବିରରେ ଯୋଗି ଭାବେ ପ୍ରଶାନ୍ତ ବରାଳ, ଜୟନ୍ତ ବରାଳ, ନିରଞ୍ଜନ ମହାରଣା, ବନ ବିହାରୀ ମାର୍ଣ୍ଣିଞ୍ଜ, ପଦ୍ମ ଲୋଚନ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷାଧିକାରୀ ଜଳଧର ଦାସ, ବାସନ୍ତୀ ଦାସ, ମୃତ୍ୟୁଞ୍ଜୟ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଦାସ, ସଇଦନ ବିବି, ହରିମୋହନ ମାଝୀ, ଗଜେନ୍ଦ୍ର ଦାସ, ସୁଧାଂଶୁ ଦତ୍ତ, ରବୀନ୍ଦ୍ର ଦାସ ପ୍ରମୁଖ ଯୋଗ ଶିବିରରେ ଯୋଗ ଦେଇ ଯୋଗ ପ୍ରଦର୍ଶନ କରିଥିଲେ।



ଶିବିରରେ ଯୋଗଗୁରୁ ଭାବେ ଅବନୀ ପ୍ରଧାନ, ଗିରିଶ କୁମାର ଷଡ଼ଙ୍ଗୀ, ଯୋଗଶିକ୍ଷା ପ୍ରଦାନ କରିଥିଲେ। ଆଜିର ଏହି ଯୋଗ ଶିବିରକୁ ମଞ୍ଚର ସଂଗଠନ ସମ୍ପାଦକ ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ଯୋଗଶିବିରକୁ ପରିଚାଳନା କରିହିଲେ।

**ବ୍ୟାସକବି ନଗର:** ବିଶ୍ୱ ଯୋଗଦିବସ ଅବସରରେ ସହଦେବଖୁଣ୍ଟା ସ୍ଥିତ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱେଶ୍ୱରଙ୍କ ମନ୍ଦିର ପରିସରରେ ପରିଷଦର ପରିବାର ସଦସ୍ୟମାନଙ୍କୁ ନେଇ ରବିବାରଦିନ ସକାଳ ୬ଟାରୁ ଏକ ଯୋଗଶିବିର ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ଅଦ୍ୱୈତ କୁମାର ମହାନ୍ତି ଓ କୋଷାଧକ୍ଷ ରଜତ କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁସ୍ଥ ସମାଜ ପାଇଁ ମାନସିକ ଓ ଶାରିରୀକ ସୁସ୍ଥତା ନିମିତ୍ତ ଦୈନିକ ଯୋଗାଭ୍ୟାସ କରିବା ଉଚିତ ବୋଲି ଯୋଗଶିକ୍ଷକ ନୀଳାଞ୍ଚଳ ବାରିକ କହିଥିଲେ। ପରିଷଦର ବରିଷ୍ଠ ପୂର୍ବତନ କର୍ମକର୍ତ୍ତା ଅକ୍ରଳ କୁମାର ଦାସ, ଇଂ. ଡମ୍ବୁରୁଧର ପ୍ରଧାନ ପେ ଦେବାଶିଷ ଦାସ ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ଦୃଷ୍ଟିହୀନ ବିଦ୍ୟାଳୟ:** ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଗୁରୁ ତଥା ବିଦ୍ୟାଳୟ କ୍ରୀଡା ଶିକ୍ଷକ ପ୍ୟାରୀମୋହନ ଭୂୟାଁ ବିଜ୍ଞାନ ଶିକ୍ଷକ ଗୌରାଙ୍ଗ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷା ଦେବା ସହ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ ଯୋଗର ଉପକାରିତା ଯୋଗଦ୍ୱାରା ମଣିଷ କିପରି ସୁସ୍ଥ ରହେ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହିବା ସହ ଯୋଗ ଅଭ୍ୟାସ କରିଥିଲେ।



## ବାଲିଆପାଳ ଇସ୍କନ ମନ୍ଦିରରେ ଆମ୍ରପଲ୍ଲୀ ଉତ୍ସବ

କାଳିପଦା,୨୨।୬ (ସମିସ): ବାଲିଆପାଳ ବଜାର ପାରୁଲିଆ ଛକ ନିକଟ ଇସ୍କନ ମନ୍ଦିରରେ ରବିବାର ଆମ୍ରପଲ୍ଲୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେରେ ରାଧା ମୋଦନ ମୋହନ ପାଚିଲା ଆମ୍ବରେ ସଜେଇ ହୋଇ ଅପୂର୍ବ ରୂପ ଧାରଣ କରି ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ଏହି ନିଆରା ସୌନ୍ଦର୍ଯ୍ୟର ମିହନୀୟ ରୂପ ଦର୍ଶନ ପାଇଁ ସକଳ ଠାରୁ ଲୋକେ ଅପେକ୍ଷା କରିଥିଲେ। ରାଧା ମଦନ ମୋହନଙ୍କ ଏହି ଭବ୍ୟ ଦର୍ଶନ ପୂର୍ବାହ୍ନ ଦଶ ଘଟିକା ସମୟରୁ ଆରମ୍ଭ ହୋଇ ରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। କୁଇଣ୍ଟାଲ କୁଇଣ୍ଟାଲ ପାଚିଲା ଆମ୍ବରେ ମନ୍ଦିର ଠାରୁ ବେଦୀ ପର୍ଯ୍ୟନ୍ତ ସୁସଜ୍ଜିତ ହୋଇ ଥିଲା। ବସ୍ତବରେ ଏମିତି ସୁସଜ୍ଜିତ ରାଧା ମଦନ ମୋହନଙ୍କ ବେଶ ଖୁବ ନିଆରା ଥିଲା ବୋଲି ଭକ୍ତମାନେ ମତ ରଖି ଥିଲେ। ମନ୍ଦିରରର ପୃଷ୍ଠପୋଷାକ ଡ଼ା. ହରେକୃଷ୍ଣ ଦାସଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରରେ ପ୍ରହ୍ଲାଦ ପ୍ରଭୁ ମନ୍ଦିର ପୂଜା ଦାୟିତ୍ୱ ତୁଲାଇ ଥିବା ବେଳେ କୀର୍ତ୍ତନ କାର୍ଯ୍ୟକ୍ରମରେ ଗୌର ପ୍ରଭୁ, ହରି ପ୍ରଭୁ, ସୁଶାନ୍ତ ପ୍ରଭୁ, ମନୋରଞ୍ଜନ ପ୍ରଭୁ ପ୍ରମୁଖ ନିଯୁକ୍ତ ଥିଲେ। ମଧ୍ୟାହ୍ନରେ ଭକ୍ତଙ୍କ ପ୍ରସାଦ ସେବନ କାର୍ଯ୍ୟରେ ମହାପ୍ରଭୁ ,



ସୁବାସ ପ୍ରଭୁ, ଭବେଶ ପ୍ରଭୁଙ୍କ ସହିତ ଅନ୍ୟ ଭକ୍ତମାନେ ସାମିଲ ହୋଇଥିଲେ। ଲାବଣ୍ୟ ଗୌର ଦାସ ପ୍ରଭୁଙ୍କ ନିର୍ଦ୍ଦେଶ ଅନୁସାରେ ଦିଲ୍ଲୀପ ପ୍ରଭୁ, ପୂର୍ଣ୍ଣଇନ୍ଦୁ ପ୍ରଭୁ, ରବୀନ୍ଦ୍ର ପ୍ରଭୁ, ଗୋପାଳ ପ୍ରଭୁ, ଗୁଣଦତ୍ତା ପ୍ରଭୁ ସମସ୍ତ କାର୍ଯ୍ୟର ସୁପରିଚାଳନାରେ ସହଯୋଗ କରିଥିଲେ।

## ଭାରସାମ୍ୟ ହରାଇ ବିଲ ଭିତରକୁ ପଶିଲା କାର

ବାଲେଶ୍ୱର,୨୨।୬(ସମିସ): ସଦର ବ୍ଲକ ଅର୍ନ୍ତଗତ କୁରାଢ଼ିଆ ଛକ ନିକଟରେ ଏକ ୱାଗନର କାର ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ବିଲ ଭିତରକୁ ପଶିଯାଇଛି। ତେବେ ସୌଭାଗ୍ୟବଶତଃ କାରରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାରଟି ପଶ୍ଚିମବଙ୍ଗରୁ ଦୁବଲାଗଡ଼ି ଅଭିମୁଖେ ଯାଉଥିବା ବେଳେ କୁରାଢ଼ିଆ ଛକ ନିକଟରେ ଗାଡି ଟି ନିୟନ୍ତ୍ରଣ ହରାଇଥିଲା। ଫଳରେ କାରଟି ରାସ୍ତା ଛାଡ଼ି ସିଧା ବିଲ ଭିତରକୁ ପଶିଯାଇଥିଲା। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି କାରରେ ଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାରେ କାରଟି କ୍ଷତିଗ୍ରସ୍ତ



ହୋଇଥିବା ବେଳେ କୌଣସି ଜୀବନହାନି ଘଟି ନ ଥିବା ସୂଚନା ମିଳିଛି।

# ଅରବିନ୍ଦ ଧାମନଗର ବ୍ଲକ୍ କଂଗ୍ରେସର ନୂତନ ସଭାପତି



ଧାମନଗର/ଅସୁରାଳି,୨୨।୬(ସମିସ): ଧାମନଗର ବ୍ଲକ୍ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଅରବିନ୍ଦ ନାୟକଙ୍କୁ ନିଯୁକ୍ତି ମିଳିଛି। ଏହି ନିଯୁକ୍ତି ପରେ ସ୍ଥାନୀୟ କଂଗ୍ରେସ କର୍ମୀ ଓ ନେତୃବୃନ୍ଦଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ଶ୍ରୀ ନାୟକଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ପିସିସି ସଭାପତି ଭକ୍ତଚରଣ ଦାସ, ଉପସଭାପତି (ସଂଗଠନ) ସନ୍ତୋଷ ସିଂ ସାଲୁଜା, ଜିଲ୍ଲା କଂଗ୍ରେସ କମିଟି ସଭାପତି ନଳିନୀକାନ୍ତ ମହାନ୍ତି ଓ ଦଳର ସମସ୍ତ ବରିଷ୍ଠ ନେତୃବୃନ୍ଦଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ନିଯୁକ୍ତି ପରେ ଆଗାମୀ ଦିନରେ ଧାମନଗର ବ୍ଲକ୍‌ରେ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ଆହୁରି ଶକ୍ତିଶାଳୀ ଓ ସୁଦୃଢ଼ କରିବାରେ ବିଶେଷ ସହାୟକ ହେବ ବୋଲି କର୍ମୀ ମହଲରେ ମତପ୍ରକାଶ ପାଇଛି। ଯୁବନେତା ଅଭିଷେକ ରାଉତଙ୍କ ନେତୃତ୍ୱରେ ଦଳର ବହୁ ସଂଖ୍ୟକ ନେତା ଓ କର୍ମୀ ଏକତ୍ରିତ ହୋଇ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ହୃଦାନନ୍ଦ ସେଠୀ, ସୁଧୀର ଖଟୁଆ, ନିମାଇଁ ଜେନା, ସୁଧାଂଶୁ ଶେଖର ଦାସ, ଶ୍ରୀକାନ୍ତ ପଣ୍ଡା, ଜଗନ୍ନାଥ ନାୟକ, ସଂଗ୍ରାମ କେଶରୀ ନାୟକ, ବିଶ୍ୱଜିତ୍ ସ୍ୱାଇଁ, ରଞ୍ଜିତ୍ ସାଆନ୍ତ, ସନ୍ତୋଷ ଜେନା, ବିନୋଦବିହାରୀ ନାୟକ, ଶ୍ରୀକାନ୍ତ ନାୟକ, ସୁଶାନ୍ତ ପଣ୍ଡା, ରାଜେନ୍ଦ୍ର ବୋଇତି, ଆଲୋକ ସ୍ୱାଇଁ, ମନୋଜ ପରିଡ଼ା, ପ୍ରକାଶ ପରିଡ଼ା, ମହେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ସରକାରୀ ସହାୟତା ଦାବି

ବାରିକପୁର,୨୨।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସାନଶାସନ ପଞ୍ଚାୟତ ବଡ଼ କଣ୍ଠାପଡ଼ା ଗ୍ରାମର ଜଣେ ଯୁବକ ଟ୍ରେନ୍ ଦୁର୍ଘଟଣା ଯୋଗୁଁ ଗୁରୁତର ହୋଇଥିବାବେଳେ ତାଙ୍କର ଗୋଟିଏ ଗୋଡ଼ କଟିଯାଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ, ଗ୍ରାମର ପ୍ରଦ୍ୟୁମ୍ନ ଘୋଷ ଗତ ୧୭ ତାରିଖ ଦିନ ନିଜ ସମ୍ପର୍କୀୟଙ୍କ ସହିତ ବେଙ୍ଗାଲୁରୁ-ହାଓଡ଼ା ଟ୍ରେନ୍‌ରେ ଯାତ୍ରା କରୁଥିଲେ। କୌଣସି କାରଣରୁ ଯୁବକ ଜଣକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗୁରୁତର



ଅବସ୍ଥାରେ ତାଙ୍କୁ ପ୍ରଥମେ ଭଦ୍ରକ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ଦୁର୍ଘଟଣା ଯୋଗୁଁ ଯୁବକଙ୍କ ଆଣ୍ଠୁର ନିମ୍ନ ଭାଗରୁ ଗୋଟିଏ ଗୋଡ଼ କଟି ଯାଇଥିବା ସୂଚନା ମିଳିଛି। ପ୍ରଦ୍ୟୁମ୍ନ ଅତି ଗରିବ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଗୋଟିଏ ଦୁର୍ଘଟଣା ତାଙ୍କର ସବୁ ଆଶା ଆକାଂକ୍ଷାକୁ ଭାଙ୍ଗି ଦେଇଛି। ଏପରିସ୍ଥଳେ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ତିହିଡ଼ି ବ୍ଲକ୍‌ରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି




ଭଦ୍ରକ,୨୨।୬(ସମିସ): ତିହିଡ଼ି ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ୍ ୧୭୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୪୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୦ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ୍‌କ୍ରସ ଅଧୀନସ୍ଥ ୫ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୩ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବା ବେଳେ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠି ମାଧ୍ୟମରେ ୫ଜଣ ଅଭିଯୋଗକାରୀଙ୍କୁ ମୋଟ ୨୬ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଇନ୍‌ଚାର୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଧିରଞ୍ଜନ ନାୟକ, ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ବ୍ଲକ୍ ଉନ୍ନୟନ ଅଧିକାରୀ ନିରଞ୍ଜନ ବାରିକ, ତହସିଲ୍‌ଦାର ସୁଭାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରଙ୍କ ବିଫଳତା ଓ ଦୁର୍ନୀତି ବିରୋଧରେ ଗର୍ଜିଲା ବିଜେଡି

ଦୋବଲ,୨୨।୬(ସମିସ)




ରାଜ୍ୟ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଶାସନର ପ୍ରଶାସନିକ ବିଫଳତା, ଅପାରଗତା ଏବଂ ବ୍ୟାପକ ଦୁର୍ନୀତି ବିରୋଧରେ ଧାମନଗର ବ୍ଲକ୍ ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଧାମନଗରସ୍ଥିତ କିଲାଟେଶ୍ୱର କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ୍ ବିଜେଡି ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ନିର୍ବାଚନମଣ୍ଡଳୀ ନେତା ଡ. ସଞ୍ଜୟ ଦାସ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାଏକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳ ବିଶ୍ୱାଳ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକ, ଶତର ମାଝୀ, ସରପଞ୍ଚ ମମତା ଆଚାର୍ଯ୍ୟ, ଉମେଶ ମହାନ୍ତି, ସୁଶାନ୍ତ ରାଉତ, ସତ୍ୟପ୍ରକାଶ ନାୟକ, ନରୋତ୍ତମ ଜେନା, ରବୀନ୍ଦ୍ରନାଥ ସାହୁଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ସରକାରଙ୍କ ଜନବିରୋଧୀ ନୀତି ଏବଂ ବିଭିନ୍ନ ବିଭାଗରେ ଚାଲିଥିବା ଅନିୟମିତତାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।

ଧାମନଗର ଜଳସେଚନ ବିଭାଗର ଜେଇଠାରୁ ଆରମ୍ଭ କରି ଏସିଙ୍କ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ସରକାରୀ ଅର୍ଥ ହରିଲୁଟ୍‌ରେ ଲିପ୍ତ ଥିବା ଅଭିଯୋଗ ହୋଇଛି। ହସନାବାଦଠାରେ ବିନା ଟେଣ୍ଡର ଏବଂ ବିନା ଟିଏସ୍‌ସି ଅନୁମୋଦନରେ ଏସ୍‌ଡିଓ ଏବଂ ବିଜେପି କର୍ମୀଙ୍କ ସଲାସୁତରାରେ କାର୍ଯ୍ୟ କରାଯାଉଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଗତ ବନ୍ୟା ସମୟରେ ପ୍ରଧାନୀ ଓ ସଇଲୋଠାରେ ଭାଙ୍ଗିଯାଇଥିବା ନଦୀବନ୍ଧ ମରାମତି ନାମରେ ବ୍ୟାପକ ଜାଲିଆତି ହୋଇଛି। ବାସ୍ତବ କ୍ଷେତ୍ରରେ କୌଣସି କାର୍ଯ୍ୟ ନ କରି ପ୍ରକୃତ ଖର୍ଚ୍ଚଠାରୁ ୧୦ ଗୁଣ ଅଧିକ ସରକାରୀ ଅର୍ଥ ଦଳୀୟ ଭିତିରେ ହରିଲୁଟ୍ କରାଯାଇଛି। ଆର୍‌ଡି ରାସ୍ତା ନିର୍ମାଣରେ ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ନିମ୍ନମାନର ରାସ୍ତା କାର୍ଯ୍ୟ ଚାଲିଛି। ଟେଣ୍ଡର ନେଇଥିବା ଠିକାଦାରଙ୍କ ବଦଳରେ ଅନ୍ୟ ଅଣଅଧିକୃତ ଠିକାଦାରଙ୍କ ଦ୍ୱାରା ବେଆଇନ ଭାବେ କାମ କରାଯାଉଛି। ଯେଉଁଥିପାଇଁ କୌଣସି ଉଚ୍ଚପଦସ୍ଥ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି। ଧାମନଗର-ବାରିକପୁର ଓ ଭଦ୍ରକ-ଆରଡ଼ି ମୁଖ୍ୟ ରାସ୍ତାର ଦୟନୀୟ ଅବସ୍ଥା ଦୀର୍ଘ ଦିନ ଧରି ଗଛ କଟାଯାଇଥିଲେ ମଧ୍ୟ ଠିକାଦାରଙ୍କ ଅପାରଗତା ଯୋଗୁଁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅଧପନ୍ତରିଆ ରାସ୍ତା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟି ଜନଜୀବନ ହାନୀ ହେଉଛି। ଧାମନଗର ବ୍ଲକ୍‌ରେ 'ମନରେଗା' ଯୋଜନାରେ କୌଣସି ବାସ୍ତବ କାର୍ଯ୍ୟ ନ କରି ଜାଲ୍ ବିଲ୍ ମାଧ୍ୟମରେ କୋଟି କୋଟି ଟଙ୍କା ଆତ୍ମସାତ୍ କରାଯାଇଛି। ମାତ୍ର ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ୮ଟି ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ ଦେଇ ନକଲି ବିଲ୍ ପ୍ରସ୍ତୁତ କରାଯାଉଛି। ଗରିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ବିଜେପି ଦଳୀୟ ଭିତିରେ କୋଠାଘର ଥିବା ଧନୀ ଲୋକଙ୍କୁ ଆବାସ ଗୃହ ବଣ୍ଟନ କରାଯାଉଛି। ୩ ମାସ ହେଲା ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ମିଳି ନ ଥିବାରୁ ଜଣେ ଅସହାୟ ବ୍ୟକ୍ତି ଔଷଧ କିଣିବାକୁ ଅସମର୍ଥ ହୋଇ ଆତ୍ମହତ୍ୟା କରିବା ସରକାରଙ୍କ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ମଣ୍ଡିରେ ରବି ଧାନ କିଣାରେ ସମବାୟ ସମିତିଗୁଡ଼ିକରେ ୨୨ରୁ ୨୪ କିଲୋ ଧାନ ବେଆଇନ ଭାବେ କଟ୍‌ନୀଛଟ୍‌ନୀ କରାଯାଉଛି। ଏଥିଯୋଗୁଁ ବମକୁରା ସେବା ସମବାୟ ସମିତିର ଜଣେ ଚାଷୀ ଅଭାବୀ ଧାନ ବିକ୍ରି ଯୋଗୁଁ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିଲେ। ରାସନ କାର୍ଡ ପ୍ରଦାନରେ ପାତରଅନ୍ତର କରାଯାଇ କେବଳ ଶାସକ ଦଳର କର୍ମୀ ଓ ସମର୍ଥକଙ୍କୁ ନୂତନ ରାସନ କାର୍ଡରେ ସାମିଲ୍ କରାଯାଉଛି। ସାଧାରଣ ଜନତା ଏ ବିଷୟରେ ପଚାରିଲେ "ସାଇଟ୍ ବନ୍ଦ ଅଛି' ବୋଲି ବାହାନା ଦେଖାଇ ପ୍ରତାରିତ କରାଯାଉଛି। ରାଜ୍ୟରେ ପୁଲିସ ପ୍ରଶାସନ ନିଷ୍କ୍ରିୟ ହୋଇପଡ଼ିଛି। ମହାକାଳପଡ଼ା ବ୍ଲକ୍‌ରେ ଜଣେ ମହିଳା ସରପଞ୍ଚଙ୍କୁ ପୁଲିସ ଓ ସ୍ଥାନୀୟ ବିଧାୟକଙ୍କ ସମର୍ଥକମାନେ ନିର୍ଦ୍ଦୟ ଭାବେ ମାଡ଼ ମାରିବା ଏବଂ ଓଲଟା ମହିଳା ସରପଞ୍ଚଙ୍କ ଉପରେ ମିଥ୍ୟା ଦଫା ଲଗାଇ କୋର୍ଟ ଚାଲାଣ କରିବା ସରକାରଙ୍କ ମହିଳା ବିରୋଧୀ ମାନସିକତାକୁ ସ୍ପଷ୍ଟ କରୁଛି। ଏହି ୧୦ ସମସ୍ୟା ନେଇ ଧାମନଗର ବ୍ଲକ୍ ବିଜେଡି ପକ୍ଷରୁ ସରକାରଙ୍କୁ ଦୃଢ଼ ଚେତାବନୀ ଦିଆଯାଇଛି ଯେ, ଯଦି ଆଗାମୀ ଦିନରେ ଏହିସବୁ ପ୍ରଶାସନିକ ଦୁର୍ନୀତି ଏବଂ ମନମୁଖୀ କାର୍ଯ୍ୟକଳାପ ତୁରନ୍ତ ବନ୍ଦ ନ ହୁଏ, ତେବେ ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଘେରଉ ଓ ଆନ୍ଦୋଳନ କରାଯିବ।

## ଉତ୍ସାହର ସହ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଭଦ୍ରକ,୨୨।୬(ସମିସ): ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ଅବସରରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ଏକ ଭବ୍ୟ ଓ ଉତ୍ସାହପୂର୍ଣ୍ଣ ଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାଜର ବିଭିନ୍ନ ବର୍ଗର ୩୦୦ରୁ ଅଧିକ ଲୋକ ଏଥିରେ ଯୋଗଦେଇ ସାମୂହିକ ଯୋଗାଭ୍ୟାସ କରିଥିଲେ। ସ୍ଥାନୀୟ ସଂଗଠନ, ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସଂଘର ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। ପ୍ରଶିକ୍ଷିତ ଯୋଗ ଗୁରୁମାନଙ୍କ ଦ୍ୱାରା ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ପ୍ରଦର୍ଶନ କରାଯାଇଥିବାବେଳେ ଯୋଗର ସ୍ୱାସ୍ଥ୍ୟଗତ ଉପକାରିତା ଓ ଦୈନନ୍ଦିନ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ,




ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଏନ୍‌ସିସି କର୍ଣ୍ଣେଲ ଏସ୍. ଏସ୍. ରଘୁବଂଶୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସାଂସଦ ଶ୍ରୀ ସେଠୀ ଯୋଗର ମହତ୍ୱ ଓ ବିଶ୍ୱସ୍ତରରେ ଏହାର ସ୍ୱୀକୃତି ହାସଲ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଧାୟକ ଶ୍ରୀ ମହାପାତ୍ର କହିଥିଲେ ଯେ ଜିଲ୍ଲାର ସମସ୍ତ ବ୍ଲକ୍, ପଞ୍ଚାୟତ ଓ ଜୋନ୍‌ସ୍ତରରେ ଯୋଗ ଦିବସ ପାଳନ କରାଯାଇଥିବାରୁ ବହୁ ସଂଖ୍ୟକ ଲୋକ ଏହାର ସୁଫଳ ପାଇଛନ୍ତି ଏବଂ ଯୋଗ ପ୍ରତି ଆଗ୍ରହ ବୃଦ୍ଧି ପାଇଛି। ଆଗାମୀ ବର୍ଷଗୁଡ଼ିକରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଓ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାଏ ଯୋଗର ଐତିହାସିକ ପରମ୍ପରା, ବୈଜ୍ଞାନିକ ଦିଗ ଓ ବିଶ୍ୱବ୍ୟାପୀ ଗ୍ରହଣୀୟତା ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଯୋଗ କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ମାନସିକ ଶାନ୍ତି ଓ ସମଗ୍ର ଜୀବନଶୈଳୀର ଉନ୍ନତି ପାଇଁ ମଧ୍ୟ ଅତ୍ୟନ୍ତ ଉପକାରୀ। କାର୍ଯ୍ୟକ୍ରମ ଶେଷରେ ନିୟମିତ ଯୋଗାଭ୍ୟାସ ମାଧ୍ୟମରେ ସୁସ୍ଥ ଓ ସକ୍ରିୟ ଜୀବନ ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା। ଭଦ୍ରକରେ ଯୋଗର ପ୍ରସାର ଓ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ଏକ ସକାରାତ୍ମକ ପଦକ୍ଷେପ ବୋଲି ମତପ୍ରକାଶ ପାଇଥିଲା।

## ରାଜ୍ୟ ସରକାରଙ୍କ ସଫଳତାର ୨ ବର୍ଷ ପୂର୍ତ୍ତି ପାଳନ

ଧାମନଗର,୨୨।୬(ସମିସ): ରାଜ୍ୟ ସରକାରଙ୍କ ସଫଳତାର ଦୁଇ ବର୍ଷ ପୂର୍ତ୍ତି ପାଳନ ସହିତ ଜନକଲ୍ୟାଣମୂଳକ ଯୋଜନାର ପ୍ରଚାର ପାଇଁ "ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ମହାସମାରୋହରେ




ପାଳିତ ହୋଇଯାଇଛି। ଧାମନଗର ବ୍ଲକ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ବନବିହାରୀ ଦିଣ୍ଡା ସଭାପତିତ୍ୱ କରିଥିଲେ ଓ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ଉନ୍ନୟନମୂଳକ କାର୍ଯ୍ୟ ଏବଂ ଆଗାମୀ ଦିନର ବିକାଶ ଲକ୍ଷ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ତଥା ଜନକଲ୍ୟାଣ ଓ ସାମାଜିକ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ୍ ବଣ୍ଟନ, ସ୍ୱୟଂ ସହାୟକ ଗୋଷ୍ଠୀ, ଭିନ୍ନ ଜାତିରେ ବିବାହ ପ୍ରୋତ୍ସାହନ, ଅନ୍ତ୍ୟୋଦୟ ଗୃହ ଯୋଜନା ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ସମେତ ବିଭିନ୍ନ ସରକାରୀ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଆର୍ଥିକ ସହାୟତାର ଚେକ୍ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମନ୍ତ୍ରୀଙ୍କ ବ୍ଲକ୍ ଏବଂ ନଗର ପ୍ରତିନିଧି ଅଶୋକ ପୁହାଣ, କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦ ବ୍ଲକ୍ ପ୍ରତିନିଧି ମନୋଜ ମଲ୍ଲିକ, ବିଡିଓ ବନବିହାରୀ ଦିନ୍ଦା, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ସିଡିପିଓ ଦମୟନ୍ତୀ ଦେଇ ମଞ୍ଚାସୀନ ଥିବାବେଳେ ଲକ୍ଷଣ ସୋରେନ, ନୃସିଂହ ଦତ୍ତ, ପୀୟୂଷ ରଞ୍ଜନ ରାଉତ, ପ୍ରଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

■ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ବିରୋଧରେ ଏଆଇଏସ୍‌ଏଫ୍‌ର ବିକ୍ଷୋଭ

## ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ଓ କୁଶପୁତ୍ତଳିକା ଦାହ




ଭଦ୍ରକ,୨୨।୬(ସମିସ): ଅଖିଳ ଭାରତ ଛାତ୍ରସଂଘ (ଏଆଇଏସ୍‌ଏଫ୍) ଭଦ୍ରକ ଜିଲ୍ଲା ପରିଷଦ ପକ୍ଷରୁ ସୋମବାର ଚାନ୍ଦବାଲିରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ବିରୋଧରେ ଏକ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ନେତା ଶୁଭେନ୍ଦୁ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ଶୋଭାଯାତ୍ରା ଚାନ୍ଦବାଲିର ମଧୁବାବୁ ଛକଠାରୁ ଆରମ୍ଭ ହୋଇ କାଳୀ ପଡ଼ିଆ ପର୍ଯ୍ୟନ୍ତ ପହଞ୍ଚି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଅବସରରେ ଛାତ୍ର ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଓ ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡ଼ା ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ କୌଣସି ପ୍ରକାରର ଅନ୍ୟାୟକୁ ସହ୍ୟ କରାଯିବ ନାହିଁ। ପାଠ୍ୟପୁସ୍ତକରେ ଥିବା ତ୍ରୁଟିଗୁଡ଼ିକ ଶିକ୍ଷାର ମାନକୁ ହ୍ରାସ କରୁଥିବା ସହ ଛାତ୍ରମାନଙ୍କ ମନୋବୃତ୍ତି ଓ ଜ୍ଞାନର ଉନ୍ନତିରେ ବାଧା ସୃଷ୍ଟି କରୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏହି ତ୍ରୁଟି ଅଜାଣତରେ ନୁହେଁ, ବରଂ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନିର୍ଭୁଲ ଓ ବିଜ୍ଞାନ ସମ୍ମତ ପାଠ୍ୟପୁସ୍ତକ ପ୍ରଦାନ କରାଯାଉ, ତ୍ରୁଟିପୂର୍ଣ୍ଣ ପୁସ୍ତକ ପାଇଁ ବ୍ୟୟ ହୋଇଥିବା ଅର୍ଥ ସମ୍ପୃକ୍ତ ମନ୍ତ୍ରୀ ଓ ଅଧିକାରୀଙ୍କଠାରୁ ଆଦାୟ କରାଯାଉ, ଏହି ଅପରାଧରେ ସମ୍ପୃକ୍ତ ବିଶେଷଜ୍ଞ, ସମୀକ୍ଷକ ଓ ସମ୍ପାଦକଙ୍କୁ କଳାତାଲିକାଭୁକ୍ତ କରାଯାଉ, ସଂଶୋଧନ ପୁସ୍ତିକା ପରିବର୍ତ୍ତେ ପୂର୍ବରୁ ପ୍ରଚଳିତ ପାଠ୍ୟପୁସ୍ତକ ଆଧାରରେ ଚଳିତ ବର୍ଷରେ ପାଠଦାନ ଜାରି ରହୁ, ଜାତୀୟ ଶିକ୍ଷାନୀତି-୨୦୨୦କୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରାଯାଇଛି। ଦାବିଗୁଡ଼ିକ ତୁରନ୍ତ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଏଆଇଏସ୍‌ଏଫ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନକୁ ସଫଳ କରିବାରେ ବିକ୍ରମକେଶରୀ ମହାନ୍ତି, ମନୋରଞ୍ଜନ ରାଉତ, ଅଭିଷେକ ପଣ୍ଡା, କଳ୍ପତରୁ ଦାସ, ବିଭୁଦତ୍ତ ରାଉତ, ଅଜୟ ବେହେରା, ପ୍ରଶାନ୍ତ ବେହେରା, ସିପୁନ ନାଥ ଓ ଅନ୍ୟାନ୍ୟ ଛାତ୍ର ନେତାମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି

# ବାମପନ୍ଥୀ ଗଣସଂଗଠନ ପକ୍ଷରୁ ପ୍ରତିବାଦ ସଭା

ଭଦ୍ରକ,୨୨।୬(ସମିସ)




ଦିଲ୍ଲୀରୁ ଦାରିଙ୍ଗିବାଡ଼ି ଆସୁଥିବା ଗବେଷକ ଛାତ୍ରୀ ଓ ଗୁଜରାଟରୁ ଆସିଥିବା ଗବେଷକ ଛାତ୍ରଙ୍କୁ ଉଲଗ୍ନ କରି ରାୟଗଡ଼ାଠାରେ ଭିଡ଼ହିଂସା ମାଧ୍ୟମରେ ମାଡ଼ ମାରିବା ଓ ଛାତ୍ରୀଙ୍କ ବିଭିନ୍ନ ଅଙ୍ଗକୁ ଛୁଇଁବା ଘଟଣା ବିଶ୍ୱ ଦରବାରରେ ଓଡ଼ିଶାର ଛବିକୁ ମଳିନ କରିଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବିଧାୟକ-ବିଡିଓ-ଥାନାଧିକାରୀଙ୍କ ଅସାଧୁ ମେଣ୍ଟ ଚାମେଲୀ ଓଝାଙ୍କ ପରି ଜଣେ ଦକ୍ଷ ସରପଞ୍ଚଙ୍କୁ ନିର୍ଯାତନା ଦେବା ଘଟଣା ଓଡ଼ିଶାର ଲୋକପ୍ରତିନିଧିମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ବିଜେପି ସରକାର ହରଣ କରିଥିବାର ସୂଚାଉଛି। ସେହିପରି ରେମୁଣା ପିକ୍‌ଅପ୍ ଡ୍ରାଇଭର ହତ୍ୟା ମାମଲା, ବାଲିଅନ୍ତା ସୌମ୍ୟଙ୍କୁ ଭିଡ଼ ହତ୍ୟା, ନୟାଗଡ଼ ଜିଲ୍ଲାରେ ମାଙ୍କଡ଼ା ପଥର ମାଫିଆମାନେ ଘଟାଇଥିବା ହତ୍ୟାକାଣ୍ଡ, ପୁରୀ ଜିଲ୍ଲା କଣାସରେ ମାଛ କଟା ପନିକିରେ ଜଣେ ଯୁବକଙ୍କୁ ହାଣିବା ପରେ ଜୋର୍‌ଜବରଦସ୍ତି ତାଙ୍କ ଉପରେ ବୁଲେଟ ଚଢ଼ାଇବା ଘଟଣା, ମୟୂରଭଞ୍ଜରେ ନାବାଳିକା ହତ୍ୟା ଘଟଣା, ବ୍ରହ୍ମପୁରରେ ଜଣେ ଯୁବକ ଓ ତାଙ୍କ ବାନ୍ଧବୀଙ୍କୁ ସର୍ବସାଧାରଣରେ ବର୍ବର ମାଡ଼, ବ୍ରହ୍ମପୁରରେ ଜଣେ ସାଧାରଣ ଲୋକଙ୍କୁ ଭୂଜାଲିରେ ହାଣିବା, ଗଞ୍ଜାମ ଜିଲ୍ଲାରେ ଜଣେ ଗର୍ଭବତୀ ମହିଳାଙ୍କୁ ଗାଁ ଦାଣ୍ଡରେ ଅତି ନୃଶଂସ ହତ୍ୟା, ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ନାବାଳିକା ହତ୍ୟା ଘଟଣା, ମତୋ କୁକୁଡ଼ା ଫାର୍ମ ମାଲିକ ହତ୍ୟା ଘଟଣା, ଭଦ୍ରକ ଜିଲ୍ଲା ବନ୍ଧଗାଁର ପୂର୍ବତନ ସରପଞ୍ଚ ନାଲୁଙ୍କୁ ହତ୍ୟା ଘଟଣା, ଭଣ୍ଡାରିପୋଖରୀ ସରସଦାଠାରେ ଜଣେ ୱାର୍ଡ ସଭ୍ୟଙ୍କୁ ନିର୍ମମ ହତ୍ୟା, ତିହିଡ଼ି ଥାନା ଅଧୀନ ଜଣେ ନବବିବାହିତା ମହିଳାଙ୍କୁ ହତ୍ୟା କରି ରେବନଦୀ କୂଳରେ ଫିଙ୍ଗିଦେବା ଘଟଣା ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସୂଚାଉଛି।

ଆମ ରାଜ୍ୟରେ ଚାଲିଥିବା ଡବଲ୍ ଇଞ୍ଜିନ୍ ସରକାର ଅପରାଧୀମାନଙ୍କ ସରକାର ବୋଲି ଅପରାଧୀମାନେ ମନେକରିବା ଓ ଅପରାଧୀମାନଙ୍କ ବିରୋଧରେ ରାଜ୍ୟ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅପରାଧୀମାନେ ଏହି ଜଘନ୍ୟ ଅପରାଧ ଘଟାଉଛନ୍ତି ବୋଲି ଅଭିଯୋଗ କରି ସିଆଇଟିୟୁ, ଓଡ଼ିଶା କୃଷକ ସଭା, ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ମିଳିତ ଭାବେ ଭଦ୍ରକ ବନ୍ତ ଛକଠାରେ ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢ଼ୀଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ବରିଷ୍ଠ କୃଷକ ନେତା ନିରଞ୍ଜନ ପାଣି, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିଆଇଟିୟୁ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ସିଆଇଟିୟୁ ଜିଲ୍ଲା ଉପସଭାପତି ରାଧାନାଥ ଦାସ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଜିଲ୍ଲା ସମ୍ପାଦିକା ପ୍ରଭାତି ଜେନା, ମହିଳା ନେତ୍ରୀ ରୋଜାଲିନ ସାମ୍ୟବାଦୀ, ବାସନ୍ତୀ ଚିତ୍ରକର, ବୀମା କର୍ମଚାରୀ ନେତା ନବକିଶୋର ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଏହି ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ସାରା ରାଜ୍ୟରେ ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ଦାଦାଗିରି କରୁଥିବା ବିଜେପି ଗୁଣ୍ଡାମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ବିଜେପି ଗୁଣ୍ଡାମାନଙ୍କୁ ସରକାରୀ କାର୍ଯ୍ୟାଳୟ ପ୍ରବେଶ ନିଷେଧ ପାଇଁ ପଦକ୍ଷେପ ନେବାକୁ ଗଣସଂଗଠନଗୁଡ଼ିକର ନେତୃବୃନ୍ଦ ଏହି ପ୍ରତିବାଦ ସଭା ମାଧ୍ୟମରେ ଦାବି କରିଥିଲେ।

## ସେତୁ ସଂଯୋଗୀ ରାସ୍ତା ବିନା ଗ୍ରାମବାସୀ ହନ୍ତସନ୍ତ

ବାରିକପୁର,୨୨।୬(ସମିସ): ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ (୨) ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ରାସ୍ତା ଓ ଛୋଟମୋଟ ସେତୁ ନିର୍ମାଣ କାର୍ଯ୍ୟ ଅତି ବେପରୁଆ ଭାବେ ହେଉଥିବା ଜଣାପଡ଼ିଛି। ତଦାରଖ କରିବା ପାଇଁ ସତେ ଯେମିତି ବିଭାଗ ଶୋଇଯାଇଛି। କେତେକ ସ୍ଥାନରେ ଠିକା ସଂସ୍ଥା ମନମୁଖୀ କାର୍ଯ୍ୟ କରୁଥିବାବେଳେ ଆଉ କେତେକ ଜାଗାରେ ଠିକାଦାର ବାବୁ ଠିକ୍ ଭାବେ କାମ



କରୁ ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ମୁତାବକ, ଭାଟଣା ଜୋରାଗଡ଼ିଆ ଗ୍ରାମ୍ୟ ଉନ୍ନୟନ ରାସ୍ତାର ମାଳଦା ଓ ରହଣିଆ ପଞ୍ଚାୟତକୁ ସଂଯୋଗ କରୁଥିବା ନୌରଙ୍ଗପୁର ଗୋହିରୀ ନାଳ ଉପରେ ଚଳିତ ବର୍ଷ ବିଭାଗ ଏକ ପାଦଚଲା ପୋଲ ନିର୍ମାଣ କରିଛି। ଏଥିପାଇଁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ସେତୁ ସଂଯୋଗୀକରଣ ରାସ୍ତା ବିନା ଦୈନିକ ୧ହଜାରରୁ ଅଧିକ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଛଡ଼ା ଧାମନଗର, ଦୋବଲ ଅଞ୍ଚଳରୁ ଯେଉଁ ଲୋକମାନେ ବାଇକ୍‌ରେ ଯାଜପୁର ଯାଉଛନ୍ତି ସେମାନେ ମଧ୍ୟ ଘୋର୍ ଯନ୍ତ୍ରଣା ଭୋଗୁଛନ୍ତି। ଅସରାଏ ବର୍ଷା ହେଲେ ସ୍କୁଲ, କଲେଜ ଛାତ୍ରଛାତ୍ରୀମାନେ ଦୁର୍ଘଟଣାର ମଧ୍ୟ ଶିକାର ହେଉଛନ୍ତି। ନାଳ ଉପରେ ଥିବା ପୁରୁଣା ପୋଲଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ନୂତନ ପୋଲର ନିର୍ମାଣ କାର୍ଯ୍ୟ ମଧ୍ୟ କିଛି ଦିନ ହେବ ଅଧୁରା ରହିଯାଇଛି। ନୂତନ ପାଦଚଲା ପୋଲ ଦୁଇ ପାର୍ଶ୍ୱରେ କେବଳ ମାଟି ପଡ଼ିଥିବାବେଳେ ସୁରକ୍ଷା ପାଇଁ କଂକ୍ରିଟ ୱାଲ୍ ନିର୍ମାଣ ହୋଇନାହିଁ। ମାଟି ଉପରେ ବାଲି ମିଶା ଡଷ୍ଟ ମୁଠାଏ ପଡ଼ିନାହିଁ କି ଏଯାଏଁ ଦୁଇ ପାର୍ଶ୍ୱରେ ପକ୍କା ରାସ୍ତା ନିର୍ମାଣ ହେବା ସମ୍ଭବ ହୋଇନାହିଁ। ବିଭାଗୀୟ ଅଧିକାରୀ ଓ ଠିକାଦାର ଏ ବିଷୟରେ ଅବଗତ ଥିଲେ ମଧ୍ୟ ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ନୌରଙ୍ଗପୁର ସମେତ ଆଖପାଖ ଆଠ ଦଶ ଖଣ୍ଡ ଗାଁର ଲୋକେ ଯାତାୟାତ ପାଇଁ ହଇରାଣ ହରକତ ହେଉଛନ୍ତି। ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଚିତ୍ତରଞ୍ଜନ ରାଉତ, ପ୍ରଶାନ୍ତ ରାଉତ, ମୁନା ବେହେରା, ସନ୍ତୋଷ ରାଉତ, ବିଷ୍ଣୁ ଚରଣ ରାଉତ, ନାରାୟଣ ରାଉତ, ମନୋଜ ରାଉତ, ସରୋଜ ରାଉତ ପ୍ରମୁଖ ଦାବି କରିଛନ୍ତି।

**ଅବ୍ୟବସ୍ଥାରେ ଆନନ୍ଦପୁର ଶିକ୍ଷା ବିଭାଗ**

# ଶିକ୍ଷାଦାନ, ଅନୁଦାନ ବିନିଯୋଗରେ ଅରାଜକତା ଓ ବିଶୃଙ୍ଖଳା ଅଭିଯୋଗ

ଆନନ୍ଦପୁର, ୨୨।୬(ସମିସ)

ରାଜ୍ୟ ସରକାରଙ୍କ ଶିକ୍ଷା ନୀତିନିୟମକୁ ଜଳାଞ୍ଜଳି ଦେଇ ଶିକ୍ଷା ବିଭାଗ ଅଧିକାରୀମାନେ ବଦଳି, ଡେପୁଟେସନ କରି ଶିକ୍ଷକଙ୍କୁ ହଇରାଣ ହରକତ କରୁଥିବାରୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏଭଳି ସଂଗୀନ ଅଭିଯୋଗ ଆସିଛି ଆନନ୍ଦପୁର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ବିରୋଧରେ। ଆନନ୍ଦପୁର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବିଚିତ୍ର ନୀତି ଯୋଗୁଁ ବହୁ ଶିକ୍ଷକଶିକ୍ଷୟିତ୍ରୀ ଅନେକ ସମୟରେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେକ ପ୍ରଭାବଶାଳୀ ଶିକ୍ଷକ ପାଠପଢାକୁ ଆଦୌ ଗୁରୁତ୍ୱ ନଦେଇ କେବଳ କମ୍ପ୍ୟୁଟର କାମ ଆଳରେ ସମୟ ଅତିବାହିତ କରିଥାନ୍ତି। ଜଣେ ପ୍ରଧାନଶିକ୍ଷକ ଅତିକମରେ ଦିନକୁ ୨ଟି ପିରିୟଡ଼ ପାଠ ପଢ଼ାଇବା ନିୟମ ରହିଛି; ହେଲେ ବର୍ଷ ବର୍ଷ ଧରି ପାଠ ପଢ଼ାଉ ନଥିବା ବେଳେ କିପରି ତ୍ରିସ୍ତରୀୟ ଅନୁଧ୍ୟାନକାରୀ ଅଧିକାରୀ ଜାଣିପାରୁ ନାହାନ୍ତି, ତାହା ଚିନ୍ତାର କାରଣ ହୋଇଛି। ନିୟମ ଅନୁସାରେ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପଦୋନ୍ନତି କ୍ଷେତ୍ରରେ ନିଜ ବିଦ୍ୟାଳୟରୁ ଅନ୍ୟ ବିଦ୍ୟାଳୟକୁ ବଦଳି ହେବା କଥା ତାହା ଆନନ୍ଦପୁର ବ୍ଲକ ଶାଳବଣି କ୍ଲଷ୍ଟରର ଏକ ନିର୍ଦ୍ଦିଷ୍ଟ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ୟତିକ୍ରମ ଘଟିଛି। ଜଣେ ପ୍ରଧାନ ଶିକ୍ଷକ ସେ ସ୍ଥାନରେ ଦୀର୍ଘ ୧୬ ବର୍ଷ ଚାକିରି କରି ପୁନଶ୍ଚ ସେହି ସ୍ଥାନରେ ପଦୋନ୍ନତି ପାଇବା ବଡ଼ କୌତୁହଳ ଘଟଣା ଘଟିଛି। ଅନ୍ୟପକ୍ଷରେ, ସେହି ବିଦ୍ୟାଳୟରେ ଜଣେ ପୂର୍ବତନ ପ୍ରଧାନ ଶିକ୍ଷକ ୨୯ ବର୍ଷ ଚାକିରି କରି ସେହି ସ୍ଥାନରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକରୁ ପ୍ରଧାନଶିକ୍ଷକ ପଦୋନ୍ନତି ପାଇ ଅବସର ଗ୍ରହଣ କଲେ। ସଂପୃକ୍ତ କ୍ଲଷ୍ଟରରେ ପାଖାପାଖି ଦୁଇଟି ଉଚ୍ଚ ବିଦ୍ୟାଳୟ ରହିଛି। ଗୋଟିଏ ବାଳିକା ତ ଅନ୍ୟଟି ବାଳକ ଉଚ୍ଚ ବିଦ୍ୟାଳୟ; କିନ୍ତୁ ପଦୋନ୍ନତି ବେଳେ ବାଳକ ବିଦ୍ୟାଳୟରେ ଜଣେ ମହିଳା ଓ ବାଳିକା ଉଚ୍ଚ

## ବଦଳି ଓ ଡେପୁଟେସନ୍‌ରେ ନାହିଁ କଟକଣା

## ଭଗବଣ୍ଟାରେ ସରିଯାଉଛି ସ୍କୁଲ ଅନୁଦାନ

ବିଦ୍ୟାଳୟରେ ପୁରୁଷଙ୍କୁ କିପରି ପ୍ରଧାଶିକ୍ଷୟିତ୍ରୀ/ ପ୍ରଧାନଶିକ୍ଷକଙ୍କୁ ପଦୋନ୍ନତି ମିଳିଲା ? ଏହି ଘଟଣା ସନ୍ଦେହ ସୃଷ୍ଟି କରିଛି। ବିଇଓ ଏବଂ ଡିଇଓ ଅଫିସକୁ ହାତ କରି ନିଜ ଆତ୍ମୀୟଙ୍କ ଜରିଆରେ ଅଫିସ କାମ କରାଇ ଦେବା ଆଳରେ ସହକାରୀ ଶିକ୍ଷକଶିକ୍ଷୟିତ୍ରୀଙ୍କଠାରୁ ମୋଟା ଅଙ୍କ ଆଦାୟ କରାଯିବା ଏକ ବଡ଼ ସଂକ୍ରାମକ ରୋଗ ଭଳି ମାଡ଼ି ଚାଲିଛି। ଦରମା ବିଲ୍, ସର୍ଭିସ ବୁକ୍ କାମ, ଏରିୟର ବିଲ ଓ ପେନସନ ପାଇଁ କାଗଜପତ୍ର ଆଦି କାମ ବିନା ଟଙ୍କା କାରବାର ହେଉ ନଥିବା ଅଭିଯୋଗ ହେଉଛି। ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସଂଖ୍ୟାର ଡାଲି, ପରିବା ଓ କାଠ ଖର୍ଚ୍ଚ ନହୋଇ ମାତ୍ରାଧିକ ସଂଖ୍ୟାରେ ହିସାବ କରାଯାଉଥିବା ବେଳେ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ ସବୁ ଠିକ ଚାଲିଛି ବୋଲି ରିପୋର୍ଟ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅନିୟମିତତା ପଛରେ ଟଙ୍କା କାରବାରକୁ ମୂଳ କାରଣ ବୋଲି କିଛି ଜାଣିବା ମହଲରେ ଦର୍ଶାଯାଉଛି।

ଜଣେ ବିଜ୍ଞାନ ଶିକ୍ଷକ ମଧ୍ୟାହ୍ନ ଭୋଜନର ଲାଭାଂଶ ସମ୍ପର୍କରେ ଅବଗତ କରାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କୁ ସଂପୃକ୍ତ ବିଦ୍ୟାଳୟରୁ କୋଲିମାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଆନନ୍ଦପୁର ବିଇଓଙ୍କୁ ହାତ କରି ୩ ଦିନିଆଁ ଡେପୁଟେସନରେ ବଦଳି କରାଯିବା ଏହି ଘଟଣାକୁ ସ୍ପଷ୍ଟ କରିଛି। ବିଦ୍ୟାଳୟର ବଳକା ଚାଉଳ, ଅଖା, ଇକୋକ୍ଲବ୍ ଅନୁଦାନ, ମୋ ସ୍କୁଲ ଅଭିଯାନ ଅର୍ଥ, କିଚେନ ଗାର୍ଡେନ ଅର୍ଥ, ପ୍ରତି ବର୍ଷର କମ୍ୟୁନିଟି ଗ୍ରାଣ୍ଟ, ଲାଇବ୍ରେରୀ ଅର୍ଥ ଓ ସ୍ପୋର୍ଟସ ପାଇଁ ଆସୁଥିବା ଅର୍ଥର ସଠିକ୍ ବିନିଯୋଗରେ ସନ୍ଦେହ ଜାତ ହୋଇଛି। ଅନୁଦାନ ବିନିଯୋଗପତ୍ର ବର୍ଷ ଶେଷ ବେଳକୁ କୌଣସି ପ୍ରକାରରେ ପ୍ରଦର୍ଶନ କରାଯାଉଛି। ବୃକ୍ଷରୋପଣ, ଇକୋ କ୍ଲବ୍ ଅନୁଦାନ ଓ କିଚେନ ଗାର୍ଡେନ ପାଇଁ ପ୍ରତିବର୍ଷ ଅର୍ଥ ଆସୁଛି। ବାସ୍ତବରେ ଠିକ ଭାବେ ଉପଯୋଗ କରା ନଯାଇ ବିନିଯୋଗ ପ୍ରମାଣପତ୍ର ସରକାରଙ୍କୁ ପ୍ରଦାନ ହେଉଛି। ଦୁର୍ନୀତିଗ୍ରସ୍ତ ଶିକ୍ଷାଧିକାରୀଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ସରକାରଙ୍କ ମହତ ଉଦ୍ଦେଶ୍ୟ ପୂରଣରେ କୌଣସି ବାଧା ସୃଷ୍ଟି ହୁଅନ୍ତା ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ପୃଥକ ଦୁର୍ଘଟଣାରେ ୨ ଆହତ

ଠାକୁରମୁଣ୍ଡା,୨୨।୬(ସମିସ): ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ଆଜି ଦୁଇଟି ଦୁର୍ଘଟଣା ଘଟିଥିବାବେଳେ ଜଣେ ଯୁବକ ଗୁରୁତର ଓ ଜଣେ ମହିଳା ଆହତ ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମହୁଲଡିହା ସାପ୍ତାହିକ ହାଟ ଚାଲିଥିବା ସମୟରେ ଠାକୁରମୁଣ୍ଡା ପଞ୍ଚାୟତ ଖମୁଡିହା ଗ୍ରାମର ଶ୍ରୀରାମ ହୋଙ୍କ ସ୍ତ୍ରୀ ରାଦାୟ ହୋ ହାଟକୁ ଯାଇଥିଲେ। ଗୌଡ଼ିଆବାହାଳୀ ଛକ ନିକଟରେ ଆନନ୍ଦପୁର ପଟୁ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତାରେ ପଡି ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହିପରି କେନ୍ଦୁଜିଆଣି ସାପ୍ତାହିକ ହାଟ ସାରି ଛେରାଟାଙ୍ଗର ଗ୍ରାମର ଲାଦୁରା ଜାମୁଦାଙ୍କ ପୁଅ ଦୁମ୍ବି ଜାମୁଦା (୨୨) ଚାଲି ଚାଲି ଘରକୁ ଫେରୁଥିବାବେଳେ ଭୁବନେଶ୍ୱରରୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଓଏସ୍‌ଏପି କନଷ୍ଟେବଲଙ୍କ ମୃତ୍ୟୁ

ବାରିପଦା, ୨୨।୬(ସମିସ): ଜଣେ ଓଏସଏପି କନଷ୍ଟେବଲ ରଜତ ନାୟକଙ୍କ ମୃତ୍ୟୁ ଘଟିଛି। ସେ ପୁରୀରୁ ବଦଳି ହୋଇ ବାରିପଦାରେ ଯୋଗଦେଇଥିଲେ। ଡ୍ୟୁଟି ସାରି ରୁମ୍‌ରେ ପହଞ୍ଚି ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ମେଡିକାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ରଜତଙ୍କ ନିଜ ଘର କରଞ୍ଜିଆର ରସାମତଳା ଗାଁରେ ବୋଲି ଜଣାପଡ଼ିଛି।

**● ଗୋଟିଏ ଦିନରେ ୩ଟି ମାମଲାର ରାୟ ପ୍ରକାଶ**

## ୩ଟି ମାମଲାରେ ୪ ଅଭିଯୁକ୍ତଙ୍କୁ କାରା ଦଣ୍ଡାଦେଶ

ଉଦଳା, ୨୨।୬(ସମିସ): ଗୋଟିଏ ଦିନରେ ୩ଟି ମାମଲାର ରାୟ ପ୍ରକାଶ କରିଛନ୍ତି ବିଚାରପତି। ଉଦଳା ଏସଡିଜେଏମ ଅନୁରାଗ ଦେହୁରୀ ୩ଟି ମାମଲାରେ ୪ ଜଣ ଅଭିଯୁକ୍ତଙ୍କୁ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଉଦଳା ଥାନା କେଶ ନଂ ୫୮/୨୦୦୯ରେ ଆସାମୀ ହରିହର ସାମଲଙ୍କୁ ଦୋଷୀ ସାବ୍ୟସ୍ତ କରି ଏକବର୍ଷ ୬ ମାସ କାରାଦଣ୍ଡାଦେଶ ରାୟ ଶୁଣାଇବା ସଙ୍ଗେ ସଙ୍ଗେ ଦେଢ ହଜାର ଟଙ୍କାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଉକ୍ତ ମାମଲାରେ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରବିନ୍ କୁମାର ପଟ୍ଟନାୟକ ଓ ମୁଦ୍ଦାଲା ତରଫରୁ ବରିଷ୍ଠ ଆଇନଜୀବୀ ରଜତ କୁମାର ମହାପାତ୍ର ମାମଲା ଲଢୁଥିଲେ। ସେହିପରି କପ୍ତିପଦା ଥାନା କେଶ ନଂ ୪୨/୨୦୦୪ରେ ଆସାମୀ ଜୟନ୍ତ କୁମାର ଦାସଙ୍କୁ ଦୋଷୀ ସାବ୍ୟସ୍ତ କରି ଏକବର୍ଷ ଜେଲ ଦଣ୍ଡାଦେଶ ଓ ଏକ ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟ ବାବଦକୁ ୨ ମାସ ଅଧିକ କାରାଦଣ୍ଡ ଶୁଣାଇଛନ୍ତି। ଏହି ମାମଲାରେ ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ରବିନ୍ କୁମାର ପଟ୍ଟନାୟକ ଓ ବରିଷ୍ଠ ଆଇନଜୀବୀ ରବିନ୍ଦ୍ର କୁମାର ସାହୁ ପ୍ରତିପକ୍ଷଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ। ଅନ୍ୟଏକ ମାମଲା ୨(ବି)ସିସି କେଶ ନଂ୧୪/୨୦୧୨ରେ ଆସାମୀ ମହେନ୍ଦ୍ରନାଥ ବିନ୍ଧାଣୀ, ସଦାଶିବ ସିଂଙ୍କୁ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଓ ୨ ହଜାର ଟଙ୍କା ଲେଖାଏଁ ଜରିମାନା ଓ ଜରିମାନା ଅନାଦେୟ ବାବଦକୁ ୨ ମାସ ଲେଖାଏଁ ଅଧିକ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାରେ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରବିନ୍ କୁମାର ପଟ୍ଟନାୟକ ଓ ଆଇନଜୀବୀ ଲକ୍ଷ୍ମୀକାନ୍ତ ବେହେରା ପ୍ରତିପକ୍ଷଙ୍କ କେଶ ଲଢୁଥିଲେ।

# ମୟୂରଭଞ୍ଜ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

ବାରିପଦା, ୨୨।୬(ସମିସ): ସ୍ଥାନୀୟ ରୋଟାରୀ କ୍ଲବ୍ ପରିସରରେ ମୟୂରଭଞ୍ଜ ସେବା ସଂଗଠନ ଆନୁକୂଲ୍ୟରେ ସଂଗଠନର ପ୍ରତିଷ୍ଠାତା ଚିନ୍ମୟ ଦାସଙ୍କ ୨୩ତମ ଜନ୍ମଦିନ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ଯୁବପିଢ଼ିଙ୍କୁ ସମାଜସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ରାକେଶ ସିଂହ, ରୋଟାରୀ କ୍ଲବ ସମ୍ପାଦକ ତିମିର ଘୋଷ, ରକ୍ତ ଭଣ୍ଡାର ଅଧିକାରୀ ଡା ସୌମ୍ୟରଞ୍ଜନ ନାୟକ, ସମାଜସେବୀ ବିଶ୍ୱଜିତ ନାୟକ, ଡ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ରିଙ୍କୁ ପାଲ, ବିନୀତ ପୁରୀ, ଚିତ୍ତରଞ୍ଜନ ସ୍ୱାଇଁ ଓ ହିମାଂଶୁ ଶେଖର ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ



ଉତ୍ସାହିତ କରିଥିଲେ। ଏହି ଶିବିରରେ ଚିନ୍ମୟ ଦାସଙ୍କ ସମେତ ମୋଟ ୩୦ ଜଣ ରକ୍ତଦାନ କରିଥିଲେ। ଏ ଅବସରରେ କେନ୍ଦ୍ରାପଡ଼ାର ରଶ୍ମି ଚେରିଟେବଲ ଟ୍ରଷ୍ଟ, ଜଳେଶ୍ୱରର ହେଲପିଂ ହ୍ୟାଣ୍ଡସ, ଭୋଳାଘାଟିର ବିବେକାନନ୍ଦ ସେବା ଫାଉଣ୍ଡେସନ, ବାରିପଦାର ମାନବଧର୍ମ ସେବା ଟ୍ରଷ୍ଟ, ରେଡ ଗ୍ରୀନ ଫାଉଣ୍ଡେସନ, ମା' ତୁଳସୀ ଫାଉଣ୍ଡେସନ, ନନ୍ଦଲାଲା ସେବା ଟ୍ରଷ୍ଟ, ସୋସିଆଲ ୱେଲଫେୟାର ଫୋରମ ଓ ବିଶିଷ୍ଟ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନର ଉପ ସଭାପତି ସନ୍ଦୀପ କୁମାର ନାଥ, ସମ୍ପାଦକ ଭରତ କୁମାର ପାତ୍ର, ଯୁଗ୍ମସମ୍ପାଦକ ହରିଶ ଚନ୍ଦ୍ର ଲେଙ୍କା, କୋଷାଧ୍ୟକ୍ଷ ତନୁଜା ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ରାମେଶ୍ୱର ସିଂହ, ଉପଦେଷ୍ଟା ଅରବିନ୍ଦ ମୁଖି ଓ ତୃପ୍ତି ମୋହନ ମହାପାତ୍ର ଓ ସଦସ୍ୟ ଅଙ୍କିତ କୁମାର ସାହୁ, ରୁମା ବାରିକ, ଚିନ୍ମୟ କୁମାର ପ୍ରଧାନ, ବାପୁନ ସିଂ, ରାହୁଲ ମହାପାତ୍ର, ସୁଭଦ୍ରା ପ୍ରଧାନ, ତନୁଶ୍ରୀ ଦାସ, ସତ୍ୟମ କୁମାର ବାରିକ, ମନୋଜ ବେହେରା, ମାନସ ରଞ୍ଜନ ସ୍ୱାଇଁ, ଉତ୍ତମ ରାଉତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# କପ୍ତିପଦାରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

କପ୍ତିପଦା,୨୨।୬(ସମିସ): ଆଜି କପ୍ତିପଦା ବ୍ଲକ ସନ୍ନିକଟ ସଂସ୍କୃତି ଭବନରେ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ବ୍ଲକସ୍ତରୀୟ ଜନସମ୍ପର୍କ କୈନ୍ଦ୍ରିକ ସମାବେଶ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଓ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ସରକାରଙ୍କ ୧୨୧ଟି ସ୍ୱତନ୍ତ୍ର ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରିଥିଲେ। ସରକାର ଗରିବ, ମହିଳା, ଚାଷୀ ଓ ଯୁବବର୍ଗଙ୍କ ବିକାଶ ପାଇଁ ସଂକଳ୍ପବଦ୍ଧ ହେବା ସହିତ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କପ୍ତିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେଶ୍ମା ଟେଟେ, ଏବିଡିଓ ବିଦ୍ୟାଭାରତୀ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଦାଶିବ ବେହେରା ପ୍ରମୁଖ ଯୋଗଦେଇ ପଞ୍ଚାୟତ ସମିତି ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନହିତକର ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପ୍ରତ୍ୟେକ ଦିବସରେ ବିଭିନ୍ନ ବିଭାଗ ପକ୍ଷରୁ ଅନୁଷ୍ଠିତ ହେବ । ଏ ଅବସରରେ ଅବସରପ୍ରାପ୍ତ ସୈନିକ ସାଲୁ ବଦ୍ରା, ଆଦିବାସୀ ନୃତ୍ୟ କ୍ଷେତ୍ରରେ ଶଙ୍କର ମୁର୍ମୁ, ଏକକ ଅଭିନୟରେ ସରୋଜିନୀ ଶୁଣ୍ଠି, କୃଷିକ୍ଷେତ୍ରରେ କୁଳମଣି ସେଠୀ, ମାନସ ସେଠୀ, ନୃତ୍ୟରେ ଗଙ୍ଗମଣି ହାଁସଦା ଓ ସୀମାମଣି ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଂଜୟ ସୋରେନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମିଷ୍ଟର ଓ ମିସ୍ ମୟୂରଭଞ୍ଜ ଆଇକନିକ୍ ସିଜିନ୍-୧ର ଅଡିସନ

ବାରିପଦା, ୨୨।୬(ସମିସ): ମିଷ୍ଟର ଓ ମିସ୍ ମୟୂରଭଞ୍ଜ ଆଇକନିକ୍ ସିଜିନ୍-୧ର ଅଡିସନ ଶେଷ ହୋଇଛି। ଆରକେ କେରାଇ ଫ୍ୟାଶନ ମଡେଲଙ୍କ ଦ୍ୱାରା ଆୟୋଜିତ ଅଡିସନ ବାରିପଦା ଶାସ୍ତ୍ରୀ କଲୋନୀସ୍ଥ ପ୍ରୟାସ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଡିସନରେ ମୟୂରଭଞ୍ଜ ଓ ଏହା ଆଖପାଖ ଅଞ୍ଚଳର ବିଭିନ୍ନ କ୍ଷେତ୍ରରୁ ୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଭାବାନ ଯୁବକଯୁବତୀ ସେମାନଙ୍କର ଆତ୍ମବିଶ୍ୱାସ, ବ୍ୟକ୍ତିତ୍ୱ, ରାମ୍ପ ୱାକ୍ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମୟୂରଭଞ୍ଜର ଯୁବ ପ୍ରତିଭାଙ୍କୁ ଫ୍ୟାଶନ ଓ ମଡେଲିଂ ଇଣ୍ଡଷ୍ଟ୍ରିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା। ଆୟୋଜକ ଦଳ ଶୋ' ଡିରେକ୍ଟର ଓ ଆୟୋଜକ ହୋ ଆରକେ କେରାଇଗ୍ରୁମର ମେଣ୍ଟର ବସନ୍ତ ବେହେରା, ପ୍ରଫେସନାଲ ମେକଅପ୍ ଆର୍ଟିଷ୍ଟ ମାନସୀ ସିଂହ, ପ୍ରଫେସନାଲ ମଡେଲ ଓ ଆକ୍ଟର ମନୋରଞ୍ଜନ ସିଂ, ଉଦ୍ୟୋଗୀ ରଶ୍ମିରୋଜ୍ ମୁର୍ମୁ, ମ୍ୟୁଜିକ୍ ଓ ସାଉଣ୍ଡ ଅଭିଜିତ ମୁର୍ମୁ, ସ୍ପେଶାଲ ଜୁରୀ ସଦସ୍ୟ ଜୁଲି ସୋରେନ, ଫୁଲମଣି ସୋରେନ, କ୍ୟାମେରା ପାର୍ଟନର ବାବା ମୁଣ୍ଡା ଓ ଜଗନ୍ନାଥ ସିଂ ଉପସ୍ଥିତ ଥିଲେ। ଅଡିସନ ସମୟରେ ଜୁରୀ ସଦସ୍ୟ ପ୍ରତିଯୋଗୀଙ୍କ ଆତ୍ମବିଶ୍ୱାସ, ଯୋଗାଯୋଗ କୌଶଳ, ଷ୍ଟେଜ୍ ପ୍ରେଜେନ୍ସ, ବ୍ୟକ୍ତିତ୍ୱ ଓ ସାମଗ୍ରିକ ପ୍ରଦର୍ଶନ ଆଧାରରେ ସେମାନଙ୍କର ମୂଲ୍ୟାଙ୍କନ କରିଥିଲେ।

## ସାଇଁକୁଳ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣା

ଆନନ୍ଦପୁର, ୨୨।୬ (ସମିସ): କେନ୍ଦୁଝର ଜିଲ୍ଲାର ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ତେଜିଛି ଅସନ୍ତୋଷ। ୧୦ ଦଫା ଦାବି ନେଇ ଆଞ୍ଚଳିକ



ବିକାଶ ପରିଷଦ ଓ ସାଇଁକୁଳ ମା' ଦୁର୍ଗା ବଣିକ ସଂଘ ପକ୍ଷରୁ ମେଡିକାଲ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦିଆଯାଇଛି। ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ସ୍ୱାସ୍ଥ୍ୟ କେନ୍ଦ୍ରର ରୂପାନ୍ତରଣ ହୋଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକ୍ଷମ କରାଯାଇ ନଥିବା, ଅନୁମୋଦିତ ଡାକ୍ତର ପଦ ଖାଲି ପଡ଼ିଥିବା, ଦୀର୍ଘଦିନ ଧରି ଏକ୍ସ-ରେ ମେସିନ୍ ଅଚଳ ରହିବା, ସାପ କାମୁଡ଼ା ଓ ବିଷକ୍ରିୟା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ନଥିବା, ଅଲ୍ଟ୍ରାସାଉଣ୍ଡ ଓ ଏମର୍ଜେନ୍ସି ଅକ୍ସିଜେନ୍ ସୁବିଧାର ଅଭାବ ସହ ଆଇସିୟୁ ଓ ଅତ୍ୟାଧୁନିକ ଲେବର ରୁମ୍ ବ୍ୟବସ୍ଥା କରିବା ଆଦି ଦାବି ରହିଛି। ଏହାଛଡ଼ା ମେଡିକାଲ୍ ଚାରିପାଖରେ ପାଚେରି ନିର୍ମାଣ, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର, କର୍ମଚାରୀ ନିଯୁକ୍ତି, ଜରୁରିକାଳୀନ ଆମ୍ବୁଲାନ୍ସ ସେବା ଏବଂ ଦିନରାତି ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିବାକୁ ମଧ୍ୟ ଦାବି କରାଯାଇଛି। ଧାରଣାସ୍ଥଳରେ କେନ୍ଦୁଝର ସିଡିଏମଓ ଧନେଶ୍ୱର ସେଠୀ ପହଞ୍ଚି ଆଲୋଚନା କରିଥିଲେ। ମୁଖ୍ୟ ସମସ୍ୟାଗୁଡ଼ିକର ସାତ ଦିନ ମଧ୍ୟରେ ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଓହରିଥିଲେ ଆଞ୍ଚଳିକ ବିକାଶ ପରିଷଦ ଓ ବଣିକ ସଂଘର ସଦସ୍ୟମାନେ। ତେବେ ସିଡିଏମଓଙ୍କ ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ସାଇଁକୁଳ ମେଡିକାଲର ସମସ୍ୟା କେବେ ସମାଧାନ ହେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଆନନ୍ଦପୁରରେ ପାନୀୟଜଳ ଚିନ୍ତା; ବଢୁଛି ଅସନ୍ତୋଷ

ଆନନ୍ଦପୁର, ୨୨।୬ (ସମିସ): ଆନନ୍ଦପୁର ସହରରେ ୱାଟକୋ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟଜଳ ଦୂଷିତ ହେଉଥିବାରୁ ବ୍ୟବହାର ଅନୁପଯୋଗୀ ହେଉଛି। ପାଣିରେ ସର ପଡ଼ିଲା ଭଳି ଦେଖାଯାଉଥିବା ବେଳେ ସଂଗ୍ରହ ବେଳେ ଫେଣ ହୋଇଯାଉଛି। ଅନେକ ସମୟରେ ଗୋଳିଆ ଓ ଦୁର୍ଗନ୍ଧ ଯୋଗୁଁ ଅରୁଚିକର ହେଉଛି। ଏନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଜଳର ବ୍ୟବହାର, ବିଶେଷ କରି ପ୍ରାୟ ସମୟରେ ଗୋଳିଆ ପାଣି ଆସୁଥିବାରୁ ସଂକ୍ରାମକ ରୋଗର କାରଣ ହେବ ବୋଲି ଆତଙ୍କ ଖେଳିଯାଇଛି। ପାଇପ୍ ଯୋଗେ ଆସୁଥିବା ପାଣି ଅନେକ ସମୟରେ ଗୋଳିଆ ରହୁଥିବା ବେଳେ ପାଣିରେ ବାଲିଗୁଣ୍ଡ ଆସୁଥିବା ଓ ଅତ୍ୟନ୍ତ ଦୁର୍ଗନ୍ଧ ହେଉଥିବା ବିଜେଡି ନେତା ବିରଞ୍ଚି ମହାପାତ୍ର ଅଭିଯୋଗ କରିଛନ୍ତି। ଜଳଯୋଗାଣ ଦାୟିତ୍ୱରେ ଥିବା ଠିକସଂସ୍ଥାର ମନମାନି ଯୋଗୁଁ ଏପରି ସମସ୍ୟା ହେଉଛି। ୩ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତିନାମା ଥିଲେ ବି ଦାୟିତ୍ୱହୀନତା ନେଇ ଅନେକ ଲୋକ ଅଭିଯୋଗ କରୁଛନ୍ତି। ଜଳଯୋଗାଣରେ ଗୁଣବତ୍ତା ହ୍ରାସ ଅନେକାଂଶରେ ପରିଲକ୍ଷିତ ହୋଇଛି। ସାଧାରଣ ଲୋକ ଓ କେତେକ ଗ୍ରାହକ ଅଭିଯୋଗ କଲେ ବି ବିଭାଗୀୟ କର୍ମଚାରୀ ଅଭିଯୋଗ ଶୁଣୁ ନଥିବା ଅଭିଯୋଗ ହୋଇଛି ହୋଇଛି। ଏପରି ସମସ୍ୟା ଆଜକୁ କିଛି ଦିନ ହେଲା ଲାଗି ରହିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ସମାଧାନ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରୁ ନଥିବା ନେଇ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ଆନନ୍ଦପୁର ପୌରପାଳିକାର ବିଭିନ୍ନ ସାହି ବସ୍ତିରେ ଆଜକୁ କିଛି ଦିନ ହେବ ପାଇପରୁ ଏପରି ଗୋଳିଆ ପାଣି ବାହାରୁଛି। ଶ୍ରୀଦଧିବାମନଜୀଉ ମନ୍ଦିରରେ ଥିବା ପାଇପରେ ଗୋଳିଆ ପାଣି ଆସୁଥିବାରୁ ରୋଷେଇ ଘର ନୀତିରେ ବାଧା ସୃଷ୍ଟି ହୋଇଛି। ଏନେଇ କେତେକ ସଚେତନ ନାଗରିକ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବାରୁ ପାଣି ବ୍ୟବହାର କରୁଥିବା ଲୋକେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ୱାଟକୋ ଉଚ୍ଚ କର୍ତ୍ତୃପକ୍ଷ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି।



ଫେଣ-ସର-ଦୁର୍ଗନ୍ଧ ସହ ପାଣି ଗୋଳିଆ

## ପେଟ୍ରୋଲ ପମ୍ପରେ ମହିଳା କର୍ମଚାରୀଙ୍କୁ ମାଡ଼, କାର୍ ଚାଳକ ଅଟକ

ବାରିପଦା, ୨୨।୬(ସମିସ): ପେଟ୍ରୋଲ ପମ୍ପରେ ଜଣେ କର୍ମଚାରୀଙ୍କୁ ମାଡ଼ ସହ ଦୁର୍ବ୍ୟବହାର। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହୋଇଛି। ଏହି ଘଟଣାରେ ବାଙ୍ଗିରିପୋଷି ପୁଲିସ କାର୍ ଚାଳକଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଜଗନ୍ନାଥପୁରସ୍ଥ ଏକ ପେଟ୍ରୋଲ ପମ୍ପରେ ଜଣେ ମହିଳା କର୍ମଚାରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। କୌଣସି କାରଣକୁ ନେଇ କାର୍ ଚାଳକ ଓ ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ଉତ୍ତେଜନା ପ୍ରକାଶ ପାଇବା ସହ କାର୍ ଚାଳକ ଜଣକ ମହିଳା କର୍ମଚାରୀଙ୍କୁ ମାଡ଼ ମାରିଥିବା ଦେଖିବାକୁ ମିଳିଛି। ଘଟଣା ସମୟରେ ପେଟ୍ରୋଲ ପମ୍ପରେ ଉପସ୍ଥିତ ଥିବା କିଛି ଲୋକ ଏହାର ଭିଡିଓ ରେକର୍ଡିଂ କରିଥିଲେ, ଯାହା ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଉଭୟ ପକ୍ଷଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ଓ ଧସ୍ତାଧସ୍ତି ହେଉଥିବା ସ୍ପଷ୍ଟ ଜଣାପଡୁଛି। ସ୍ଥାନୀୟ ଲୋକ ଓ ପମ୍ପର ଅନ୍ୟ କର୍ମଚାରୀ ମଧ୍ୟସ୍ଥତା କରି ଗଣ୍ଡଗୋଳକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। ତେବେ ଏହି ଘଟଣାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଥାନାରେ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଜାରି ରହିଛି।



## ମୁକୁଳା ପଡ଼ିଛି ହଦଗୁଟୁ ଗ୍ରାମ ଟ୍ରାନ୍ସଫର୍ମର, ପାଚେରି ନିର୍ମାଣ ଦାବି

ଶରତ,୨୨।୬(ସମିସ): କପ୍ତିପଦା ବ୍ଲକ ଲାବଣ୍ୟଦେଇପୁର ପଞ୍ଚାୟତର ହଦଗୁଟୁ ଗ୍ରାମରେ ଥିବା ୬୩ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ଚାରିପାଖରେ ପାଚେରି କରିବା ପାଇଁ ଦୀର୍ଘ ଦିନରୁ ହଦଗୁଟୁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ଫଳରେ ଗତ ସପ୍ତାହ ତଳେ ଗୋଟିଏ ଛେଳି ବିଦ୍ୟୁତ୍ ଆଘାତରେ ମରିଥିବାବେଳେ ସାତ/ଆଠ ମାସ ତଳେ ଗୋଟିଏ କୁକୁର ମଧ ମରିଥିଲା। ଗ୍ରାମର ମୁଖ୍ୟ ରାସ୍ତାଠାରୁ ପ୍ରାୟ ପନ୍ଦର ଫୁଟ ଦୂରରେ ଟ୍ରାନ୍ସଫର୍ମର ଥିବାରୁ ଏହା ବିପଦକୁ ଆମନ୍ତ୍ରଣ କରୁଛି। ସେହିଭଳି ନୟାପଲ୍ଲୀର ୨୫ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଖୁଣ୍ଟ ଚାରିପାଖର ଦଶ/ବାର ଫୁଟ ଦୂରତା ମଧ୍ୟରେ ବର୍ଷାଦିନରେ ଭୂମିରେ କରେଣ୍ଟ ଲାଗେ। ତେଣୁ ଏହି ଦୁଇଟି ଟ୍ରାନ୍ସଫର୍ମର ଚାରିପାଖରେ ପାଚେରି ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଦୁଇଟି ଟ୍ରାନ୍ସଫର୍ମର ପାଖଦେଇ ଗ୍ରାମର ମୁଖ୍ୟରାସ୍ତା ଯାଇଥିବାରୁ ଗ୍ରାମର ଜନସାଧାରଣ, ସ୍କୁଲ ପିଲା, ଅଙ୍ଗନବାଡ଼ି ପିଲା ଓ ଗୃହପାଳିତ ପଶୁ ବିପଦରେ ପଡିପାରନ୍ତି। ଏଥିସହିତ ନିକଟରେ ପୋଖରୀ ଥିବାରୁ ବିଭିନ୍ନ ସମୟରେ ଗାଧୋଇବା ପାଇଁ ଲୋକ ସେହି ପାଖଦେଇ ଯିବା ଆସିବା କରନ୍ତି। ତେଣୁ ପାଚେରି କରିବା ନିତାନ୍ତ ଆବଶ୍ୟକ ବୋଲି ଦାନିଲ ସିଂ ଖୁଣ୍ଟିଆ, ଗଣେଶ ଜାରିକା, ବାଗୁନ ଜାରିକା, ଦୁମ୍ବି ପୂର୍ତ୍ତି ପ୍ରମୁଖ ଦାବି କରିଛନ୍ତି।



**ସ୍ୱଳ୍ପ ବୃଷ୍ଟିପାତ, ଫାଟିଗଲାଣି ଜମି**


# ଚାଷ ବାଧାପ୍ରାପ୍ତ, ଚାଷୀ ହତାଶ

ମୋରଡା,୨୨।୬(ସମିସ)

ଚଳିତ ବର୍ଷ ମୌସୁମୀ ଆସିବାରେ ବିଳମ୍ବ ହୋଇଛି। ଫଳରେ ଟାଣ ଖରା ସାଙ୍ଗକୁ ଅସହ୍ୟ ତାତି ଓ ଗୁଳୁଗୁଳି ବଢ଼ିବାରେ ଲାଗିଛି। ଏହା ଜନଜୀବନକୁ ପ୍ରଭାବିତ କରୁଥିବାବେଳେ ଚାଷୀ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। କୃଷିଭିତ୍ତିକ ପର୍ବ ରଜ ବେଳକୁ ସାଧାରଣତଃ ବର୍ଷା ହୋଇଥାଏ ଓ ଟାଣ ଖରାର ପ୍ରକୋପ କମିଯାଇଥାଏ। ଚଳିତ ବର୍ଷ ମୌସୁମୀ ବାୟୁର ଅନିୟମିତତା କାରଣରୁ ପର୍ଯ୍ୟାପ୍ତ ବର୍ଷା ହୋଇନାହିଁ। ଦୀର୍ଘଦିନ ଧରି ବର୍ଷା ନ ହେବାରୁ ଅଞ୍ଚଳର ଜଳାଶୟ ପୋଖରୀ, ଗଡ଼ିଆ ଶୁଖିଲା ପଡ଼ିଛି। ମୋରଡା ବ୍ଲକ୍‌ର ପାଖାପାଖି ୨୦ଟି ପଞ୍ଚାୟତ ମଧ୍ୟରୁ ୧୬ଟି ପଞ୍ଚାୟତର ଅନେକ ଗ୍ରାମରେ ବହୁଳ ପରିମାଣରେ ଧାନ ଚାଷ କରାଯାଏ। ସାଧାରଣତଃ ରଜ ପୂର୍ବରୁ ଚାଷୀ ବିହନ ବୁଣାବୁଣି କାମ ଶେଷ କରିଥା'ନ୍ତି। ବର୍ଷା ହେବା ପରେ ଜମିରେ ପାଣି ରହିଲେ ଘାସ ବାଛିବା ଓ ରାସାୟନିକ ସାର ପ୍ରୟୋଗ ଭଳି କାର୍ଯ୍ୟ କରିଥା'ନ୍ତି। ଆଜି ପର୍ଯ୍ୟନ୍ତ ପ୍ରାକ୍-ମୌସୁମୀ କିମ୍ବା ମୌସୁମୀ ବର୍ଷା ପର୍ଯ୍ୟାପ୍ତ ପରିମାଣରେ ହୋଇନାହିଁ। କେବଳ କାଳବୈଶାଖୀ ପ୍ରଭାବରେ ହୋଇଥିବା କାଁ ଭାଁ ବର୍ଷାରେ ଅଳ୍ପ କେତେକ ଚାଷୀ ଧାନ ବୁଣିଥିବାବେଳେ ଅନ୍ୟମାନେ ବର୍ଷାକୁ ଅପେକ୍ଷା କରିରହିଛନ୍ତି। ଧାନ ଚାଷ ପାଇଁ ସମୟ ଗଡ଼ିଯାଉଥିବାରୁ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି।



ଅପରପକ୍ଷରେ ଯେଉଁ ଚାଷୀ ଅଳ୍ପ ପରିମାଣରେ ବିଲରେ ଧାନ ବୁଣିଥିଲେ,ସେଥିରୁ କେତେକ ଜମିରେ ଗଛ ଉଠିଥିଲେ ମଧ୍ୟ ଟାଣ ଖରା ଯୋଗୁଁ ତାହା ଝାଉଁଳିବା ଦେଖାଯାଇଛି ବୋଲି ଚାଷୀ ପ୍ରକାଶ କରିଛନ୍ତି। ବହୁ ଚାଷୀ ବିଭିନ୍ନ ସ୍ଥାନରୁ ବିହନ କ୍ରୟ କରି ଘରେ ରଖୁଛନ୍ତି। ବର୍ଷା ହେଲେ ସେମାନେ ଜମିରେ ବିହନ ବୁଣି ଚାଷ କାର୍ଯ୍ୟ ଆଗେଇ ନେବେ। ତେବେ ଚଳିତ ବର୍ଷ ମୌସୁମୀର ଲୁଚକାଳି ଖେଳ ଚାଷୀଙ୍କ ପାଇଁ ଦାଉ ସାଧୁଛି ବୋଲି ଅଞ୍ଚଳର ବରିଷ୍ଠ ଚାଷୀ ମତ ପ୍ରକାଶ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

### ଆଜିର ଦିନରେ

- ୧୭୬୧- ମହାନ ମରାଠା ପେସୱା ବାଲାଜୀ ବାଜିରାଓଙ୍କ ବିୟୋଗ।
- ୧୯୫୩- ଭାରତୀୟ ଜନସଂଘର ସଂସ୍ଥାପକ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦେହାନ୍ତ।
- ୧୯୮୦- ଇନ୍ଦିରା ଗାନ୍ଧୀଙ୍କ ପୁତ୍ର ସଞ୍ଜୟ ଗାନ୍ଧୀଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ।
- ୧୯୯୪-ଉତ୍ତର କୋରିଆ ପରମାଣୁ କାର୍ଯ୍ୟକ୍ରମ ସ୍ଥଗିତ ରଖିବା ପାଇଁ ଘୋଷଣା କଲା।
- ୨୦୧୬- ବ୍ରିଟେନବାସୀ ୟୁରୋପୀୟ ସଂଘରୁ ଅଲଗା ହେବା ସପକ୍ଷରେ ଭୋଟ୍ ଦେଲେ।

# ସେପ୍ଟେମ୍ବର ୧୮ ରେ 'ଦାୟରା'



ବଲିଉଡ୍ ଅଭିନେତ୍ରୀ କରିନା କପୁର ଏବଂ ସାଉଥ୍ ସୁପରଷ୍ଟାର୍ ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ପ୍ରଥମ ଥର ପାଇଁ 'ଦାୟରା' ଫିଲ୍ମରେ ଏକାଠି ନଜର ଆସିବେ। ଚଳିତ ବର୍ଷ ୧୮ ସେପ୍ଟେମ୍ବରରେ ଏହା ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ମେଘନା ଗୁଲଜାରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର ରିଲିଜ୍ ଡେଟ୍‌ର ଘୋଷଣା ଏକ ଅତ୍ୟନ୍ତ ଆକର୍ଷଣୀୟ ଭିଡିଓ ମାଧ୍ୟମରେ କରାଯାଇଛି। ନିର୍ମାତାମାନେ ସୋସିଆଲ ମିଡିଆରେ ଫିଲ୍ମର ଏକ ନୂଆ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସୁଟିଂ ସମୟର କିଛି ବିଶେଷ ଝଲକ ଦେଖାଯାଇଛି। ଜଙ୍ଗଲୀ ପିକ୍‌ଚର୍ସ ଏବଂ ପେନ୍ ଷ୍ଟୁଡିଓଜ୍‌ର ଏହି ଫିଲ୍ମର 'ବିହାଇଣ୍ଡ ଦ ସିନ୍ସ' ଭିଡିଓ ଇଣ୍ଟରନେଟ୍‌କୁ ଆସିବା ମାତ୍ରେ ହିଁ ଛାଇ ଯାଇଛି । ଭିଡିଓ ସାମ୍ନାକୁ ଆସିବା ପରେ ଫିଲ୍ମରେ କରିନା ଜଣେ ଦମଦାର୍ ଲେଡି ପୋଲିସ ଅଫିସର୍ ଭୂମିକାରେ ନଜର ଆସିବାକୁ ଯାଉଛନ୍ତି ବୋଲି ସ୍ପଷ୍ଟ ହୋଇଛି। ତାଙ୍କର ଲୁକ୍ ଏବଂ ଅନ୍ଦାଜକୁ ଦର୍ଶକେ ପସନ୍ଦ କରିଛନ୍ତି। ପୃଥ୍ୱୀରାଜ ମଧ୍ୟ ଏଥିରେ ପୋଲିସ୍ ଅଫିସର ଭୂମିକାରେ ନଜର ଆସିବେ। ନିର୍ମାତା ଭିଡିଓଟିକୁ ସେୟାର୍ କରି ଲେଖିଛନ୍ତି, 'ଦାୟରା'ର କାହାଣୀ ସତ୍ୟ ଘଟଣା ଉପରେ ଆଧାରିତ। ଏହାର କାହାଣୀ ଅପରାଧ, ନ୍ୟାୟ ଓ ଦଣ୍ଡକୁ ନେଇ ପର୍ଯ୍ୟବସିତ। ଯଶ କେସୱାନୀ, ସୀମା ଅଗ୍ରୱାଲ ଏବଂ ମେଘନା ଗୁଲଜାର ଏହାର କାହାଣୀ ଲେଖିଛନ୍ତି। ମେଘନା ଏହା ପୂର୍ବରୁ 'ରାଜି' ଏବଂ 'ତଲୱାର' ଭଳି ଚମତ୍କାର ଫିଲ୍ମ ନିର୍ମାଣ କରିସାରିଛନ୍ତି, ତେଣୁ ଏହି ଫିଲ୍ମରୁ ମଧ୍ୟ ଦର୍ଶକଙ୍କର ବହୁତ ଆଶା ରହିଛି।

# ର୍‍ୟାମ୍ପରେ ରୋବଟ୍

ଦକ୍ଷିଣ କୋରିଆର ଏଣ୍ଟରଟେନ୍‌ମେଣ୍ଟ କମ୍ପାନି 'ଗାଲାକ୍ସି କର୍ପୋରେସନ' ନିକଟରେ ଏକ ନିଆରା ଫେଶନ୍ ଶୋ' ଆୟୋଜିତ କରି ଚର୍ଚ୍ଚାକୁ ଆସିଛି। ଫିଜିକାଲ୍ ଏଆଇ ନାମକ ଏହି ଫେଶନ ଶୋ'ରେ ମଡେଲଙ୍କ ସହ ରୋବଟ୍‌ଗୁଡ଼ିକ କ୍ୟାଟ୍‌ୱାକ୍ କରୁଥିବାର ନଜର ଆସିଥିଲେ। ଶୋ'ରେ ମଡେଲ ଓ ରୋବଟ୍ ଏକାପରି ପୋଷାକ ପିନ୍ଧିଥିଲେ। ଏହି ଶୋ'ର ଉଦ୍ଦେଶ୍ୟ ଥିଲା, ଏପରି ଏକ ଭବିଷ୍ୟତକୁ ପ୍ରଦର୍ଶନ କରିବା, ଯେଉଁଠାରେ ମଣିଷ ଏବଂ ରୋବଟ୍ ଏକାଠି ରହିବେ। ଟେକ୍ନୋଲଜି ଆଗାମୀ ଦିନଗୁଡ଼ିକରେ ଫେଶନ୍ ଦୁନିଆକୁ କିପରି ପ୍ରଭାବିତ କରିବ ତାହା ଏଥିରେ ଦର୍ଶାଯାଇଥିଲା। ଶୋ'ରେ ରୋବଟ୍‌ଗୁଡ଼ିକ ଅବିକଳ ମଡେଲ୍‌ଙ୍କ ଭଳି ଚାଲୁଥିବାର ଓ ପୋଜ୍ ଦେଉଥିବାର ଦେଖାଯାଇଥିଲେ। ଏହା ସେଠାରେ ଉପସ୍ଥିତ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ଦେଇଥିଲା। ଗାଲାକ୍ସି କର୍ପୋରେସନର ସିଇଓ ଚୋଇ ୟୋଙ୍ଗ୍‌ଙ୍କ କହିବାନୁଯାୟୀ, "ଭବିଷ୍ୟତରେ ଲୋକେ ରୋବଟ୍ ଠୁ ପ୍ରେରିତ ହୋଇ ଫେଶନ୍ ଆପଣାଇବେ। ରୋବଟ୍ ମଧ୍ୟ ମଣିଷ ଠାରୁ ପ୍ରେରିତ ହୋଇ ଅନେକ ଫେଶନ୍ ଆପଣାଇବ। ଏହି ଶୋ' ମାଧ୍ୟମରେ ଏପରି ଏକ ଭବିଷ୍ୟତ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି, ଯେଉଁଠି ଟେକ୍ନୋଲଜି ଏବଂ ଜୀବନ ପରସ୍ପରର ଅବିଚ୍ଛେଦ୍ୟ ଅଂଶ ହୋଇରହିବ।" ତେବେ ଏହି ଶୋ' ଟେକ୍ନୋଲଜି ଏବଂ ସୃଜନଶୀଳତାର ଏକ ନୂଆ ଚେହେରା ପ୍ରସ୍ତୁତ କରିଥିଲା। ଭବିଷ୍ୟତରେ ଟେକ୍ନୋଲଜି କିପରି ଫେଶନ୍‌ଶୈଳୀକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇପାରେ ଏହି ଫେଶନ୍ ଶୋ'ରୁ ତାହା ସ୍ପଷ୍ଟ ହୋଇଛି।



# ମୋବାଇଲ ଆସକ୍ତି

## ଇଟାରେ ଛେଚି ଭାଙ୍ଗିଲେ ଫୋନ୍



ସ୍ମାର୍ଟଫୋନ୍ ଏବେ ଲୋକଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ପାଠପଢ଼ାରୁ ନେଇ ମନୋରଞ୍ଜନ ସବୁ ପାଇଁ ମୋବାଇଲ୍ ଆବଶ୍ୟକ। ଗୋଟିଏ ପଟେ ସ୍ମାର୍ଟଫୋନ ଜୀବନକୁ ସହଜସରଳ କରୁଥିବାବେଳେ, ଅନ୍ୟପଟେ ଏହାର ଅଭ୍ୟାସ ଚିନ୍ତାର ବିଷୟ ପାଲଟିଛି। ନିକଟରେ ଏହାକୁ ନେଇ ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଲୋକେ ଫୋନ୍‌କୁ ଭାଙ୍ଗୁଥିବାର ଦେଖାଯାଇଛି। ଭିଡିଓରେ ଗାଁ ଲୋକମାନେ ଏକତ୍ର ହୋଇଛନ୍ତି। ସେମାନଙ୍କ ହାତରେ ସ୍ମାର୍ଟଫୋନ୍ ରହିଛି। ପ୍ରାରମ୍ଭରେ ଏହି ଦୃଶ୍ୟ ସାଧାରଣ ମନେ ହେଉଛି। ହେଲେ କିଛି ସମୟ ଭିତରେ ଲୋକେ ନିଜ ଫୋନ୍ ତଳକୁ ଜୋର୍‌ରେ ଫୋପାଡୁଥିବାର ଦେଖାଯାଉଛି। ଆଉ କିଛି ଜଣ ମୋବାଇଲ ଫୋନ୍‌କୁ ଇଟା ପଥରରେ ଛେଚୁଥିବାର ଦେଖିବାକୁ ମିଳିଛି। ଏହାକୁ ଦେଖି ଲୋକେ ଚକିତ ହୋଇଛନ୍ତି। ତେବେ ଗାଁ ଲୋକମାନେ ସ୍ମାର୍ଟଫୋନ୍ ନିଶାରେ ଅତିଷ୍ଠ ହୋଇ ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ମୋବାଇଲ୍ ନିଶା ପାଇଁ ଲୋକେ ଘଣ୍ଟା ଘଣ୍ଟା ସୋସିଆଲ ମିଡିଆ, ଅନ୍‌ଲାଇନ୍ ଗେମ୍ ଆଦିରେ ବ୍ୟସ୍ତ ରହୁଛନ୍ତି। ଏଥିରେ ସମୟ ଅପଚୟ ହେବା ସହ ପରିବାର ଏବଂ ସମାଜରୁ ସେମାନେ ଦୂରେଇବାରେ ଲାଗିଛନ୍ତି। ପୂର୍ବରୁ ଯେଉଁଠି ଲୋକେ ପରସ୍ପର ସହ ବାର୍ତ୍ତାଳାପ କରି ସମୟ ଅତିବାହିତ କରୁଥିଲେ, ଏବେ ଅଧିକାଂଶ ଲୋକ ନିଜ ଫୋନ୍‌ରେ ବ୍ୟସ୍ତ ରହୁଛନ୍ତି। କେବଳ ସେତିକି ନୁହେଁ, ଏହି ଫୋନ୍‌ର ପ୍ରଭାବ କୁନି କୁନି ପିଲା ଏବଂ ଯୁବପିଢ଼ିଙ୍କ ଉପରେ ମଧ୍ୟ ପଡୁଛି। ଏପରିକି ଲୋକେ ନିଜର ଗୁରୁତ୍ୱପୂର୍ଣ୍ଣ କାମ ଛାଡ଼ି ଫୋନରେ ବ୍ୟସ୍ତ ରହୁଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଲୋକେ ସ୍ମାର୍ଟଫୋନ୍ ଛାଡ଼ି ସାଧାରଣ କିପ୍ୟାଡ୍ ଫୋନ୍ ବ୍ୟବହାରକୁ ଆପଣାଇଛନ୍ତି। ସେମାନଙ୍କ କହିବାନୁଯାୟୀ, କିପ୍ୟାଡ୍ ଫୋନ୍‌ରେ କେବଳ ଗୁରୁତ୍ୱପୂର୍ଣ୍ଣ କଲ୍ ଏବଂ ମେସେଜ୍ କରିହେବ। ଏହାଦ୍ୱାରା ଅଯଥା ଫୋନ୍ ଚଳାଇବା ଅଭ୍ୟାସ କମ୍ ହୋଇପାରିବ। ଏଥିସହ ସେମାନେ ପରିବାର, କାର୍ଯ୍ୟ ଏବଂ ସମାଜ ଉପରେ ଅଧିକ ଧ୍ୟାନ ଦେଇପାରିବେ। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଭାଇରାଲ ହେବା ପରେ ଲୋକେ ଏନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ପିଜୁଳି ଗଛର କଲମୀକରଣ



ବର୍ତ୍ତମାନ ଚାଷୀମାନେ ଅତ୍ୟାଧୁନିକ କୃଷି ପ୍ରଣାଳୀକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା କମ୍ ସମୟ ମଧ୍ୟରେ ଅଧିକ ଲାଭ ମିଳିପାରୁଛି। ଏହାକୁ ଦୃଷ୍ଟି ଦେଇ ଚାଷୀମାନେ ପିଜୁଳି ଗଛର କଲମୀକରଣ କରି ପାରିବେ। ପିଜୁଳି ଗଛର କଲମୀକରଣ ଏକ ଉନ୍ନତ ପ୍ରଣାଳୀ। ଏଥିରେ କମ୍ ଦିନରେ ଉନ୍ନତମାନର ଫଳ ଅମଳ ହୁଏ।

ପିଜୁଳି ଗଛର କଲମୀକରଣ କରିବାକୁ ପ୍ରଥମେ ଉନ୍ନତଧରଣର ରୋଗପୋକ ସହଣୀ କିସମ ପିଜୁଳି ଚାରା ଚୟନ କରି ଅନ୍ୟ କିସମର ପିଜୁଳି ନେଇ ସେଥିରେ କଲମୀକରଣ କରାଯାଏ। ଆମ ରାଜ୍ୟର ଜଳବାୟୁ ଅନୁଯାୟୀ କଲମୀକରଣ କରିବାର ୬୦ଦିନ ପରେ ଫୁଲ ଆସିଥାଏ। କଲମୀକରଣ ଦ୍ୱାରା ମା'ଗଛର ଗୁଣ ଓ ଫଳ ପିଜୁଳି ଗଛରେ ଆସିପାରେ। ଫଳରେ ପିଜୁଳିର ଉତ୍ପାଦନ ଭଲ ହୁଏ। ଫଳର ଆକାର ୧୦୦ରୁ ୨୦୦ ଗ୍ରାମ୍ ଲେଖାଏଁ ରହିଥାଏ। ଛଅରୁ ଆଠ ମାସ ମଧ୍ୟରେ ଗୋଟିଏ ଗଛରୁ ୪ରୁ ୫ କେଜି ଅମଳ ହୁଏ।





# କଲରା ଚାଷରୁ ଲକ୍ଷପତି

**"ଚାଷ କାମ ଯାହାର, କେତେ ସୁଖ ତାହାର.." । ଏହି ଉକ୍ତିକୁ ପ୍ରମାଣିତ କରି ଦେଖାଇଛନ୍ତି ଛତିଶଗଡ଼, ମହାସମୁନ୍ଦ ଜିଲ୍ଲା ଅନ୍ତର୍ଗତ ବଂସୁଲିଡିହର ଦୀପକ। ସେ ଅତ୍ୟାଧୁନିକ କୃଷି ପ୍ରଣାଳୀକୁ ଆପଣାଇ କଲରା ଚାଷରୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**



ଦୀପକ ପ୍ରଥମେ ଧାନ ଚାଷ କରୁଥିଲେ। ଧାନ ଚାଷରୁ ଅଧିକ ଲାଭ ନ ମିଳିବାରୁ ସେ ୨୦୨୫-୨୬ ମସିହାରେ ରାଷ୍ଟ୍ରୀୟ ଉଦ୍ୟାନ ମିଶନ ସହାୟତାରେ କଲରା ଚାଷ ଆରମ୍ଭ କଲେ। କୃଷି ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ତାଙ୍କୁ ଚାଷ କରିବାକୁ ସହଜ ହୋଇଥିଲା। କଲରା ଚାଷ ପାଇଁ ସେ ବୁନ୍ଦା ଜଳ ସେଚନ, ମଲ୍‌ଚିଂ, ଆଧୁନିକ କୃଷି ଯନ୍ତ୍ରପାତି ଆଦି ବ୍ୟବହାର କରିଥିଲେ। ଏହାଦ୍ୱାରା ଗଛକୁ ଆବଶ୍ୟକମାତ୍ରାର ପାଣି ମିଳି ପାରିଥିଲା। ମଲ୍‌ଚିଂ କୌଶଳ ବ୍ୟବହାର ଯୋଗୁଁ ଘାସ ନିୟନ୍ତ୍ରଣ ସହ କଲରା ଚାଷ ଭଲ ହୋଇଥିଲା। ଏହି ଚାଷରୁ ଏକର ପିଛା ୧୮ ଟନ୍ କଲରା ଅମଳ ହୋଇଥିଲା। ଏଥିରୁ ସେ ବାର୍ଷିକ ପ୍ରାୟ ତିନିଲକ୍ଷ ଟଙ୍କା ଲାଭ ପାଇଥିଲେ। ଦୀପକ କୁହନ୍ତି, ଚାଷୀମାନେ ଅତ୍ୟାଧୁନିକ କୃଷି ପ୍ରଣାଳୀ ଏବଂ ସରକାରୀ ଯୋଜନାର ଲାଭ ଉଠାଇ ଚାଷରୁ ଲାଭବାନ ହୋଇ ପାରିବେ।

### କୃଷି ପାଞ୍ଜି

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଚାଷ ଜମିର ୧୦% ଅଞ୍ଚଳକୁ ଅତିରିକ୍ତ ବର୍ଷା ଜଳ ସଞ୍ଚୟ ଓ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ରଖନ୍ତୁ, ଏହା ମରୁଡ଼ି ପରିସ୍ଥିତିରେ ଜଳ ସେଚନ ପାଇଁ ବ୍ୟବହୃତ କରାଯାଇପାରିବ।
- ମାଟିରେ ଆବଶ୍ୟକ ଜଳୀୟାଂଶ ରହିବା ପରେ ଧାନର ଖରୁଡ଼ି କିମ୍ବା ବତୁରି ବୁଣା କରାଯିବା ଆବଶ୍ୟକ।
- ପରିପକ୍ୱ ଫଳକୁ ଅମଳ କରି ନିଅନ୍ତୁ।
- ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀଭାଇମାନଙ୍କୁ ଫସଲରେ କୀଟନାଶକ ଔଷଧ ସିଞ୍ଚନ ଓ ଜଳ ସେଚନ ଆଗାମୀ ଦୁଇ ଦିନ ପାଇଁ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି।
- ଆଖୁ ଫସଲରେ ସଅଳ କାଣ୍ଡ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ପୋକ ଓ ଅଣ୍ଡାପୁଞ୍ଜଗୁଡ଼ିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ। ଆକ୍ରାନ୍ତ ପିଲଗୁଡ଼ିକୁ ମାଟି ତଳୁ କାଟି ଦୂରରେ ନଷ୍ଟ କରି ଦିଅନ୍ତୁ।
- ବାଇଗଣ ଫସଲରେ ଏକର ପ୍ରତି ଯବକ୍ଷାରଜାନ ୫୦ କେଜି, ଫସ୍‌ଫରସ୍ ୩୦ କେଜି ଓ ପଟାସ ୫୦ କେଜି ତିନିଥରରେ ଦେଲେ ଭଲ।
- କାଜୁ ଗଛରେ ଉକୁଣିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ ଡିମେଟନ ସିଞ୍ଚନ କରନ୍ତୁ। ଗଛ ମୂଳରୁ ୧ ମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରୁ ଅନାବନା ଘାସ ବାଛି ଦିଅନ୍ତୁ।



# ବର୍ଷାଦିନିଆ ପନିପରିବା ଚାଷ

**ଋତୁ ଅନୁଯାୟୀ, ଚାଷ କରିଲେ ଫସଲରେ କମ୍ ରୋଗ ହେବା ସହିତ ଲାଭ ଅଧିକ ମିଳିଥାଏ। ତେଣୁ ଚାଷୀଭାଇମାନେ ମୌସୁମୀକୁ ଉପଯୋଗ କରି ବର୍ଷାଦିନିଆ ପନିପରିବା ଚାଷ କରିପାରିବେ।**

ଅଧିକ ସ୍ଥାନରେ ଚାଷ କରୁଥିବା ଚାଷୀ ବାଇଗଣ, କଖାରୁ ସହିତ ମକା, ମାଣ୍ଡିଆ ଲଗାଇ ପାରିବେ। କମ୍ ଜମିରେ ବାଇଗଣ, କାଙ୍କଡ଼, କାକୁଡ଼ି, ଜହ୍ନି ଲଗାଇବା ଉଚିତ। ଏଥିପାଇଁ ପ୍ରଥମେ ଚାଷ ଜମିକୁ ଲଙ୍ଗଳ କିମ୍ବା ଟ୍ରାକ୍ଟର ଜରିଆରେ ହଳ କରାଯାଏ। ଜୁନ୍ ମାସ ଶେଷ ସୁଦ୍ଧା ମନ୍ଦାକରି ଜହ୍ନି, କଖାରୁ, କାଙ୍କଡ଼ ଚାରା କିମ୍ବା ବିହନ ଲଗାଇବା ସହ ଧାଡ଼ି ଧାଡ଼ି କରି ବାଇଗଣ ତଳି ଓ ଭେଣ୍ଡି ବିହନ ଲଗାଯାଏ। ଚାରା କିମ୍ବା ବିହନ ଲଗାଇବାର ୧୫ଦିନ ପୂର୍ବରୁ ଝୁଡ଼ିଏ ସଢ଼ା ଗୋବରଖତକୁ ଗୁଣ୍ଡ କରି ମାଟିରେ ପ୍ରୟୋଗ କରିବା ଭଲ। ଏହାସହିତ ତଳି କିମ୍ବା ବିହନ ଲଗାଇବା ସମୟରେ ହାଲୁକା ଜଳ ସେଚନ ଜରୁରି। ପାଣିପାଗର ପୂର୍ବାନୁମାନ କରି ଫସଲରେ ଜଳ ସେଚନ ସହିତ ପୋକ ନିୟନ୍ତ୍ରଣ ଲାଗି ନିମାସ୍ତ୍ର ପ୍ରୟୋଗ କରି ପାରିବେ। ଅନ୍ୟାନ୍ୟ ରୋଗ ନିୟନ୍ତ୍ରଣ ଲାଗି ନିକଟସ୍ଥ କୃଷି ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରିବା ଆବଶ୍ୟକ।

# ଘି- କୁଆଁରୀରୁ ଜୈବିକ କୀଟ ନିୟନ୍ତ୍ରକ

ଘି-କୁଆଁରୀ ଏକ ଔଷଧୀୟ ଗଛ। ଘି-କୁଆଁରୀ ରସରେ ଯବକ୍ଷାରଜାନ, ଫସ୍‌ଫରସ୍ ଆଦି ପୋଷକତତ୍ତ୍ୱ ଥାଏ। ଜୈବିକ କୃଷି କ୍ଷେତ୍ରରେ ଏହାର ଅନେକ ଉପଯୋଗିତା ରହିଛି। ତେଣୁ ଚାଷୀଭାଇ କୃଷିକ୍ଷେତ୍ରରେ ଘି-କୁଆଁରୀକୁ ଜୈବିକ କୀଟ ନିୟନ୍ତ୍ରକ ରୂପେ ବ୍ୟବହାର କରି ପାରୁଛନ୍ତି।

- ଘି-କୁଆଁରୀ ଜୀବାଣୁ ନାଶକ, ଫିମ୍ପି ନାଶକ ଓ ଅନେକ ପ୍ରକାରର ପୋକ ନିୟନ୍ତ୍ରଣରେ ବ୍ୟବହାରଯୋଗ୍ୟ ଅଟେ।
- ନଡ଼ିଆ ଚାରା ରୋପଣ ସମୟରେ ମନ୍ଦାରେ ଘି-କୁଆଁରୀ ଗଛ ଲଗାଇବା ଦ୍ୱାରା ଏହା ପିମ୍ପୁଡ଼ି ଓ ସୂତ୍ରଜୀବ କବଳରୁ ସୁରକ୍ଷା ଦେଇଥାଏ।
- ଘି-କୁଆଁରୀର ପତ୍ରକୁ ଛୋଟ ଛୋଟ କାଟି ଏହା ସହିତ ସମପରିମାଣର କରଞ୍ଜ ପତ୍ର ବଟା ମିଶାଇ ତାହାକୁ ପେଷ୍ଟ କରାଯାଏ। ଏଥିରୁ ପ୍ରସ୍ତୁତ ତରଳ ଔଷଧକୁ ଏକ ଲିଟର ପାଣିରେ ମିଶାଇ ଗଛରେ ସିଞ୍ଚନ କଲେ ଏହା ଗଛରୁ କବକ ରୋଗ ପୋକ ନିୟନ୍ତ୍ରଣ କରେ। ମାସରେ ମାତ୍ର ଥରେ ଏହାକୁ ପ୍ରୟୋଗ କରିବା ଭଲ।
- ସମପରିମାଣର କରଞ୍ଜ ପିଡ଼ିଆ, ନିମ୍ବ ପିଡ଼ିଆ ସହିତ ଘି-କୁଆଁରୀ ରସ ଓ ଦେଶୀ ଗୋମୂତ୍ର ଅଧାଲିଟର ଓ ପାଣି ୫ ଲିଟର ମିଶାଇ ଏକ ଦ୍ରବଣ କରିପାରିବେ। ଏହି ଦ୍ରବଣ ୧ ଲିଟରକୁ ୫ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ଫସଲରେ ସିଞ୍ଚନ କଲେ ଫସଲ ଅନେକ ରୋଗ ପୋକରୁ ସୁରକ୍ଷିତ ରହିଥାଏ।

# ଛେଳିଙ୍କ ପାଇଁ ପିପିଆର୍ ଟିକା

**ଆମ ରାଜ୍ୟର ଅଧିକାଂଶ ଲୋକ ଛେଳିପାଳନ କରି ଜୀବିକା ନିର୍ବାହ କରିଥାନ୍ତି। ଛେଳିଙ୍କର ସଠିକ ଦେଖାଶୁଣା କଲେ ଛେଳିପାଳନରୁ ଲାଭ ମିଳେ। ଏଥିପାଇଁ ବର୍ଷାଦିନ ପୂର୍ବରୁ ଛେଳିଙ୍କୁ ପିପିଆର୍ ଟିକା ପ୍ରଦାନ କରିବା ଆବଶ୍ୟକ।**

ପିପିଆର୍ ଏକ ଭୂତାଣୁ ଜନିତ ରୋଗ। ସଂକ୍ରମିତ ଛେଳିଙ୍କଠାରୁ ଅନ୍ୟ ଛେଳିଙ୍କୁ ଏହି ରୋଗ ସହଜରେ ବ୍ୟାପିଥାଏ। ଏହି ରୋଗ ଯୋଗୁଁ ଛେଳି ଦୁର୍ବଳ ହୋଇ ଖିଆପିଆ କମାଇ ଦିଅନ୍ତି। ମୁହଁ ଓ ନାକରେ ଘା', ନାକ, ଆଖି ଓ ମୁହଁରୁ ଲାଳ ବାହାରିବା, ପାଚନ ତନ୍ତ୍ରରେ ଛାଲ ପଡ଼ିଯିବା, ପତଳା ରକ୍ତଝାଡ଼ା ହେବା ଆଦି ଲକ୍ଷଣ ଦେଖାଯାଏ। ଏଥିରେ ଛେଳିର ମୃତ୍ୟୁ ଆଶଙ୍କା ଅଧିକ ଥାଏ।

ତେଣୁ ଛେଳି ଜନ୍ମ ହେବାର ଚାରିମାସଠାରୁ ପିପିଆର୍ ଟିକା ଦେବା ଆବଶ୍ୟକ। ଛେଳିଙ୍କଠାରେ ଏହି ରୋଗର ଲକ୍ଷଣ ଦେଖାଗଲେ, ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ପିପିଆର୍ ଟିକା ଦେବା ବନ୍ଦୋବସ୍ତ କରିପାରିବେ। ଏହା ପ୍ରତ୍ୟେକ ସରକାରୀ ପ୍ରାଣୀ ଚିକିତ୍ସାଳୟରେ ମାଗଣାରେ ଉପଲବ୍ଧ। ସଂକ୍ରମିତ ଛେଳିକୁ ଅନ୍ୟ ଛେଳିଙ୍କଠାରୁ ପୃଥକ ରଖି ଖାଦ୍ୟ-ପେୟ ଦେବା ଆବଶ୍ୟକ।






# ବେଲ୍‌ଜିୟମ୍-ଇରାନ ମୁକାବିଲା ଅମୀମାଂସିତ

ଇଙ୍ଗଲେଉଡ୍,୨୨।୬(ଏଜେନ୍ସି): ଫିଫା ବିଶ୍ୱକପ୍ ଗ୍ରୁପ୍ 'ଜି'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ବେଲଜିୟମ ସହ ଉତ୍ସାହୀ ଇରାନ ସହ ମ୍ୟାଚ୍ ଡ୍ର ରଖିଛି। ଏହି ମ୍ୟାଚ୍‌ରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ପୂର୍ବରୁ ଉଭୟ ଦଳ ମଧ୍ୟ ସେମାନଙ୍କ ପ୍ରଥମ ମ୍ୟାଚ୍‌କୁ ଡ୍ର ରଖିଥିଲେ। ଇଜିପ୍ଟ ସହ ବେଲଜିୟମ ୧-୧ ଗୋଲରେ ଏବଂ ନ୍ୟୁଜିଲାଣ୍ଡ ସହ ଇରାନ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ଦ୍ୱିତୀୟ ରାଉଣ୍ଡ ଖେଳ ପରେ ଉଭୟ ଦଳ ୨ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଗ୍ରୁପ୍-ଜି'ର ଦ୍ୱିତୀୟ ସ୍ଥାନରେ ଇରାନ ଓ ତୃତୀୟ ସ୍ଥାନରେ ବେଲଜିୟମ ରହିଛି। ନକ୍‌ଆଉଟରେ ପ୍ରବେଶ କରିବାକୁ ହେଲେ ଉଭୟ ଦଳକୁ ତୃତୀୟ ତଥା ଶେଷ ରାଉଣ୍ଡ ମ୍ୟାଚରେ ଜିତିବା ଆବଶ୍ୟକ। ଗତଥର ବେଲଜିୟମ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ଏଥର ଯଦି ଶେଷ ଲିଗ୍ ମ୍ୟାଚ୍‌ରେ ଦଳ ନ୍ୟୁଜିଲାଣ୍ଡକୁ ହରାଇ ନ ପାରେ, ତେବେ ଏଥର ମଧ୍ୟ ପ୍ରଥମ ରାଉଣ୍ଡରୁ ବିଦା ହେବାର ଆଶଙ୍କା ରହିଛି। ଇରାନର ମଧ୍ୟ ସମାନ ଅବସ୍ଥା। ଦଳକୁ ନକ୍‌ଆଉଟରେ ପ୍ରବେଶ କରିବାକୁ ହେଲେ ବେଲଜିୟମ ଭଳି ଦଳକୁ ଶେଷ ରାଉଣ୍ଡରେ ଇଜିପ୍ଟ ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରିବାକୁ ହେବ। ବେଲଜିୟମର ବୟସାଧିକ ଖେଳାଳିଙ୍କ ନିକଟରେ ଆଉ ପୂର୍ବର ଚମକ ନାହିଁ। ରୋମେଲୁ ଲୁକାକୁ ଓ ଡି ବ୍ରୁଇନ୍‌ଙ୍କ ଭଳି ଖେଳାଳିମାନଙ୍କ ନିକଟରେ ଆଉ ସେ କଳାତ୍ମକ ଖେଳ ନାହିଁ। ଯାହାର ଫାଇଦା ଉଠାଇ ଇରାନ ଆରମ୍ଭରୁ ଶେଷଯାଏ ଆକ୍ରମଣ ରଚନା କରିଥିଲା। କିନ୍ତୁ ଗୋଲ ଦେବାରେ ସଫଳ ହୋଇ ନ ଥିଲା। ଅବଶ୍ୟ ଇଞ୍ଜୁରୀ ଟାଇମ୍‌ରେ ବେଲଜିୟମ ଗୋଟିଏ ଗୋଲ ଦେଇଥିଲା। ଭିଡିଓ ଆସିଷ୍ଟାଣ୍ଟ ରେଫରୀଙ୍କ ଦ୍ୱାରା ତାହା ନାକଚ ହୋଇଯାଇଥିଲା। ଫଳରେ ଏହି ମ୍ୟାଚ୍‌ଟି ଗୋଲଶୂନ୍ୟ ରହିଥିଲା।

## ସାଉଦୀ ଆରବକୁ ହରାଇଲା ସ୍ପେନ

ଆଟଲାଣ୍ଟ, ୨୨।୬ (ଏଜେନ୍ସି): ୨୦୧୦ ସଂସ୍କରଣ ବିଜେତା ସ୍ପେନ ଚଳିତ ଫିଫା ବିଶ୍ୱକପ୍‌ରେ ପ୍ରଥମ ବିଜୟ ପଏଣ୍ଟ ହାସଲ କରିଛି। ରବିବାର ରାତିରେ ସ୍ଥାନୀୟ ଆଟଲାଣ୍ଟ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏଚ୍'ର ଏକ ମୁକାବିଲାରେ ସ୍ପେନ ୪-୦ ଗୋଲରେ ଏକପାଖିଆ ଭାବେ ସାଉଦୀ ଆରବକୁ ହରାଇଦେଇଛି। ବିଜୟୀ ସ୍ପେନ ପକ୍ଷରୁ ମାଇକେଲ ଓୟାରଜାବଲ ୨୧ତମ ଓ ୨୪ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ଚଳିତ ବିଶ୍ୱକପ୍‌ର ଅନ୍ୟତମ ଷ୍ଟାର୍ ଖେଳାଳି ଲାମିନେ ୟାମଲା ୧୦ମ ମିନିଟରେ ଦଳ ପାଇଁ ଗୋଲ୍‌ଖାତା ଖୋଲିଥିଲେ। ପୂର୍ବରୁ ସ୍ପେନ ଏହାର ପ୍ରଥମ ମ୍ୟାଚରେ ପଦାର୍ପଣକାରୀ କେପ୍ ଭର୍ଡ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖିଥିଲା।

### ବିଶ୍ୱକପ୍‌ରେ ଆତ୍ମଘାତୀ ଗୋଲ

## ୧୦ ଦିନରେ ୮ ଥର

ଡଲାସ,୨୨।୬(ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ରେକର୍ଡ ଅତିକ୍ରମ କରିବା ଯେପରି ସହଜ, ସେହିପରି କଷ୍ଟକର ମଧ୍ୟ। କିନ୍ତୁ ଯେଉଁ ରେକର୍ଡକୁ ଦଳ, ଖେଳାଳି ଓ ସମର୍ଥକ ନାପସନ୍ଦ କରିଥାନ୍ତି ସେହିପରି ଏକ ରେକର୍ଡ ଚଳିତ ବିଶ୍ୱକପ୍‌ରେ ହେବାକୁ ଯାଉଛି। ଏହି ନକରାତ୍ମକ ରେକର୍ଡ ହେଉଛି ଆତ୍ମଘାତୀ ଗୋଲ ବା ନିଜ ଟିମ୍ ବିପକ୍ଷରେ ଗୋଲ୍ କରିବା। ରୁଷିଆରେ ଅନୁଷ୍ଠିତ ୨୦୧୮ ଫିଫା ବିଶ୍ୱକପ୍‌ରେ ଆତ୍ମଘାତୀ ଗୋଲ ସଂଖ୍ୟାର ରେକର୍ଡ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଗୋଲ ହୋଇଥିଲା। ଉତ୍ତରଆମେରିକା ବା ଯୁକ୍ତରାଷ୍ଟ୍ର, ମେକ୍ସିକୋ ଓ କାନାଡାରେ ଏଥର ଖେଳାଯାଉଥିବା ଫିଫା ବିଶ୍ୱକପ୍‌ରେ ଏହି ରେକର୍ଡ ଅତିକ୍ରମ କରିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଚଳିତ ସଂସ୍କରଣର ୧୦ମ ଦିନରେ ୮ଟି ଆତ୍ମଘାତୀ ଗୋଲ ହୋଇସାରିଲାଣି। ଏଥର ସର୍ବାଧିକ ୪୮ଟି ଟିମ୍ ଭାଗନେଉଥିବାରୁ ସ୍ୱାଭାବିକ୍ ଭାବେ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ। ଏଣୁ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଚଳିତ ବିଶ୍ୱକପ୍‌ର ୮ମ ଆତ୍ମଘାତୀ ଗୋଲ ସ୍କୋର କରିଛନ୍ତି ସାଉଦି ଆରବର ଡିଫେଣ୍ଡୀ ହାସନ ଅଲ ତାମ୍ବକ୍ତି। କିନ୍ତୁ ଆୟୋଜକ ଦେଶ ଆମେରିକା ଆତ୍ମଘାତୀ ଗୋଲରୁ ବେଶ୍ ଫାଇଦା ପାଇଛି। ଦଳ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ପ୍ରତିପକ୍ଷ ଦଳ ପାରାଗୁଏର ଡାମିଆନ୍ ବୋବାଡିଲା ପ୍ରଥମ ଆତ୍ମଘାତୀ ଗୋଲ ଦେଇଥିଲେ। ସେହିପରି ଦଳ ଖେଳିଥିବା ଦ୍ୱିତୀୟ ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆର କାମେରନ ବର୍ଜେସ ମଧ୍ୟ ଆତ୍ମଘାତୀ ଗୋଲ ଦେଇଥିଲେ। ଫଳରେ ଆମେରିକା ଖେଳିଥିବା ଦୁଇଟି ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱୀ ଦଳର ପକ୍ଷରୁ ଏହି ନକରାତ୍ମକ ଖେଳ ପ୍ରଦର୍ଶନ କରାଯାଇଛି।

### ସଲାଙ୍କ ପ୍ରଥମ ଗୋଲ୍

# ଇଜିପ୍ଟର ଐତିହାସିକ ବିଜୟ

ଭାଙ୍କୋଭର,୨୨।୬(ଏଜେନ୍ସି)



ସୁପରଷ୍ଟାର ମହମ୍ମଦ୍ ସଲାଙ୍କ ଚମତ୍କାର ଗୋଲ ବଳରେ ସ୍ଥାନୀୟ ବିସି ପ୍ଲେସ୍‌ଠାରେ ରବିବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଜି'ର ଏକ ମୁକାବିଲାରେ ଇଜିପ୍ଟ ୩-୧ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ବିଶ୍ୱକପ୍ ଇତିହାସରେ ପ୍ରଥମ ବିଜୟ ହାସଲ କରିଛି। ଏହି ବିଜୟ ସହ ଇଜିପ୍ଟ ମଧ୍ୟ ଗ୍ରୁପ୍-ଜି'ରେ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। କିନ୍ତୁ ଏହାର ନକ୍‌ଆଉଟ ପ୍ରବେଶ କରିବା ଚୂଡାନ୍ତ ହୋଇନାହିଁ। ଦଳ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଶକ୍ତିଶାଳୀ ଇରାନକୁ ଭେଟିବ। ଇଜିପ୍ଟ ଯଦି ଏହି ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୁଏ, ତେବେ ଦଳ ରାଉଣ୍ଡ ଅଫ୍ ୩୨ ବା ନକ୍‌ଆଉଟକୁ ଉନ୍ନୀତ ହେବ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବେଲଜିୟମ ସହ ଇରାନ ଗୋଲଶୂନ୍ୟ ଭାବେ ମ୍ୟାଚ୍ ଡ୍ର ରଖିଥିଲା। ଫଳରେ ଗ୍ରୁପ୍-ଜି'ରେ ନକ୍‌ଆଉଟ ପ୍ରବେଶ ରୋଚକସ୍ଥିତିରେ ରହିଛି। ୨ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ଥିବା ବେଲଜିୟମ ତାହାର ଶେଷ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ହରାଇପାରିଲେ ନକ୍‌ଆଉଟକୁ ଯିବ। ନଚେତ ଅନ୍ୟଦଳର ପ୍ରଦର୍ଶନ ଉପରେ ନିର୍ଭର କରିବା କିମ୍ବା ଗତଥର ଭଳି ପ୍ରଥମ ରାଉଣ୍ଡରୁ ବିଦାୟ ନେବ।

ଭାଙ୍କୋଭରରେ ଖେଳାଯାଇଥିବା ଏହି ମୁକାବିଲାରେ ସୁପରଷ୍ଟାର ମହମ୍ମଦ୍ ସଲା ନିଃସନ୍ଦେହରେ ମ୍ୟାଚ୍‌ର ହିରୋ ସାଜିଥିଲେ। ତାଙ୍କର କଳାତ୍ମକ ଖେଳ ଷ୍ଟାଡିୟମ୍‌ରେ ଉପସ୍ଥିତି ଦର୍ଶକଙ୍କୁ ବେଶ ଆମୋଦିତ କରିଥିଲା। ଖେଳର ୬୭ତମ ମିନିଟ୍‌ରେ ସେ ଚଳିତ ବିଶ୍ୱକପ୍‌ରେ ପ୍ରଥମ ତଥା କ୍ୟାରିୟରରେ ୬୮ତମ ଅନ୍ତର୍ଜାତୀୟ ଗୋଲ ସ୍କୋର କରିଥିଲେ। ତାଙ୍କ ଆସିଷ୍ଟରେ ଇଜିପ୍ଟ ପକ୍ଷରୁ ଖେଳର ୫୮ତମ ମିନିଟ୍‌ରେ ମୋସ୍ତାଫା ଜିକୋ ପ୍ରଥମ ଗୋଲ ଦେଇଥିଲେ। ସେ କିନ୍ତୁ ଏହି ମ୍ୟାଚ୍‌କୁ ପୂରା ନିୟନ୍ତ୍ରଣରେ ରଖିଥିଲେ। ଖେଳର ୮୨ତମ ମିନିଟ୍‌ରେ ଟ୍ରେଜ୍‌ଗୁଏଟ ତୃତୀୟ ଗୋଲ ଦେବା ଫଳରେ ଏହି ମ୍ୟାଚ୍‌ରେ ଇଜିପ୍ଟ ଆଉ ପରାଜିତ ହେବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଦଳର ବିଜୟ ସ୍ପଷ୍ଟ ହେବା ପରେ ୮୫ତମ ମିନିଟ୍‌ରେ ପଡ଼ିଆ ଛାଡିଥିଲେ ସଲା। ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ ଛିଡ଼ା ହୋଇ ତାଙ୍କ ଖେଳକୁ ସ୍ୱୀକୃତି ଦେବା ସହ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ପୂର୍ବରୁ ଖେଳର ୧୫ତମ ମିନିଟ୍‌ରେ ଫିନ୍ ସର୍ମନ ଗୋଲ ସ୍କୋର କରି ନ୍ୟୁଜିଲାଣ୍ଡକୁ ଅଗ୍ରଣୀ କରାଇଥିଲେ। ଏହି ଗୋଲ ଶୁଝାଇବାକୁ ଇଜିପ୍ଟ ସଲାଙ୍କ ଖେଳ ଉପରେ ନିର୍ଭର କରିଥିଲା। ସେ ମଧ୍ୟ ଦୁଇଥର ଗୋଲ ଦେବାର ସୁଯୋଗ ହରାଇଥିଲେ।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୨୩, ମଙ୍ଗଳବାର ରାତି |
| ପର୍ତ୍ତୁଗାଲ-ଉଜ୍‌ବେକିସ୍ତାନ |
| ହଷ୍ଟନ, ରାତି ୧୦.୩୦ |
| ଇଂଲଣ୍ଡ-ଘାନା |
| ଫକ୍ସବର୍ଗ, ରାତି ୧.୩୦ |
| କ୍ରୋଏସିଆ-ପାନାମା |
| ଟରଣ୍ଟୋ, ରାତି ୪.୩୦ (୨୪ ତାରିଖ ଭୋର) |
| ଜୁନ୍-୨୪ ବୁଧବାର ସକାଳ |
| କଲମ୍ବିଆ-କଙ୍ଗୋ |
| ଜାପୋପାନ୍, ସକାଳ ୭.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ସ୍ପେନ୍ ଖେଳାଳି ହଟହଟା

ନ୍ୟୁୟର୍କ, ୨୨।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥାକୁ ନେଇ ସ୍ପେନ ଦଳର ଫରୱାର୍ଡ ବୋର୍ଜା ଇଗ୍ଲେସିଆସ୍‌ଙ୍କୁ ହଟହଟା ହେବାକୁ ପଡ଼ିଛି। ସ୍ପେନ ଟିମ୍ ରହୁଥିବା ଅବସ୍ଥିତ ଚାଟାନୁଗା ହୋଟେଲର ସୁରକ୍ଷାକର୍ମୀ ବୋର୍ଜାଙ୍କୁ ଚିହ୍ନି ପାରି ନ ଥିଲେ। ଏପରିକି ତାଙ୍କ ପାଖରେ ତାଙ୍କ ପାଖରେ ସୁରକ୍ଷା ପାସ୍ ମଧ୍ୟ ନ ଥିଲା। ଫଳରେ ବୋର୍ଜାଙ୍କୁ ହୋଟେଲରେ ପ୍ରବେଶ କରିବାକୁ ମନା କରିଦେଇଥିଲେ। ଶେଷରେ ପ୍ରବେଶ ପାଇଁ ବୋର୍ଜା ସାଥୀ ଖେଳାଳିଙ୍କୁ ଡାକିବାକୁ ପଡିଲା।

### ଫ୍ରି କିକ୍‌ରୁ ଡେବ୍ୟୁଟାଣ୍ଟ ଟିମ୍‌ର ପ୍ରଥମ ଗୋଲ

# ଉରୁଗୁଏ -କେପ୍ ଭର୍ଡ ମ୍ୟାଚ୍ ଡ୍ର

ମିଆମି,୨୨।୬(ଏଜେନ୍ସି): ଡେବ୍ୟୁଟାଣ୍ଟ କେପ୍ ଭର୍ଡ ପକ୍ଷରୁ ପ୍ରଥମ ଗୋଲ ଫ୍ରି କିକ୍‌ରୁ ମିଳିଛି। କେଭିନ ପିନା ଏହି ଗୋଲଟି ସ୍କୋର କରି ଇତିହାସ ସୃଷ୍ଟି କରିଛନ୍ତି। ଡେବ୍ୟୁଟାଣ୍ଟ ଟିମ୍ ଭାବେ କେପ୍ ଭର୍ଡ ବିଶ୍ୱକପ୍‌ରେ ପ୍ରଥମ ଗୋଲ ଫ୍ରି କିକ୍‌ରୁ ସ୍କୋର କରି ଏହି ଇତିହାସ ସୃଷ୍ଟି କରିଛି। ୧୯୬୬ ପରେ ପ୍ରଥମଥର ଗୋଟିଏ ଡେବ୍ୟୁଟାଣ୍ଟ ଟିମ୍ ଫ୍ରି କିକ୍‌ରୁ ଗୋଲ ଦେଇଛି। ଏହି ଗୋଲ ବଳରେ କେପ୍ ଭର୍ଡ ଚଳିତ ବିଶ୍ୱକପ୍‌ରେ ତାହାର ଉତ୍ସାହଜନକ ଖେଳ ପ୍ରଦର୍ଶନ କରି ୨ଥରର ବିଶ୍ୱ ଚାମ୍ପିଅନ ଉରୁଗୁଏ ସହ ମ୍ୟାଚ୍ ଡ୍ର ରଖିଛି। ଗ୍ରୁପ୍-ଏଚ୍‌ରେ କେପ୍ ଭର୍ଡର ଏହା ଦ୍ୱିତୀୟ ଡ୍ର ମ୍ୟାଚ୍। ପୂର୍ବରୁ ଗ୍ରୁପ୍‌ର ଶକ୍ତିଶାଳୀ ଟିମ୍ ସ୍ପେନ୍ ସହ କେପ୍ ଭର୍ଡ ଜବରଦସ୍ତ ଖେଳି ମ୍ୟାଚ୍ ଡ୍ର ରଖିଥିଲା। ଫଳରେ ୨ଟି ମୁକାବିଲାରୁ ୨ଟି ଡ୍ର ଫଳରେ କେପ୍ ଭର୍ଡ ନକ୍‌ଆଉଟରେ ପ୍ରବେଶ କରିବା ଆଶାରେ ରହିଛି। ଦଳ ତାହାର ଶେଷ ଲିଗ୍ ମ୍ୟାଚ୍ ସାଉଦି ଆରବ ସହ ଖେଳିବ। ଏହି ମ୍ୟାଚ୍‌ରେ ଯଦି ବିଜୟୀ ହୁଏ, ତେବେ ଏକ ଡେବ୍ୟୁଟାଣ୍ଟ ଦଳ ଭାବେ ନକ୍‌ଆଉଟରେ ପ୍ରବେଶ କରି କେପ୍ ଭର୍ଡ ଆଉ ଏକ ଇତିହାସ ଦୋହରାଇବ।



ମିଆମି ଷ୍ଟାଡିୟମ୍‌ରେ ଖେଳା-ଯାଇଥିବା ଏହି ମୁକାବିଲାଟି ୨-୨ ଗୋଲରେ ଡ୍ର ରହିଥିଲା। ଖେଳର ୨୧ତମ ମିନିଟ୍‌ରେ କେଭିନ କୁନା ଫ୍ରି କିକ୍‌ରୁ ଗୋଲ ସ୍କୋର କରି କେପ୍ ଭର୍ଡକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଉରୁଗୁଏ ଏହାର କଡ଼ା ଜବାବ ଦେଇଥିଲା। ଦଳ ପକ୍ଷରୁ ମ୍ୟାକ୍ସି ଅରୁଜୋ ଓ ଅଗଷ୍ଟିନ୍ କାନୋବିଓ ଗୋଟିଏ ଲେଖାଏଁ ଗୋଲ ଦେବା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଉରୁଗୁଏ ୨-୧ ଗୋଲରେ ଅଗ୍ରଣୀ ରହିଥିଲା। କେପ୍ ଭର୍ଡ କିନ୍ତୁ ହାର୍ ମାନି ନ ଥିଲା। ହେଲିଓ ଭାରେଲା ବଦଳ ଖେଳାଳି ଭାବେ ଆସିବା ପରେ କେପ୍ ଭର୍ଡର ଆକ୍ରମଣ ବୃଦ୍ଧି ପାଇଥିଲା। ଉରୁଗୁଏର ଡିଫେନ୍ସ ଖେଳାଳି ମାଥିଆସ ଅଲିଭେରାଙ୍କ ତ୍ରୁଟିରୁ ଫାଇଦା ଉଠାଇ ଭାରେଲା ଗୋଲ ଶୁଝାଇଦେଇଥିଲେ। ଏହି ଗୋଲ ବଳରେ କେପ୍ ଭର୍ଡ ଏହି ମୁକାବିଲାରୁ ଡ୍ର ରଖିବା ସହ ଚଳିତ ଟୁର୍ଣ୍ଣାମେଣ୍ଟରେ ଏଯାଏ ଅପରାଜିତ ରହିଛି। ଦଳ ତାହାର ଏଭଳି ପ୍ରଦର୍ଶନ ଯଦି ସାଉଦି ଆରବ ବିପକ୍ଷରେ ଦୋହରାଏ, ତେବେ କେପ୍ ଭର୍ଡ ନିଶ୍ଚିତ ଇତିହାସ ସୃଷ୍ଟି କରିବ।

## କ୍ରୋଏସିଆ ପ୍ରଶଂସିକାଙ୍କୁ ପ୍ରପୋଜ୍ କରି ନିରାଶ

ଡଲାସ, ୨୨।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ଏକ ରୋଚକ ଘଟଣା ଦେଖିବାକୁ ମିଳିଛି। ନିକଟରେ କ୍ରୋଏସିଆ ଓ ଇଂଲଣ୍ଡ ମଧ୍ୟରେ ଗ୍ରୁପ୍-ଏଲ୍'ର ଏକ ମ୍ୟାଚ୍ ପରେ ଜଣେ ଇଂଲଣ୍ଡ ପ୍ରଶଂସକ ଷ୍ଟାଡିୟମ ବାହାରେ କ୍ରୋଏସିଆର ଜଣେ ମହିଳା



ପ୍ରଶଂସିକାଙ୍କୁ ପ୍ରପୋଜ କରିଥିଲେ। ଇଂଲଣ୍ଡର ଏହି ଯୁବକ ଜଣଙ୍କ ରାସ୍ତାରେ ଆଣ୍ଠୁମାଡ଼ି କ୍ରୋଏସିଆ ମହିଳାଙ୍କୁ ବିବାହ ଲାଗି ପ୍ରସ୍ତାବ ଦେଇଥିଲେ। ତେବେ କ୍ରୋଏସିଆ ପ୍ରଶଂସିକାଜଣଙ୍କ ଏହାକୁ ପ୍ରତ୍ୟାଖାନ କରିଦେଇଥିଲେ। ଫଳରେ ଯୁବକ ଜଣକ ନିରାଶ ହୋଇଥିବା ଦେଖିବାକୁ ମିଳିଥିଲା।

# ଏସିଆ ମହାଦେଶର ଦମ୍‌ଦାର ପ୍ରଦର୍ଶନ

ଡଲାସ,୨୨।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ୪୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଯାହା ଫଳରେ ଏସିଆ ମହାଦେଶର ଅଂଶଗ୍ରହଣକାରୀ ଦେଶର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ବିଶ୍ୱକପ୍ ହେଉଛି ଫୁଟବଲ ଖେଳ ପ୍ରଦର୍ଶନ କରିବାର ସର୍ବଶ୍ରେଷ୍ଠ ପ୍ଲାଟଫର୍ମ। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ଓ କିଛି ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌କୁ ଦେଖିଲେ ଚଳିତ ସଂସ୍କରଣରେ ଏସିଆ ମହାଦେଶର ଅଂଶଗ୍ରହଣକାରୀ ଦେଶ ଗୁଡିକ କେବଳ ସଂଖ୍ୟା ବଢ଼ାଇବାକୁ ଆସିନାହାନ୍ତି, ବରଂ ଏସିଆ ଫୁଟବଲର ଦମ୍ ପ୍ରଦର୍ଶନ କରିଛନ୍ତି। ଯୁଗ୍ମ ଆୟୋଜକ ଭାବେ ସେମିଫାଇନାଲରେ ପ୍ରବେଶ କରିଥିବା ଦକ୍ଷିଣ କୋରିଆ ପ୍ରଥମ ରାଉଣ୍ଡରେ ଗୋଟିଏ ଗୋଲ ପଛରେ ଥାଇ ମଧ୍ୟ ଚେକିଆକୁ ପରାସ୍ତ କରିଥିଲା।



ମହାଦେଶର ଦ୍ୱିତୀୟ ଶକ୍ତିଶାଳୀ ଦେଶ ଜାପାନ ପ୍ରଥମ ରାଉଣ୍ଡରେ ଶକ୍ତିଶାଳୀ ତଥା ଟାଇଟଲ ଆଶାୟୀ ନେଦରଲ୍ୟାଣ୍ଡସ ମ୍ୟାଚ୍ ଡ୍ର ରଖିବା ପରେ ଦ୍ୱିତୀୟ ରାଉଣ୍ଡରେ ଟ୍ୟୁନିସିଆକୁ ୪-୦ ଗୋଲରେ ପରାସ୍ତ କରି ରେକର୍ଡ ବିଜୟ ହାସଲ କରିଛି। ଅନ୍ୟତମ ଶକ୍ତିଶାଳୀ ଦେଶ ଇରାନ ତାହାର ପ୍ରଥମ ଦୁଇଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ଶକ୍ତିଶାଳୀ ବେଲଜିୟମ ସହ ମ୍ୟାଚ୍ ଡ୍ର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଖେଳି କତାର ଓ ସାଉଦି ଆରବ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମଥର ଅଂଶଗ୍ରହଣ କରି ଜୋର୍ଡାନ ଓ ଉଜ୍‌ବେକିସ୍ତାନ ଦୁର୍ବଳ ଦଳ ନୁହେଁ ବୋଲି ପ୍ରଦର୍ଶନ ମାଧ୍ୟମରେ ଦର୍ଶାଇଛନ୍ତି। ଇରାକ ଭଲ ଖେଳି ନ ପାରି ମ୍ୟାଚ୍ ହାରିଯାଇଛି। ଏସିଆ ମହାଦେଶର ଖେଳାଳି କିନ୍ତୁ ଦମ୍ ଦେଖାଇଛନ୍ତି।

# ମାତୃତ୍ୱକୁ ନେଇ ଆଇସିସିର ଐତିହାସିକ ପଦକ୍ଷେପ

ଦୁବାଇ, ୨୨।୬ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଗର୍ଭାବସ୍ଥା ପରେ ଖେଳକୁ ପ୍ରତ୍ୟାବର୍ତ୍ତନ ସମ୍ବନ୍ଧରେ ଏକ ଐତିହାସିକ ନିଷ୍ପତ୍ତି ନେଇଛି। ମହିଳା କ୍ରିକେଟରମାନଙ୍କ ପାଇଁ ମାତୃତ୍ୱ ପରେ ଖେଳକୁ ଫେରିବା ପାଇଁ ନିର୍ଦ୍ଦେଶାବଳୀ ଆରମ୍ଭ କରିଛି। ଯେଉଁଥିରେ ଗର୍ଭାବସ୍ଥା, ପ୍ରସବ ଏବଂ ଏଲିଟ୍ କ୍ରିକେଟକୁ ଫେରିବା ସମୟରେ ଖେଳାଳିମାନଙ୍କୁ ସମର୍ଥନ କରିବା ପାଇଁ ଏକ ବ୍ୟାପକ ଢାଞ୍ଚା ପ୍ରସ୍ତୁତ କରାଯାଇଛି। ନିର୍ଦ୍ଦେଶାବଳୀରେ ସୁପାରିଶ କରାଯାଇଛି ଯେ ସଦସ୍ୟ ବୋର୍ଡଗୁଡ଼ିକ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ଜଣେ ଉତ୍ସର୍ଗୀକୃତ କେସ୍ ମ୍ୟାନେଜର ନିଯୁକ୍ତ କରିବେ। ଯିଏକି ଖେଳାଳିଙ୍କୁ ତାଲିମ ପରିବେଶ, ଶିଶୁ ଯତ୍ନ ଏବଂ ଯାତ୍ରା ସହାୟତା ପ୍ରଦାନ କରିବେ। ଏଥିସହ ଗର୍ଭାବସ୍ଥା ଏବଂ ପ୍ରସବ ପରେ ଚିକିତ୍ସା ଏବଂ ସୁସ୍ଥତା ସେବାର ଉପଲବ୍ଧତା ନିଶ୍ଚିତ କରିବେ। ମହିଳା କ୍ରିକେଟର ଲୋକପ୍ରିୟତା ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଫଳରେ ଖେଳାଳିମାନେ ସେମାନଙ୍କ କ୍ୟାରିୟର ମଧ୍ୟରେ ପରିବାର ଆରମ୍ଭ କରିବାର ସୁଯୋଗ ପାଇପାରିବେ।

## ବିସିସିଆଇ କ୍ୟାମ୍ପରେ ଓଡ଼ିଶାର ଅନନ୍ୟା



ଭୁବନେଶ୍ୱର, ୨୨।୬ (ସମିସ): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ୨୩ ବର୍ଷରୁ କମ୍ ମହିଳା ହାଇ-ପରଫର୍ମାନ୍ସ କ୍ୟାମ୍ପ ଅନୁଷ୍ଠିତ ହେବାକୁଯାଉଛି। ଜୁଲାଇ ୧୩ରୁ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଏହି କ୍ୟାମ୍ପ ହେବ। ଏହି କ୍ୟାମ୍ପ ଲାଗି ବିସିସିଆଇ ପକ୍ଷରୁ ଘୋଷିତ ଦଳରେ ଓଡ଼ିଶାର ଅନନ୍ୟା ମିଶ୍ର ସ୍ଥାନ ପାଇଛନ୍ତି। ବଲାଙ୍ଗିରର ଅନନ୍ୟା ଜଣେ ଡାହାଣହାତୀ ବ୍ୟାଟର ସହ ମଧ୍ୟଗତିର ବୋଲର।

## କିଟ୍‌ରେ ଟେନିସ୍ ଏକ୍ସଚେଞ୍ଜ ପ୍ରୋଗ୍ରାମ

ଭୁବନେଶ୍ୱର,୨୨।୬(ସମିସ): କିଟ୍ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଲିଆଣ୍ଡର ପେସ୍ ଟେନିସ ଷ୍ଟାଡିୟମଠାରେ 'ଲିଆଣ୍ଡର ପେସ୍ ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ', ବେଙ୍ଗଲ ଟେନିସ ଆସୋସିଏସନ (ବିଟିଏ) ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ୩ ଦିନିଆ 'ଟେନିସ ଏକ୍ସଚେଞ୍ଜ ପ୍ରୋଗ୍ରାମ' ସୋମବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଭାବାନ ଜୁନିଅର ଓ ସିନିଅର ଟେନିସ ଖେଳାଳିମାନେ ଉନ୍ନତମାନର ପ୍ରଶିକ୍ଷଣ ଓ ପରସ୍ପର ମଧ୍ୟରେ ବୈଷୟିକ ଜ୍ଞାନ ଆଦାନପ୍ରଦାନ କରିବାର ସୁଯୋଗ ପାଇବେ। ଏହି ଅବସରରେ କିଟ୍, କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଛନ୍ତି।

### କଳିଙ୍ଗରେ ଜାତୀୟ ଆନ୍ତଃରାଜ୍ୟ ସିନିଅର ଦୌଡ଼କୁଦ ୨୪ରୁ

# ଓଡ଼ିଶା ଦଳରେ କିଶୋର-ଅନିମେଶ, ଶ୍ରାବଣୀ-ପୂର୍ଣ୍ଣିମା

ଭୁବନେଶ୍ୱର, ୨୨।୬ (ସମିସ)



ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତା ୨୪ରୁ ୨୮ ପର୍ଯ୍ୟନ୍ତ ଆୟୋଜନ ହେବ ୬୫ତମ ଜାତୀୟ ଆନ୍ତଃରାଜ୍ୟ ସିନିଅର ଦୌଡ଼କୁଦ ପ୍ରତିଯୋଗିତା। ୫ ଦିନ ଧରି ହେବାକୁ ଥିବା ପ୍ରତିଯୋଗିତା ଲାଗି ଆୟୋଜକ ଓଡ଼ିଶା ଦୌଡ଼କୁଦ ସଂଘ ପକ୍ଷରୁ ଓଡ଼ିଶାର ଏକ ୨୯ଜଣିଆ ଖେଳାଳି ଦଳ ଘୋଷଣା କରାଯାଇଛି। ଦଳରେ ୧୫ ପୁରୁଷ ଓ ୧୪ ମହିଳା ଆଥ୍‌ଲେଟ୍ ରହିଛନ୍ତି। ଓଡ଼ିଶା ଦଳରେ ତାରକା ଆଥ୍‌ଲେଟ୍ ଭାବେ ଅନିମେଷ କୁଜୁର, ଅମିୟ କୁମାର ମଲ୍ଲିକ, ଡି.ଏମ୍. ଜୟରାମ, କିଶୋର ଜେନା, ଲାଲୁ ପ୍ରସାଦ ଭୋଇ, ଶ୍ରାବଣୀ ନନ୍ଦ, ଦିବ୍ୟା ସାଣ୍ଡିଲ୍ୟ, ପୂର୍ଣ୍ଣିମା ହେମ୍ବ୍ରମ୍, ମୌସୁମୀ ରାୟଙ୍କ ପରି ଖ୍ୟାତାନାମା ତଥା ଅନ୍ତର୍ଜାତିକ ଆଟ୍‌ଲେଟ ଭାଗ ନେଉଛନ୍ତି। ଏମାନେ ଆୟୋଜକ ଓଡ଼ିଶାକୁ ଅଧିକ ପଦକ ଜିତାଇବେ ବୋଲି ଆଶା କରାଯାଉଛି। ଓଡ଼ିଶା ଦୌଡ଼କୁଦ ଦଳ: ଅନିମେଷ କୁଜୁର (୧୦୦ ମି., ୨୦୦ ମି, ୧୦୦ ମିଟର ରିଲେ); ଲାଲୁପ୍ରସାଦ ଭୋଇ (୧୦୦ ମି., ୧୦୦ ମିଟର ରିଲେ); ଡି.ଏମ. ଜୟରାମ (୧୦୦ ମି., ୨୦୦ ମି, ୧୦୦ ମିଟର ରିଲେ); ସାରୁନ୍ ପାୟାସିଂହ (ଲଙ୍ଗଜମ୍ପ, ୧୦୦ ମିଟର ରିଲେ); ମହେନ୍ଦ୍ର ସାନ୍ତା (୨୦୦ ମି, ୧୦୦ ମିଟର ରିଲେ); ଅମିୟ କୁମାର ମଲ୍ଲିକ (୧୦୦ ମି., ୧୦୦ ମିଟର ରିଲେ); ଆସ୍ତିକ ପ୍ରଧାନ (୪୦୦ ମି, ୪୦୦ ମିଟର ମିକ୍ସଡ ରିଲେ, ୪୦୦ ମି. ରିଲେ); ମଳୟ ବାରିକ (୪୦୦ ମି, ୪୦୦ ମିଟର ମିକ୍ସଡ ରିଲେ, ୪୦୦ ମି. ରିଲେ); ବାପି ହାଁସଦା (୪୦୦ ମିଟର ରିଲେ); ସ୍ୱପ୍ନିଲ ଆହିର (୪୦୦ ମିଟର ରିଲେ); ନୋବଲ କୁମାର କିଷାନ୍ (୪୦୦ ମିଟର ରିଲେ); ଯଶବୀର ବିଲୁଙ୍ଗ (୪୦୦ ମିଟର ରିଲେ); ସ୍ୱାଧୀନ କୁମାର ମାଝୀ (ହାଇଜମ୍ପ); ଶ୍ରାବଣୀ ନନ୍ଦ (୧୦୦ ମି., ୨୦୦ ମି, ୧୦୦ ମିଟର ରିଲେ); ମୌସୁମି ରାୟ (୧୦୦ ମି., ୨୦୦ ମି, ୧୦୦ ମିଟର ରିଲେ); ବିନୀତା ବେହେରା (୧୦୦ ମିଟର ରିଲେ); ମେରୀମୁକ୍ତା ସେରେଙ୍ଗ (୧୦୦ ମି., ୧୦୦ ମିଟର ରିଲେ, ହାଇଜମ୍ପ); ସବିତା ଟପ୍ପୋ (୧୦୦ ମି. ହର୍ଡଲ୍ସ, ୧୦୦ ମିଟର ରିଲେ); ମନୀଷା ମେରେଲ (ଲଙ୍ଗଜମ୍ପ, ୧୦୦ ମିଟର ରିଲେ); ସୁଖୀ ବାସ୍କେ (୪୦୦ମି. ୪୦୦ ମିଟର ରିଲେ); ସୁସ୍ମିତା ଟିଗା (୩୦୦୦ମି. ଟ୍ରିପଲ ଚେଜ); ପ୍ରଜ୍ଞା ସାହୁ (୧୦୦ମି. ହର୍ଡଲ୍ସ); ମହକ ନସ୍ରିନ୍ (ହାଇଜମ୍ପ); ସାଲିମି କିସ୍‌ପୋଟା (ଡିସ୍କସ); ଦିବ୍ୟା ସାଣ୍ଡିଲ୍ୟ (ହାମ୍ମର ଥ୍ରୋ); ପୂର୍ଣ୍ଣିମା ହେମ୍ବ୍ରମ୍ (ହେପ୍ଟାଥଲନ); ଦୀପ୍ତିରାଣୀ ସାହୁ (୮୦୦ ମି., ୪୦୦ମି. ରିଲେ)।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS